



# ମାତା ପିତା


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ଚାଞ୍ଚଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

## ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

ଅନୁବାଦକ : **ରଘୁନାଥ ମାନସିଂହ**






ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ - 45 ପ୍ରଥମ ମୁଦ୍ରଣ : March 2023

ସଂଖ୍ୟା : 1000 ମୂଲ୍ୟ : /-

# ଯୋଗୀଶ୍ୱରଙ୍କ ଗ୍ରନ୍ଥଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)


୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱର ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ ! !
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟଣା
୧୫. ପ୍ରତିମା× ବିଗ୍ରହ - ଦୈବ× ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ ! !
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗଡ଼ା
୨୮. ପ୍ରବୋଧା
୨୯. ସୁବୋଧା
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ କ୍ରୈସ୍ତବ ?
୫୮. ନାସ୍ତିକ-ଆସ୍ତିକ

## ଯୋଗୀଶ୍ୱରଙ୍କ ଶୃଙ୍ଖଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧା ତରଙ୍ଗ
୬୦. ଗୀତା ପରିଚୟ
୬୧. ତ୍ରୈତ ସିଦ୍ଧାନ୍ତ
୬୨. ବାର୍ତ୍ତକ - ବର୍ତ୍ତକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଡିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କବ୍ଜା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଂଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ? କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭୀଚାରୀ ?
୧୦୦. ଶତଂ
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ଶୁନ
୧୦୫. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗ୍ରନ୍ଥାଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)

୧. ଗୁର୍ତିଞ୍ଚବଡନିବାଡୁ ଗୁରବୁ
୨. ପୁଟିନରୋଜୁ ଏବରିକି ରାଦୁ
୩. ଦ୍ୱିତୀୟୁଡୁ-ଅଦ୍ୱିତୀୟୁଡୁ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍
୫. ମାୟକୁଡୁ-ଅମାୟକୁଡୁ
୬. ତଲ୍ଲି ତଣ୍ଡ୍ରି-ଗୁରୁ ଦୈବମୁ
୭. ଗୁରୁବୁଲେନି ବିଦ୍ୟା ଗୁଡ୍ଡିବିଦ୍ୟା
୮. ମତମୁଲଲୋ ପବିତ୍ରଯୁଦ୍ଧମୁ
୯. ପ୍ରପଂଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶଂ ମୋସଂ-ଦେହଂ ମୋହଂ
୧୧. ଏଦମିଦା ମୁଦ୍ରା-ତଲ୍ଲିତଣ୍ଡ୍ରି ଗୁର୍ତୁ
୧୨. ମୁଡୁ ପୁଟକାଲୁ-ରେଣ୍ଡୁ ଜାଗାଲୁ
୧୩. ଯୋଗୀଶ୍ୱରୁଲ ଜନ୍ମଦିନ ସଂଦେଶମ୍
୧୪. ତେଲୁଗୁଲୋ ମୁଡୁ-ଆରୁ-ତୁମ୍ମିଦି
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬-ବାୟିଟି ସମାଜମ୍-ଲୋପଲି ସମାଜମ୍
୧୭. ଦେଉନି ଜ୍ଞାନଂ-ମାୟା ମାହାତ୍ମ୍ୟମ୍
୧୮. ମୁଡୁ ନିର୍ମାଣାଲୁ-ଓକ ପରିଶୁଭ୍ରତା
୧୯. ସହଜ ମରଣମ୍-ତାହାଲିକ ମରଣମ୍
୨୦. ମେଘଂ ଓକ ଭୂତଂ-ରୋଗଂ ଓକ ଭୁତଂ
୨୧. କର୍ମ ଲେନି କୃଷ୍ଣୁଡୁ-କର୍ମ ଉନ୍ନା କୃଷ୍ଣୁଡୁ
୨୨. ସ୍ୱାର୍ଥ ରାଜକୀୟଂ (ସ୍ୱ+ଅର୍ଥ ରାଜକୀୟଂ)
୨୩. ଶ୍ରୀକୃଷ୍ଣୁଡୁ ଚନିପୋୟାଡା ? ଚମ୍ପବଡ୍ଡାଡା ?
୨୪. ଅନ୍ତିମ ଗ୍ରନ୍ଥମୁଲୋ ପ୍ରଥମ ବାକ୍ୟମୁଲୁ
୨୫. ଇଚ୍ଛାଧିନକାର୍ୟମୁଲୁ-ଅନିଚ୍ଛାଧିନ କାର୍ୟମୁଲୁ
୨୬. ଟକ୍କୁଟମାରା,ଇନ୍ଦ୍ରଜାଲ ମହେନ୍ଦ୍ରଜାଲ, ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮-ତାତା
୨୯. ତଲ୍ଲି , ୩୦-ଭୟଂ
୩୧. ଆତ୍ମାପନି ୩୨-ବଛତଲା
୩୩. ୟାଦବ୍, ୩୪-ଜ୍ଞାନଶକ୍ତି
୩୫. ସମାଧି , ୩୬-୬-୩=୬
୩୭. ସନ୍ତକମ୍ , ୩୮-ପ୍ରଭୂ-ପ୍ରଜା
୩୯. ତ୍ରୈତଶକମ୍, ୪୦. ତୋଲେବାଡୁ
୪୧. ତଲ୍ଲି ତଣ୍ଡ୍ରି, ୪୨. ନଟିଂଚେ ଆତ୍ମା
୪୩. ସଂଚିତ କର୍ମ, ୪୪. ଗୁରୁ ଚିହ୍ନଂ
୪୫. ଆସ୍ତି- ଦୋସ୍ତି, ୪୬. ବେଲୁଗୁବଂଟୁ
୪୭. ଧର୍ମଚକ୍ରଂ, ୪୮. ଦୈବଗ୍ରନ୍ଥମୁ
୪୯. ଭକ୍ତି-ଶ୍ରଦ୍ଧାଲୁ
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷମୁ, ୫୨. ଗ୍ରହୀତଶକ୍ତି
୫୩. ଆଡିଂଚେ ଆତ୍ମା
୫୪. ଏଦି ଶାସ୍ତ୍ରମୁ ?, ୫୫. ଭଗବନ୍ତୁଡୁ
୫୬. ଏଦି ଧର୍ମମୁ ?, ୫୭. ଗୁରୁ ପୌର୍ଣ୍ଣମୀ
୫୮. ଶ୍ରୀକୃଷ୍ଣାଷ୍ଟମୀ, ୫୯. ଗୋରୁ - ଗୁରୁ
୬୦. ଦଶ- ଦିଶାଲୁ, ୬୧. ମାଟା-ମନ୍ଦୁ
୬୨. ସୃଷ୍ଟି - ସୃଷ୍ଟିକର୍ତା
୬୩. କଲିୟୁଗମୁ, ୬୪. ସେବା ଶାତମୁ
୬୫. ପ୍ରକୃତି-ବିକୃତି, ୬୬. ପୈତ୍ୟଂ-ସୈତ୍ୟଂ
୬୭. ନୈଜଂ-ସହଜଂ, ୬୮. ଭକ୍ତି-ଭୟମୁ
୬୯. ସାମ୍ପ୍ରଦାୟମୁ, ୭୦. ଅଦୁରୁ-ବେଦୁରୁ
୭୧. ନି ବେନୁକାବାଡୁ, ୭୨. ଶବମୁ-ଶିବମୁ
୭୩. ଶୈବମୁ-ବୈଷ୍ଣବମୁ,
୭୪. ଧର୍ମମୁ-ଅଧର୍ମମୁ
୭୫. ଦ୍ରାବିଡୁଲୁ-ଆର୍ୟୁଲୁ
୭୬. କାୟି-ପଣ୍ଡୁ-କାୟି, ୭୭. ୟୁଗମୁ-ଯୋଗମୁ
୭୮. ଦେଉନିକି ମତମୁନ୍ନାଦା ?
୭୯. କର୍ମ ମର୍ମମୁ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୮୦. ପୁଟ୍ଟୁଟା-ଗିଟ୍ଟୁଟା, ୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା, ୮୩. ନିଦର୍ଶ-ନିରୁପ
୮୪. ଗୁରୁବୁ ଏବରୁ ?, ୮୫. ତ୍ରୈତ ସିଦ୍ଧାନ୍ତମୁ
୮୬. ସ୍ତ୍ରୀ/ ପୁଂ - ଲିଙ୍ଗମୁ, ୮୭. ଜୀର୍ଣ୍ଣ+ଆଶୟମୁ
୮୮. ଶ୍ରୀକୃଷ୍ଣୁଡୁ ଏବରୁ ?
୮୯. ଆଟା-ଦୋବୁଚଲାଟା
୯୦. ପ୍ରଜାଲୁ-ମାନବୁଲୁ
୯୧. ଦନ୍ତମୁ-ଅନ୍ତମୁ, ୯୨. ମତମୁ-ପଥମୁ
୯୩. ଏଡୁ ଆକାଶମୁଲୁ, ୯୪. ଅର୍ଥମୁ-ଅପାର୍ଥମୁ
୯୫. ମୁଡୁ ଗ୍ରନ୍ଥମୁଲୁ, ୯୬. ଗ୍ରନ୍ଥମୁ-ବୋଧା
୯୭. ପ୍ରଭୂବୁ-ପ୍ରଭୂତ୍ୱଂ
୯୮. ଜ୍ଞାନମୁ-ବିଜ୍ଞାନମୁ
୯୯. ବାର-ମାସ-ବସ୍ୱର
୧୦୦. ଭୂତଂ-ମହାଭୂତଂ
୧୦୧. ସେକୁବଲି-କୁଲିସେବା
୧୦୨. ଆତ୍ମାକୁ ବେଂଟ୍ରକୁଲୁ ଗୁର୍ତ୍ତୁ
୧୦୩. କୋଡିପୁଞ୍ଜୁ-ପାଦରସମ୍
୧୦୪. ଇନ୍ଦୁ ମହାସମୁଦ୍ରମୁ
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନାଲୁ
୧୦୭. ପୁସ୍ତକମୁ-ଗ୍ରନ୍ଥମୁ
୧୦୮. ହରିକାଲୁ-ହରିଚେୟି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. କ୍ଷମିଂଚରାନି ପାପମୁ
୧୧୨. ମରଣମୁ -ଶରୀରମୁ
୧୧୩. ଦିବ୍ୟ ଖୁରାନ୍-ହଦୀସୁ
୧୧୪. ଇନ୍ଦୁବୁ-ହିନ୍ଦୁବୁ
୧୧୫. ସୁଖମୁ-ଆନନ୍ଦମୁ
୧୧୬. କାଲଜ୍ଞାନ ବାକ୍ୟମୁଲୁ
୧୧୭. ଭୌତିକମୁ-ଅଭୌତିକମୁ
୧୧୮. ଦେଉନି ଆଜ୍ଞା-ମରଣମୁ
୧୧୯. ଜ୍ଞାନମୁ ଦଗ୍‌ଗରା ଜାଗ୍ରତା
୧୨୦. ଚନ୍ଦ୍ରାକାରମୁ(ବଙ୍ଗତଲା)
୧୨୧. ଜ୍ଞାନମୁ କଵ୍ଵା ଆଇନ୍ଦି !
୧୨୨. ଦେଉଡୁ-ଇଦ୍ଦରା ! ଓକରା ! !
୧୨୩. ମତ ସାମରସଂ
୧୨୪. ମୋକ୍ଷମୁ-ମୋସମୁ
୧୨୫. ଅକ୍ଷର ଜ୍ଞାନମୁ
୧୨୬. ଲାଲା ଜଲମୁ
୧୨୭. ଦୈବ ଧର୍ମମୁଲୁ-ମତ ସାମ୍ପ୍ରଦାୟଲୁ
୧୨୮. ଆହାରମୁ ନିକା ! ନି ଆତ୍ମାକା !
୧୨୯. ମାତ୍ରା-ମନ୍ଦୁ
୧୩୦. କାଲଚକ୍ରଂ
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତମ-ଶ୍ରୀରାମ
୧୩୬. ଦେଉନିକି ଓକଡେ କୁମାରୁଡୁ-ଦେଉନିକି ଅନେକମନ୍ଦି କୁମାରୁଲୁ
୧୩୭. ଜଳଂ,୧୩୮- ଅଧିପତି
୧୩୯. ଗ୍ରହାନ୍ତର ବାସୁଲୁ
୧୪୦. ଦେଉଡୁ ଦ୍ୱିତୀୟୁଡା ? ଅଦ୍ୱିତିୟୁଡା ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନଲୁ-ଜବାବୁଲୁ
୧୪୨. ଗଶରୀରମୁଲୋ ରକ୍ତମୁ-ଗ୍ରନ୍ଥମୁଲୋ ଜ୍ଞାନମୁ

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)
ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା
ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

୧.କଳ୍ପନା ସୁନ୍ଦରାୟ:7978498668, ୨.ଏସ୍. ବିଶ୍ୱେଶ୍ୱର ରାଓ:9437527499.
୩.ତେଜସ୍ୱିନୀ ମାନସିଂହ:9777075446, ୪.ଦିପ୍ତିରଞ୍ଜନ ପଣ୍ଡା : 7873229092.
୫.ଲକ୍ଷ୍ମୀଧର ପାଇକରାୟ:9692557801, ୬.ରଘୁନାଥ ମାନସିଂହ : 6371487960.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଉଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)
ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)
୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499
୨. ଇ. ଅଶୋକ କୁମାର : 6370043490
୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563
୪. ଡି.ରବି (ପାରଲାଖେମୁଣ୍ଡି) : 8248683055
୫. ଏସ୍. ଗୌରିଶଙ୍କର ରାଓ : 9348538123
୬. ଇ. ସିହାଂଚଲମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**
Youtube : thraitha siddantham

# ଯୋଗୀଶ୍ୱରଙ୍କ ଶୃଙ୍ଖଳ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ କ୍ଷୟ, ଅକ୍ଷୟ ସମାଗ୍ରର ଏବଂ ପରମାତ୍ମା ସମାଗ୍ରର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଅଭୌତିକ ଭାବରେ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଲବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଶୃଙ୍ଖଳ୍ୟ ସୃଷ୍ଟି କରୁଛି । ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ  ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ଚ୍ଛଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହି ନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଗଲାପରେ ତାହା ଦୈବଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣା ପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣି ପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ  ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର କରିବବାକୁ ବାଧ୍ୟ ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦୂପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ · ପ୍ରଥମ ଦୈବଗ୍ରନ୍ଥ · ପାଠକରାନ୍ତୁ

# ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା

(୫୭୮ ଶ୍ଳୋକ ବିଶିଷ୍ଟ)

ଆଧ୍ୟାତ୍ମିକ ରଙ୍ଗମଞ୍ଚରେ ଚାଞ୍ଚଲ୍ୟାତ୍ମକ ହୋଇ, ବିଜ୍ଞାନ ମଂଚରେ ବିପ୍ଳବାତ୍ମକ ହୋଇ ପାରିଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା । ୫୨୫୧ ବର୍ଷରୁ ଅଜଣା ରହିଯାଇଥିବା ଐଶ୍ୱରୀୟ ରହସ୍ୟଗୁଡିକ ଏହି ଗ୍ରନ୍ଥରେ ପଦାରେ ପଡିଯାଇଛି । ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ତୃତୀୟପାତ୍ର ହୋଇଥିବା ଆତ୍ମା କଅଣ, ତାହାର କାର୍ଯ୍ୟକଳାପ କଅଣ ତାହା ଜଣାଇଥିବା ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ହେଉଛି ଏହି ଗୀତା । ଏହି ଭଗବଦ୍ଗୀତା ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିକୁ ଖଣ୍ଡନ କରି ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛି । ଏହାର ପଠନପାଠନରେ ଐଶ୍ୱରୀୟ ଜ୍ଞାନ କହିଲେ କଅଣ ଜଣାପଡିଥାଏ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ                    ପାଠକରାନ୍ତୁ

# ଶ୍ରୀକୃଷ୍ଣ ଈଶ୍ୱର (ପରମାତ୍ମା) ? କି ଭଗବାନ ?

ଏହି ଗ୍ରନ୍ଥ ଦ୍ୱାରା କୃଷ୍ଣ କହିଲେ କଅଣ ଏବଂ କିଏ ବୋଲି ଜଣାପଡିଥାଏ । ଈଶ୍ୱର ମାନବରୂପ ଧାରଣ କରିଥାନ୍ତି କହିବାକୁ ଏହା ଏକ ନିଦର୍ଶନ । ଏହା ଦ୍ୱାରା କେତେ ମହାନ ଜ୍ଞାନ ଜଣାପଡିବା ସହିତ, ଏପର୍ଯ୍ୟନ୍ତ ଜଣା ନଥିବା ଅନେକ ଆଧ୍ୟାତ୍ମିକ ରହସ୍ୟ ଜଣାପଡିଥାଏ । ଏହି ଜ୍ଞାନ ଦ୍ୱାରା ଈଶ୍ୱର ଅଲଗା, ଭଗବାନ ଅଲଗା ବୋଲି ଜଣାପଡିଥାଏ । କୃଷ୍ଣ ମଣିଷ ହେଲେହେଁ ତାଙ୍କ ମରଣରେ ଘଟିଥିବା ରହସ୍ୟ ଏପର୍ଯ୍ୟନ୍ତ କାହାକୁ ମଧ୍ୟ ଜଣା ନାହିଁ । କୃଷ୍ଣଙ୍କ ମରଣ ରହସ୍ୟ ଏହି ଗ୍ରନ୍ଥ ଦ୍ୱାରା ଜାଣି ପାରିଲେ ଭୂପୃଷ୍ଠରେ କୌଣସି ମତଭେଦ ରହିବ ନାହିଁ, ମତକଳହ ରହିବ ନାହିଁ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ମାତା ପିତା

ମାତା, ପିତା ନାଆଁ ଦୁଇଟି ଜାଣି ନଥିବା ମଣିଷ ବୋଧହୁଏ କେହି ନାହାନ୍ତି, ହେଲେ ମାତା ପିତାଙ୍କୁ କିଏ ଜାଣିଛି ବୋଲି ପ୍ରଶ୍ନ କଲେ, ମୋ' ଦୃଷ୍ଟିରେ ଉତ୍ତର ଟିକିଏ କଷ୍ଟକର ହେବ ବୋଲି ଲାଗୁଛି । ଇଏ କି ପ୍ରଶ୍ନ ? ମାତାପିତାଙ୍କୁ ଜାଣି ନଥିବା ଲୋକ ପୁଣି ଅଛନ୍ତି ? ବୋଲି ଅନେକ ଲୋକ କହି ପାରନ୍ତି । ଏଇଠାରେ ହିଁ ଆମକୁ ଜଣା ନଥିବା ଅନେକ ବିଷୟ ରହିଛି । ଆଜିଯାଏ ମଣିଷ କ'ଣ ସବୁ ଜାଣିଛି, କ'ଣ ଜାଣି ନାହିଁ ସେକଥା ବିଚାର କଲେ, ମଣିଷକୁ ଜଣାଥିବା ବିଷୟ ଅପେକ୍ଷା ଜଣା ନଥିବା ବିଷୟ ବହୁତ ଅଛି ବୋଲି କହି ପାରିବା । ଆଜିଯାଏଁ ଆମକୁ ଜଣାଥିବା ବିଷୟ ବାବଦରେ ଏବେ ଟିକିଏ ଆଲୋଚନା କରିବା । ଜଣେ ମଣିଷ ଜନ୍ମ ହେଲା କହିଲେ ତା'ର ମାତାପିତା ବା ମାଆ ବାପା ନିଶ୍ଚୟ ରହିଥା'ନ୍ତି । ବିଜ୍ଞାନ ଅନୁସାରେ ଏକ ସ୍ତ୍ରୀ ଗର୍ଭାଶୟର ଡିମ୍ବାଣୁ କୁହାଯାଉଥିବା ରଜୋକଣା ସହିତ ପୁରୁଷର ବୀର୍ଯ୍ୟକଣା ମିଶିବା ପରେ ସ୍ତ୍ରୀ ଗର୍ଭଧାରଣ କରି, ସେ ଗର୍ଭରେ ଶିଶୁ ନଅମାସ ବଢି, ଦଶମାସରେ ଜନ୍ମ ହୋଇଥାଏ ବୋଲି ଭୌତିକ ଶାସ୍ତ୍ରବେତ୍ତାମାନେ କହିଥା'ନ୍ତି । ଏହିଭଳି ଜନ୍ମ ହୋଇଥିବା ଶିଶୁ ପାଇଁ ତା'କୁ ଜନ୍ମ କରିଥିବା ସ୍ତ୍ରୀ ମାତା ଭାବେ କଥିତ ହୁଏ ଏବଂ ସେହି ସ୍ତ୍ରୀର ଗର୍ଭକୁ ବୀର୍ଯ୍ୟକଣା ଯୋଗାଇ ଦେଇଥିବା ପୁରୁଷକୁ ପିତା କୁହାଯାଏ । ଏହା ସମସ୍ତେ ଜାଣିଥିବା ସତ୍ୟ କଥା । ସମାଜରେ ଜଣେ ସ୍ତ୍ରୀ ଭାର୍ଯ୍ୟା ଭାବରେ ରହିବା ବେଳେ, ଭର୍ତ୍ତା ବା ସ୍ୱାମୀ ଭାବରେ ଥାଏ ପୁରୁଷ । ସ୍ତ୍ରୀ ଆଉ ପୁରୁଷ ଭାର୍ଯ୍ୟାଭର୍ତ୍ତା ବା ସ୍ୱାମୀସ୍ତ୍ରୀ ଭାବରେ ରହି, ସେମାନଙ୍କଠାରୁ ଜନ୍ମ ହୋଇଥିବା ସନ୍ତାନ ସନ୍ତତିଙ୍କର ମାତାପିତା ଭାବରେ କଥିତ ହୋଇଥା' ନ୍ତି ।

ସମାଜରେ କାହାକୁ ମଧ୍ୟ ତୋ'ର ମାତା ପିତା କିଏ ବୋଲି ପଚାରିଲେ, ସେ ବିନା ଦ୍ୱିଧାରେ ତା'ର ମାତାପିତାଙ୍କ ନାଆଁ କହିଥାଏ । କୌଣସି ଆପ୍ଲିକେସନ୍ ଫର୍ମରେ ମଧ୍ୟ ପ୍ୟାରେଂଟ୍ସ୍ ଲେଖାଥିବା ସ୍ଥାନରେ

ଅର୍ଥାତ୍  ମାତା ସ୍ଥାନରେ ଜଣେ ସ୍ତ୍ରୀ ର ନାଆଁ, ପିତା ସ୍ଥାନରେ ଜଣେ ପୁରୁଷର ନାଆଁ ଲେଖାଯାଇଥାଏ । ମାତାପିତା ବଂଚିରହନ୍ତୁ ବା ମୃତ୍ୟୁବରଣ କରି ଅନେକ ଦିନ ହୋଇଯାଇଥାଉ, ସେମାନଙ୍କର ମାତାପିତାଙ୍କ ନାଆଁ ହିଁ ରହିଥାଏ, ପିଲାମାନେ କେବେ ମଧ୍ୟ ନ ଭୂଲି ସେମାନଙ୍କ ମାତାପିତାଙ୍କ ନାଆଁ କହିଥାନ୍ତି । ମଣିଷ ମୃତ୍ୟୁବରଣ କରିବା ପର୍ଯ୍ୟନ୍ତ ତା'ର ମାତାପିତାଙ୍କୁ କେବେ ମଧ୍ୟ ଭୂଲି ନଥାଏ । ପ୍ରପଂଚରେ ଥିବା ସମସ୍ତଙ୍କଠାରୁ ମାତାପିତା ହିଁ ଅତି ନିଜର ହୋଇଥା'ନ୍ତି । ଜଣେ କୌଣସି କଷ୍ଟରେ ପଡିବାବେଳେ ହେଉ, କୌଣସି ଦୁର୍ଘଟଣାରେ ପଡିବାବେଳେ ହେଉ କି ମୃତ୍ୟୁବରଣ କଲାବେଳେ ହେଉ ତା'ପାଇଁ ସମସ୍ତଙ୍କଠାରୁ ଅଧିକ ଦୁଃଖ କରିଥା'ନ୍ତି ତାର ମାତାପିତା । ସେ ମୋ'ରି ପୁଅ ବୋଲି ମାତାପିତାଙ୍କର ଥିବା ସ୍ନେହଁ ପୁଅପାଇଁ ଯେତିକି ଥାଏ, ସେମାନେ ମୋ'ରି ମାତାପିତା ବୋଲି ପୁଅର ମଧ୍ୟ ସେମାନଙ୍କ ପ୍ରତି ସେତିକି ସ୍ନେହଁ ରହିଥାଏ । ଏହା ସଦାସର୍ବଦା ରହିଥିବା ପ୍ରାପଞ୍ଚିକ (ଭୌତିକ) ପଦ୍ଧତି । ଏହି ପଦ୍ଧତି କୌଣସି ଜ୍ଞାନ ନଥିବା ମଣିଷର ମଧ୍ୟ ରହିଥାଏ । ସବୁ ବିଷୟରେ ଅଜ୍ଞାନୀ ଥିବା ମଣିଷଟି ମଧ୍ୟ ତାର ମାତାପିତାଙ୍କୁ ଚିହ୍ନିପାରେ, ସେମାନଙ୍କୁ କେବେ ଭୂଲି ନଥାଏ । ଏହିଭଳି ସାରା ଦୁନିଆରେ ମାତାପିତା ଏବଂ ସେମାନଙ୍କ ସନ୍ତାନ ମଧ୍ୟରେ ଅନୁବନ୍ଧ ରହିଥାଏ । ଏହାକୁ କେହି ମଧ୍ୟ ଖଣ୍ଡନ କରିପାରିବେ ନାହିଁ ।

ବାହାର ସମାଜରେ ଆଉ କେତେକ ମାତାପିତାଙ୍କୁ ଅତି ପୂଜ୍ୟ ଦୃଷ୍ଟିରେ ଦେଖିଥା'ନ୍ତି । ମାତାପିତାଙ୍କୁ ଦୈବ ବା ଈଶ୍ୱର କହି ପୂଜା କରୁଥିବା ଲୋକେ ଅନେକ ରହିଥା'ନ୍ତି । ସେମାନଙ୍କ ହିସାବରେ ସର୍ବପ୍ରଥମେ ପୂଜିତ ହୋଇଥାଏ ମାତା, ତା'ପରେ ପିତା, ତା'ପରେ ଗୁରୁ ଆଉ ଶେଷରେ ପୂଜିତ ହୋଇଥା'ନ୍ତି ପରମାତ୍ମା, ଦୈବ ବା ଈଶ୍ୱର । ସେମାନଙ୍କ ଭାବରେ ପିତାଠାରୁ ମାତା ପୂଜନୀୟା, ମାତାପିତାଙ୍କ ପରେ ଗୁରୁ ଆଉ ଗୁରୁଙ୍କ ପରେ ପରମାତ୍ମା ପୂଜନୀୟ ହୋଇଥା'ନ୍ତି । ଅର୍ଥାତ୍ ପରମାତ୍ମା ସବୁଠାରୁ ପଛରେ ରହିଥା'ନ୍ତି

ବୋଲି ଆମେ ଭଲଭାବରେ ଜାଣିପାରୁଛେ । ଆଉ କେତେକ ମାତୃଦେବୋ ଭବଃ, ପିତୃଦେବୋ ଭବଃ, ଆଚାର୍ଯ୍ୟଦେବୋ ଭବଃ ବୋଲି କହି ଶେଷରେ ଥିବା ପରମାତ୍ମାଙ୍କୁ ସଂପୂର୍ଣ୍ଣ ଛାଡିଦେଇ, କେବଳ ଏଇ ତିନିଜଣଙ୍କୁ ପୂଜା କରିବା ଯଥେଷ୍ଟ ବୋଲି କହିଥା'ନ୍ତି । ଆଉକେତେକ ମାତାପିତାଙ୍କଠାରୁ କେହି ବଡ ନାହିଁ ଭାବି ସକାଳୁ ଉଠି ପ୍ରଥମେ ସେମାନଙ୍କର ପାଦ ବନ୍ଦନା କରିବା ସହିତ ସେମାନଙ୍କର ଅନ୍ୟାନ୍ୟ ସେବାରେ ଲାଗି ରହିଥା'ନ୍ତି । ଏହିଭଳି ସମାଜରେ ମାତା ପିତାଙ୍କର ସ୍ଥାନ ସବୁଠାରୁ ଉଚ୍ଚରେ ରହିଲେ ମଧ୍ୟ କେତେକଙ୍କ ଦୃଷ୍ଟିରେ ମାତାପିତା ଦୈବସମାନ ହୋଇ ରହିଥା'ନ୍ତି ।

ଏହିଭଳି ମାନବସମାଜରେ ମାତାପିତାଙ୍କୁ ପବିତ୍ରତାର ସହ ପୂଜା କରାଯାଉଥିଲେ ହେଁ କେତେକଙ୍କଠାରେ ସେହି ପବିତ୍ରତା ଦେଖିବାକୁ ମିଳୁ ନାହିଁ । କେତେକ ମାତାପିତା ମଧ୍ୟ ସେମାନଙ୍କ ପିଲାମାନଙ୍କ ପାଇଁ କିରାତ ପାଲଟିବା ସମାଜରେ ଅନେକ ଦୃଷ୍ଟାନ୍ତ ରହିଛି । ସେହିଭଳି କେତେକ ମାତାପିତା ଭଲ ଥିବାବେଳେ ସେମାନଙ୍କ ପିଲାମାନେ ସେମାନଙ୍କ ପ୍ରତି ଅତି ଅଶୋଚନୀୟ ବ୍ୟବହାର ମଧ୍ୟ କରିଥା'ନ୍ତି । ପିଲାମାନେ ଖୁବ୍ ଭଲ ହେଲେ ମଧ୍ୟ ସେମାନଙ୍କୁ ଭଲପାଉ ନଥିବା ମାତାପିତା ସମାଜରେ ଖୁବ୍ କମ୍ ରହିଥା'ନ୍ତି । ମାତା ପିତା ଭଲ ଥାଇ ସେମାନଙ୍କ ପିଲା ସେମାନଙ୍କ ପାଇଁ ଖରାପ ହେବା ଅଧିକ ଦେଖିବାକୁ ମିଳେ ବୋଲି କହିପାରିବା । ମାତାପିତା ସେମାନଙ୍କ ପିଲାମାନଙ୍କୁ ଅତି ସ୍ନେହରେ ବଢାଇବା ପ୍ରକୃତିସିଦ୍ଧ ବ୍ୟବସ୍ଥା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେମାନଙ୍କ ପାଖରେ ଯାହା ଅଛି ସେଥିରେ ସେମାନଙ୍କ ପିଲାମାନଙ୍କୁ ବଢାଇ, ପଢାଇ ସେମାନଙ୍କ ପିଲା ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିଟିଏ ହେଉ ବୋଲି ସେମାନେ ସର୍ବଦା ଆଶା କରିଥା'ନ୍ତି । ସେହିଭଳି ପରିଶ୍ରମ କରି ମଧ୍ୟ ସେମାନେ ନଖାଇଲେ ନାହିଁ ସେମାନଙ୍କର ପିଲା ପ୍ରଥମେ ଖାଉ ବୋଲି ଭାବିଥା'ନ୍ତି । ଏମିତି ସେମାନେ ଅନେକ କଷ୍ଟ କରି ପିଲାମାନଙ୍କୁ ବଡ କରିବା ପରେ, ସେହି ମାତାପିତାଙ୍କୁ

ଭୂଲିଯାଇ, ନାନା ପ୍ରକାରର ପ୍ରତାରଣା ଦେବା ସହିତ କେବଳ ନିଜର ସୁଖ ଦେଖୁଥିବା ପିଲାମାନେ ମଧ୍ଧ ଏହି ସମାଜରେ ଅନେକ ରହିଥାନ୍ତି । ମାତାପିତାଙ୍କ ଉପରେ ପିଲାମାନଙ୍କର ସ୍ନେହଁ ଥାଉ ବା ନଥାଉ,ସେମାନେ ଆମକୁ ଯୁକ୍ତବୟସ ପର୍ଯ୍ୟନ୍ତ ଖୁଆଇପିଆଇ, ପାଠପଢାଇ, ନାନା ପ୍ରକାରର ସେବାକରି ବଡ କରିଥିବାରୁ ସେମାନଙ୍କ ବୃଦ୍ଧା ବୟସରେ ସେମାନଙ୍କୁ ପୋଷିବା ପିଲାମାନଙ୍କର କର୍ତ୍ତବ୍ୟ, ଏହି କର୍ତ୍ତବ୍ୟରୁ ଦୂରରେ ରହିବା ଅନ୍ୟାୟ ହୋଇଥାଏ । ବାହ୍ୟସମାଜରେ ଥିବା ନୀତିନ୍ୟାୟ ଅନୁସାରେ ଦେଖିଲେ ବୃଦ୍ଧାବ୍ୟ ଦଶାରେ ଥିବା ମାତାପିତାଙ୍କୁ ନ ପୋଷିବା, ସେମାନଙ୍କ ଭଲମନ୍ଦ ନଦେଖିବା ନିଶ୍ଚୟ ଅନ୍ୟାୟ ହୋଇଥାଏ । ମାତାପିତା ଖରାପ ହେଲେ ମଧ୍ଧ ସେମାନଙ୍କୁ ପୋଷିବା ସନ୍ତାନର କର୍ତ୍ତବ୍ୟ । ଏ ପର୍ଯ୍ୟନ୍ତ ଆମେ ବାହାର ସମାଜ ସମ୍ବନ୍ଧୀତ ବିଷୟକୁ ଆଲୋଚନା କଲେ । ଏବେ ଆଧ୍ଯାତ୍ମିକ ସହ ସମ୍ବନ୍ଧୀତ ବିଧିବିଧାନ ବାବଦରେ ଆଲୋଚନା କରିବା ।

ପ୍ରତ୍ୟେକ ମଣିଷର ଦୁଇ ପ୍ରକାରର ମାତାପିତା ରହିଥା'ନ୍ତି । ମାତା ପିତା ଦୁଇ ପ୍ରକାରର ! ସମସ୍ତଙ୍କର ଜଣେ ମାତା ଆଉ ଜଣେ ପିତା ଥାଆନ୍ତି ପରା ! ! ବୋଲି କେତେକ ଆଶ୍ଚର୍ଯ୍ୟ ହୋଇ ପଚ୍ଚରି ପାରନ୍ତି, ସେମାନଙ୍କୁ ଆମେ କହିବାକୁ ଚ୍ଚହୁଁ ଯେ, ବିବରଣାତ୍ମିକ କହିବାକୁ ଗଲେ ପ୍ରକୃତି ନିୟମ ଅନୁସାରେ ସମସ୍ତଙ୍କର ମାତାପିତା ଅଲଗା ଅଲଗା ଆଉ ପରମାତ୍ମା ନିୟମରେ ବା ଦୈବିବିଧାନ ଅନୁସାରେ ମାତାପିତା ଅଲଗା ଅଲଗା ରହିଥା'ନ୍ତି । ବାହ୍ୟ ସମାଜ ସମ୍ବନ୍ଧୀୟ ଦେଖାଯାଉଥିବା ମାତାପିତା ପ୍ରକୃତି ନିୟମର । ସେହିଭଳି ଅନ୍ତର୍ଗତ ଆଧ୍ୟାତ୍ମିକ ସମ୍ବନ୍ଧୀୟ ଏବଂ ଆଖିକୁ ଦେଖାଯାଉ ନଥିବା ମାତାପିତା ମଧ୍ଧ ଅଲଗା ଅଲଗା ରହିଥା'ନ୍ତି । ବାସ୍ତବରେ ସମସ୍ତଙ୍କର ଦେଖାଯାଉଥିବା, ଦେଖାଯାଉ ନଥିବା ମାତାପିତା ଦୁଇ ପ୍ରକାରର ରହିଥା'ନ୍ତି ବୋଲି ଆମେ କହିପାରିବା । ଆଧ୍ୟାତ୍ମିକ ଜାଣିଥିବା ଲୋକମାନେ ଦୁଇ ପ୍ରକାରର ଥିବା ମାତା ପିତାଙ୍କୁ ଜାଣିଥା'ନ୍ତି । ଆଧ୍ୟାତ୍ମିକ ବିଷୟ ଜଣାନଥିବା ଲୋକମାନେ

କେବଳ ଦେଖାଯାଉଥିବା ମାତାପିତାଙ୍କୁ ଜାଣିଥା'ନ୍ତି । ଆଧ୍ୟାତ୍ମିକ, ଅନାଧ୍ୟାତ୍ମିକ କହିଲେ କଣ ବୋଧହୁଏ କେତେକ ଜାଣିନଥିବେ, ସେଥିଲାଗି ଆପଣ ବୁଝି ପାରିବା ପଦ୍ଧତିରେ ବ୍ୟାଖ୍ୟା କଲେ ଭଲ ହେବ । ପ୍ରତ୍ୟେକ ମଣିଷର ଏକ ଜୀବନକାଳ ରହିଛି ବୋଲି ସମସ୍ତେ ଜାଣନ୍ତି । ଜୀବନକାଳ ଜନ୍ମରୁ ପ୍ରାରମ୍ଭ ହୋଇ ମରଣରେ ସମାପ୍ତ ହୋଇଥାଏ । ଜନ୍ମଠାରୁ ମରଣ ପର୍ଯ୍ୟନ୍ତ ରହିଥିବା କାଳକୁ ଜୀବନକାଳ କୁହାଯାଏ । ଜନ୍ମରେ ନୂଆଶରୀର ମିଳିଥାଏ, ମରଣରେ କିଛିକାଳ ରହିଥିବା ଶରୀର ଚାଲିଯାଇଥାଏ । ଦିନେ ନୂଆଶରୀର ମିଳି ଆଉଦିନେ ପୁରୁଣାଶରୀର ଚାଲିଗଲେ ମଧ୍ୟ, ଶରୀରରେ ଥିବା ଜୀବାତ୍ମା ସେହିପରି ରହିଥାଏ । ଏଇ କଥାରୁ ଜଣାପଡେ ଯେ, ଶରୀର ଅଶାଶ୍ୱତ ଆଉ ଶରୀରରେ ବାସ କରୁଥିବା ଜୀବ ଶାଶ୍ୱତ । ସଜୀବ ଥିବା ଏକ ମଣିଷକୁ ବିଭାଜନ କରି ଦେଖିଲେ, ଶରୀର ଅଲଗା ଆଉ ଜୀବ ବା ଜୀବାତ୍ମା ଅଲଗା ବୋଲି ଜାଣି ହୋଇଯାଏ । **ଜୀବ + ଶରୀର = ଏକ ମଣିଷ** । ଏହାକୁ କେହି ଅସ୍ୱୀକାର କରି ପାରିବେ ନାହିଁ । ଜୀବ ଏବଂ ଶରୀର ଭାବରେ ଏକ ହୋଇ ରହିଥିବା ମଣିଷର ଶରୀର ମାତ୍ର କିଛିକାଳ ରହିଥାଏ । ତେଣୁ ଶରୀର ବିନାଶଶୀଳ ଆଉ ଜୀବ ଅବିନାଶୀ । ତା'ଛଡା ଜୀବ ପରଜନ୍ମରେ ଏକ ନୂଆଶରୀର ପାଇଥାଏ ବୋଲି ଜଣାଯାଇଥାଏ । ଏକ ସଜୀବ ଶରୀରର ମାତାପିତା ଅଛନ୍ତି କହିଲେ, ଗୋଟିଏ ଦିଗରେ ଶରୀରର, ଅନ୍ୟ ଦିଗରେ ଜୀବର ମାତାପିତା ଅଛନ୍ତି ବୋଲି ଜାଣିହୁଏ ।

ଏକ ସଜୀବ ମଣିଷର ମାତା ଆଉ ପିତା ଅମୂକ ଅମୂକ ବୋଲି ଆମେ କହି ପାରୁଛେ, ସେମାନଙ୍କୁ ଦେଖାଇ ପାରୁଛେ । ଗୋଟିଏ ଚାକିରି ପାଇଁ ଦରଖାସ୍ତ ଲେଖିଲା ବେଳେ, ସେଥିରେ ମଧ୍ୟ ମାତା ପିତା ବୋଲି ଦର୍ଶାଇ ଦିଆଯାଇଥିବା ସ୍ଥାନରେ ଆମ ଶରୀର ସମ୍ବନ୍ଧୀୟ ମାତାପିତାଙ୍କ ନାଆଁ ଲେଖୁଛେ । ସମସ୍ତେ ସେମାନଙ୍କ ଶରୀର ସମ୍ବନ୍ଧୀୟ ମାତାପିତାଙ୍କ ନାଆଁ ଜାଣିଥା'ନ୍ତି ସିନା, ବାସ୍ତବରେ ସେମାନେ ସେମାନଙ୍କ ମାତାପିତା

କିଏ ବୋଲି ଜାଣି ନଥା'ନ୍ତି । ପ୍ରତି ମଣିଷ ନିଜ ଶରୀରକୁ ହିଁ ନିଜେ ବୋଲି ଭାବିଥାଏ । ସେଥିଲାଗି ତା'ର ଶରୀର ସମ୍ବନ୍ଧୀୟ ମାତାପିତାଙ୍କୁ ସେ ଜାଣିଥାଏ, ସେମାନଙ୍କ ନାଆଁ କହି ପାରିଥାଏ । ବାସ୍ତବରେ ଆମ ମାତାପିତା ଅଲଗା ଅଲଗା ବା ସେମାନେ କିଏ କିଏ ବୋଲି କାହାକୁ ଜଣାନଥାଏ । ଶରୀର ସମ୍ବନ୍ଧୀୟ ମାତାପିତାଙ୍କୁ ନିଜର ମାତା ପିତା କହି ମଣିଷ ଭ୍ରମିତ ହୋଇଥାଏ । ସମାଜରେ କେତେବଡ ଉପାଧିଧାରୀ ହେଉ, ଦେଶର ରାଜା ହେଉ, ବୈଜ୍ଞାନିକ ହେଉ କି କେଡେବଡ ମେଧାବୀ ହେଉ କାହାକୁ ମଧ୍ୟ ନିଜର ମାତାପିତାଙ୍କ ବାବଦରେ ଜଣା ନାହିଁ । ନିଜର ପ୍ରକୃତ ମାତାପିତା ଅଲଗା ଅଛନ୍ତି ବୋଲି ଭୂଲି, ନିଜକୁ ମଧ୍ୟ ଭୂଲି, ଶରୀରକୁ ନିଜେ ଭାବି ମୁଁ ଗେଡା, ମୁଁ ଡେଙ୍ଗା, ମୁଁ ଗୋରା କି କଳା ମଣିଷ ଭାବିଥାଏ । ବାସ୍ତବରେ କୌଣସି ମାନବ ମୁଁ ନିଜେ ଶରୀର ନୁହେଁ, ମୁଁ ଭିନ୍ନ, ମୋ' ଶରୀର ମଧ୍ୟ ଭିନ୍ନ ବୋଲି ନଭାବି ସଂପୂର୍ଣ୍ଣ ଶରୀର ହିଁ ମୁଁ ଭାବନା କରି ନିଜ ଶରୀରର ମାତାପିତାଙ୍କୁ ନିଜର ମାତାପିତା ଭାବିଥାଏ ।

ଜନ୍ମିତ ପ୍ରତି ମଣିଷ ଏଭଳି ଭାବିବା ଦ୍ୱାରା କାହାକୁ ସେମାନଙ୍କର ବାସ୍ତବ ମାତାପିତାଙ୍କ ବାବଦରେ ଜ୍ଞାତ ହୋଇ ନାହିଁ କହିଲେ ଅତ୍ୟୁକ୍ତି ହୋଇନଥାଏ । ସେହିଭଳି ସମୟରେ ପରମାତ୍ମା ଆସି ସ୍ୱୟଂ ଜୀବର ମାତା ପିତାଙ୍କ ବାବଦରେ ଦିନେ ଜଣାଇବାକୁ ପଡିଥିଲା । ଭଗବଦ୍ଗୀତା କହିବା ସନ୍ଦର୍ଭରେ, ସେ ଜୀବର ବାସ୍ତବ ମାତାପିତାଙ୍କ ବାବଦରେ ଜଣାଇ ଦେଇଛନ୍ତି । ଗୀତାର ଗୁଣତ୍ରୟ ବିଭାଗ ଯୋଗରେ ଥିବା ତୃତୀୟ ଏବଂ ଚତୁର୍ଥତମ ଶ୍ଲୋକ ନିମ୍ନମତେ କହୁଛି ଦେଖନ୍ତୁ ।

**ଶ୍ଲୋକ, ୩ :-**

**ମମଯୋନିର୍ମହଦ୍‌ବ୍ରହ୍ମ ତସ୍ମିନ୍ ଗର୍ଭମ୍ ଦଧାମ୍ୟହମ୍ ।**
**ସମ୍ଭବଃ ସର୍ବ ଭୂତାନାଂ ତତୋ ଭବତି ଭାରତ ! ॥**

**ଶ୍ଲୋକ, ୪ :-**

**ସର୍ବଯୋନିଷୁ କୌନ୍ତେୟ ମୂର୍ତ୍ତୟଃ  ସମ୍ଭବନ୍ତି ଯାଃ ।**
**ତାସାଂ ବ୍ରହ୍ମ ମହଦ୍‌ଯୋନିରହଂ ବୀଜପ୍ରଦଃ ପିତା ॥**

ଏହି ଶ୍ଲୋକଦୁଇଟିର ଭାବାର୍ଥ ଅନୁସାରେ ପରମାତ୍ମା କହିଛନ୍ତି ଯେ, ଏହି ବିଶାଳ ପ୍ରକୃତି ହିଁ ସ୍ତ୍ରୀ ସ୍ୱରୂପା ଯୋନି (ଗର୍ଭ) ଭାବରେ ରହିଛି, ମୁଁ ତାକୁ ଗର୍ଭଧାରୀ କରୁଥିବାରୁ ସର୍ବଜୀବରାଶି ଜନ୍ମହୋଇପାରନ୍ତି । ଭୂପୃଷ୍ଠର କୌଣସି ଜୀବରାଶି କୌଣସି ମାତା ଗର୍ଭରୁ ଜନ୍ମ ନେଲେ ମଧ୍ୟ, ବିବିଧ ରୂପର ଦେଖାଯାଉଥିବା ସମସ୍ତ ଜୀବରାଶିଙ୍କୁ ପ୍ରକୃତି ଜନ୍ମଦିଏ ଆଉ ମୁଁ ସମସ୍ତଙ୍କର ପିତା ଭାବରେ ରହିଥାଏ । ଭଗବାନ ଗୀତାରେ କହିଥିବା କଥା ଅନୁସାରେ ଜୀବ କୌଣସି ଗର୍ଭରୁ ଜନ୍ମ ନେଲେ ମଧ୍ୟ ତାହା ପଂଚଭୂତ ହୋଇଥିବା ପ୍ରକୃତିଶରୀର ହୋଇଥିବାରୁ ପ୍ରକୃତ ମାତା ପ୍ରକୃତି ହିଁ ହୋଇଥାଏ, ସେହି ଜନ୍ମିତ ଶରୀରର ଚୈତନ୍ୟବୀଜ ପରମାତ୍ମା ହୋଇଥିବାରୁ ସେ ହିଁ ପ୍ରକୃତ ପିତା ହୋଇଥା'ନ୍ତି, ହେଲେ ବଳଶାଳିନୀ ପ୍ରକୃତିର, ସବୁଠାରୁ ମହାନ ହୋଇଥିବା ପରମାତ୍ମାଙ୍କର ସନ୍ତାନ ହୋଇ ମଧ୍ୟ ମଣିଷ ନିଜର ବାସ୍ତବତାକୁ ଭୂଲି ନିଜର ହୋଇନଥିବା ଶରୀରକୁ ନିଜେ ଭାବି ସଂକୁଚିତ ହୋଇଯାଇଥାଏ ।

ଶାଶ୍ୱତ ମାତାପିତାଙ୍କୁ ଜାଣିଗଲେ ମଣିଷ ଶାଶ୍ୱତ ହୋଇ ରହିଥିବା ମୋକ୍ଷ ପାଇପାରିବ । ଅଶାଶ୍ୱତ ଶରୀର ଭାବରେ ନିଜକୁ ହିସାବରେ ନେବା ଦ୍ୱାରା ମଣିଷ ଅଶାଶ୍ୱତ ହୋଇଯାଏ, ଅଶାଶ୍ୱତ ଜନ୍ମଗୁଡ଼ିଏ ପାଉଥାଏ । ଅଶାଶ୍ୱତ ଶରୀର ବୋଲି ନିଜେ ଭାବିବା ପାଇଁ ମାୟା ହିଁ ତା'କୁ ଏଭଳି ଭ୍ରମିତ କରିଥାଏ । ମଣିଷ ନିଜର ପିତାଙ୍କୁ ଜାଣିବା ପାଇଁ ତା'ଠାରେ ଶ୍ରଦ୍ଧା ଆସିବା ପର୍ଯ୍ୟନ୍ତ ମାୟା ମଣିଷକୁ ସେ ନିଜେ କିଏ ବୋଲି ଜାଣି ନପାରିବା ଭଳି ଭ୍ରମିତ କରିଚାଲିଥାଏ । ପ୍ରକୃତି ମାନବର ମାତା ବୋଲି ମାନବକୁ

ଜଣା ନାହିଁ, ସେହି ପ୍ରକୃତି ମାତା ହିଁ ଅନ୍ୟଏକ ରୂପ ଧାରଣକରି ମାୟା ଭାବରେ ରହିଥାଏ । ଶରୀରର ଗୁଣରୂପରେ ରହିଥିବା ମାୟା ମାନବକୁ ଦୈବଦିଗରୁ ଦୂରେଇ କର୍ମ ସମୂଦ୍ରରେ ବୁଡାଇଦିଏ । ମାୟାମାତାର ହାତରେ ତିଆରି ହୋଇଥିବା ଜାଲରେ ଛନ୍ଦି ହୋଇଯାଇଥିବା ମାନବ ବାହାରକୁ ବାହାରି ପାରେ ନାହିଁ । ମାୟା ଜାଲରେ ବାର (୧୨) ପ୍ରକାରର ଡୋର (କେତେକ ସୂତାର ସମାହାର) ରହିଛି । ସେହି ଡୋରଗୁଡିକ ମାନବଠାରୁ ଖୁବ୍ ବଳଶାଳୀ ହୋଇ ରହିଛି । ମାନବକୁ ବାନ୍ଧିବାପାଇଁ ମାୟା ଉପଯୋଗ କରିଥିବା ଜାଲର ପ୍ରତ୍ୟେକ ଡୋରରେ ନଅଗୋଟି ଲେଖାଏ ସୂତା ଖିଅ ରହିଥାଏ । ସେହି ଅନୁସାରେ ୧୨ପ୍ରକାରର ଡୋର ମିଶି ମୋଟ ୧୦୮ ଖିଅ ସୁତାର ଜାଲ ତିଆରି ହୋଇଛି । ୧୦୮ ଖିଅର ଜାଲ ଛୋଟ ହେଲେ ମଧ୍ୟ ତାହା ମଣିଷକୁ ଅତି ସହଜରେ ବାନ୍ଧିଦେଇ ପାରେ । ମାୟାଜାଲ ସାଧାରଣ ମାଛଧରା ଜାଲ ଭଳି ନୁହେଁ । ଜାଲର ପ୍ରତ୍ୟେକ ଖିଅ ସୂତା ଏକ ଏକ ପ୍ରକାରର ପ୍ରଭାବଶାଳୀ ହୋଇ ରହିଥା'ନ୍ତି । ସେହି ପ୍ରଭାବ ହେଉଛି ଏକ ଏକ ଗୁଣପ୍ରଭାବ । ପ୍ରତ୍ୟେକ ସୂତାର ସେହି ପ୍ରଭାବ ମାନବକୁ ନିଜ ଦିଗରେ ଟାଣିପାରିବା ଭଳି ଶକ୍ତି ରହିଛି । ସେଥିଲାଗି କୌଣସି ସମୟରେ ମଣିଷ କୌଣସି ଏକ ଗୁଣ ଦ୍ୱାରା ଛନ୍ଦି ହୋଇଯାଉଛି । ପ୍ରତି ଗୁଣ ଏକ ସୁତାଖିଅ ହୋଇ ଆକର୍ଷଣୀୟ ହୋଇଥିବାରୁ ମଣିଷ ସେହି ଆକର୍ଷଣରେ ପ୍ରଭାବିତ ହୋଇଯାଉଛି । ମାୟାଜାଲର ଗୁଣରେ ଛନ୍ଦିହୋଇ ନଥିବା ମାନବ ଭୂପୃଷ୍ଠରେ କେହି ଜଣେ ନାହାନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କୌଣସି ଏକ ଆକର୍ଷଣ ଦ୍ୱାରା ମାଛଗୁଡିକ ଜାଲରେ ଛନ୍ଦି ହୋଇଯିବା ଭଳି ମାନବ ମାୟାଜାଲରେ ଛନ୍ଦି ହୋଇଯାଉଛି । ମାଛଧରା ଜାଲର ସୁତାଗୁଡିକ ଏକ ପ୍ରକାରର ହୋଇଥିବା ବେଳେ, ମାୟାଜାଲର ୧୦୮ଗୋଟି ସୂତା ଭିନ୍ନ ଭିନ୍ନ ପ୍ରକାରର ହୋଇ ରହିଥାଏ । ସେହି ୧୦୮ଗୋଟି ସୂତା ୧୨ଗୋଟି ଗୁଣଭାଗ ହୋଇ ରହିଛି, ସେଗୁଡିକର ନାଆଁ ୧- କାମ,

୨– କ୍ରୋଧ, ୩– ଲୋଭ, ୪– ମୋହ, ୫–ମଦ, ୬– ମାଶ୍ଚର୍ଯ୍ୟ, ୭– ଦାନ, ୮– ଦୟା, ୯– ଉଦାରତା, ୧୦– ବୈରାଗ୍ୟ, ୧୧– ବିନୟ, ୧୨– ପ୍ରେମ । ଏହି ୧୨ଗୋଟି ଗୁଣର ଭାବରେ ଅଶାଶ୍ୱତ ହୋଇଥିବା ନିଜର ଶରୀରକୁ ନିଜେ ବୋଲି ଭ୍ରମିତ କରୁଛି, ଶରୀରର ଅଶାଶ୍ୱତ ମାତା ପିତାଙ୍କୁ ନିଜର ମାତା ପିତା ଭାବରେ ଭ୍ରମିତ କରୁଛି । ମୁଁ ସୁନ୍ଦର, ମୁଁ ଗୋରା, ମୁଁ ଡେଙ୍ଗା, କଳା କି ଗେଡା ବୋଲି ଏକ ଏକ ଶରୀର ଅନୁସାରେ ସେହି ଗୁଣ କ୍ରମର ଚତୁର୍ଥତମ ଗୁଣ ହୋଇଥିବା ମୋହଗୁଣ ହିଁ ମଣିଷକୁ କହିବା ଭଳି କରାଇଥାଏ । ତା'ଛଡା ଏହି ମୋହଗୁଣ ଶରୀରର ମାତାପିତାଙ୍କୁ ମଧ୍ୟ ସେହି ଶରୀରର ମାତାପିତା ବୋଲି ଭ୍ରମିତ କରାଇଥାଏ ।

ଶରୀରର ମାତାପିତାଙ୍କଠାରୁ ଜନ୍ମିତ ଶରୀର ମାତାପିତାଙ୍କ ସାମଞ୍ଜସ୍ୟ ହୋଇଥାଏ । ବାହ୍ୟ ମାତାପିତାଙ୍କ ଶରୀର ଭଳି ସେମାନଙ୍କ ପିଲାମାନଙ୍କ ଶରୀର ହେବା ସାଧାରଣ କଥା । କିଛି ମାତାର, କିଛି ପିତାର ଶରୀର ଭଳି ସେମାନଙ୍କ ସନ୍ତାନ ସନ୍ତତିଙ୍କର ଶରୀର ହୋଇଥାଏ । କେତେକଙ୍କଠାରେ ମାତାର ଶରୀରସାଦୃଶ୍ୟ ଅଧିକରହି ପିତାର ଶରୀରସାଦୃଶ୍ୟ କମ୍‌ଦେ ଖିବାକୁ ମିଳିଥାଏ । କେତେକଙ୍କଠାରେ ପିତାର ଶରୀର ସାଦୃଶ୍ୟ ଅଧିକ ରହି,ମାତା ସାଦୃଶ୍ୟ କମ୍ ଦେଖିବାକୁ ମିଳିଥାଏ । କ୍ୱଚିତ୍ କାହାଠାରେ ମାତା କିମ୍ବା ପିତାର ସାଦୃଶ୍ୟ ସଂପୂର୍ଣ୍ଣ ରହିଥିବା ଜଣାଯାଏ । ମାନବ ଏହି ସାଦୃଶ୍ୟକୁ ଦେଖି ସଂପୂର୍ଣ୍ଣ ମୋହଗୁଣ ନାମକ ଜାଲରେ ଛନ୍ଦି ହୋଇଯାଏ । ଶରୀରର ମାତାପିତାଙ୍କ ଶରୀର ଭଳି ନିଜର ଶରୀରକୁ ଦେଖି ମୁଁ ଏମାନଙ୍କ ସନ୍ତାନ ବୋଲି ଭାବିଥାଏ । ନିଜ ଶରୀରକୁ ନିଜେ ବୋଲି ଭାବୁଥିବା ମାନବ ନିଜ ଶରୀର ଭଳି ଦେଖାଯାଉଥିବା ମାତାପିତାଙ୍କୁ ନିଜର ମାତାପିତା ବୋଲି ଭାବିଥାଏ । ମୁଁ,ମୋ'ଲୋକ ଇତ୍ୟାଦି ଭାବ ଜନ୍ମାଇଥାଏ ଏହି ମୋହଗୁଣ । ମୋହଗୁଣର ପ୍ରଭାବ ଦ୍ୱାରା ଛୋଟ ବୟସରୁ ମାତାପିତାଙ୍କୁ ନିଜର ବୋଲି ଚିହ୍ନିଥିବା ମାନବ ଟିକିଏ ବଡହେବା ପରେ ନିଜ ଶରୀର ସାଦୃଶ୍ୟ ମାତା

ପିତାଙ୍କୁ ଦେଖି, ସତରେ ମୁଁ ହିଁ ଏଇମାନଙ୍କ ସନ୍ତାନ, ଏଇମାନେ ହିଁ ମୋର ମାତାପିତା କହି ନିବିଡ ସ୍ନେହଁ ବନ୍ଧନରେ ଆବଦ୍ଧ ହୋଇଯାଏ । ମାତା ପିତାଙ୍କ ଉପରେ ସନ୍ତାନ ସନ୍ତତିଙ୍କର, ସେମାନଙ୍କ ଉପରେ ମାତାପିତାଙ୍କର ଅନୁରାଗ କ୍ରମେ କ୍ରମେ ବଢିଯାଇଥାଏ । ସେତିକିବେଳେ ହିଁ ମୋହ ନାମକ ଗୁଣ ସେମାନଙ୍କଠାରେ ପ୍ରବେଶ କରେ ବୋଲି କହିପାରିବା । ଏହି ବିଷୟ ବାବଦରେ ଜଣେ କବି ତାଙ୍କର ପଦ୍ୟରେ ଅନୁରାଗ ହିଁ ସୁନ୍ଦର ଜାଲ ବୋଲି ଲେଖିଛନ୍ତି । ଏକଥା ସେ କିଛି ଜ୍ଞାନ ଦୃଷ୍ଟିରେ ଲେଖିଥିଲେ ବୋଲି କହି ପାରିବା । ୧ ୨ଗୋଟି ଗୁଣ ଭିତରୁ ଏହି ମୋହ ନାମକ ଗୁଣ ମାନବକୁ ଅତି ଛୋଟ ବୟସରୁ କାବୁକରି ପ୍ରଥମେ ମାତାକୁ ତା'ର ବୋଲି ଜଣାଇ ପରେ ପିତାକୁ, ତା'ପରେ କୁଟୁମ୍ବ ସଭ୍ୟଙ୍କୁ ତା'ର ବୋଲି ଜଣାଇ ଦେଇଥାଏ ।

ମୋହଗୁଣ ଅପେକ୍ଷା ପ୍ରଥମ ଆଶାଗୁଣ, ଦ୍ୱିତୀୟରେ ଥିବା କ୍ରୋଧଗୁଣକୁ ସମସ୍ତେ ବଡ ବୋଲି କହୁଥିଲେ ମଧ୍ୟ, ବାସ୍ତବ ଆଧ୍ୟାତ୍ମିକ ଦୃଷ୍ଟିରେ ମାନବକୁ ସେ ନିଜେ କିଏ ବୋଲି ଅଜଣା ରଖିଦେଇଥାଏ ଏହି ମୋହଗୁଣ । **କର୍ମଗଣ୍ଠିଲି ବାନ୍ଧିବାରେ କାମ (ଆଶାଗୁଣ), କ୍ରୋଧ (ରାଗିଯିବା ଗୁଣ) ଆଗୁଆ ହେଲେ ମଧ୍ୟ, ମାନବକୁ ଆଧ୍ୟାତ୍ମିକ ଦୃଷ୍ଟିରେ ଠକିବାରେ ସବୁଠାରୁ ଆଗରେ ଥାଏ ମୋହଗୁଣ,** ତେଣୁ ଭଗବଦ୍ଗୀତାରେ ପରମାତ୍ମା ପ୍ରଥମେ ମୋହଗୁଣକୁ ଯୁଦ୍ଧରେ ଅବରୋଧ ହେବା ଭଳି କରି, ସେହି ମୋହଗୁଣ ଦ୍ୱାରା ଅର୍ଜୁନ ତାଙ୍କ ବିପକ୍ଷରେ ଆସିଥିବା ଲୋକମାନଙ୍କୁ ନିଜଲୋକ ବୋଲି ଭାବିବା ଭଳି କରି, ତାଙ୍କୁ ଦୁଃଖିତ କରିଦେଇଥିଲେ । ନିଜେ ନିଜକୁ ଭୂଲିଯିବା ସ୍ଥିତିରେ ଅର୍ଜୁନ ଥିବା ବେଳେ, ସେତିକିବେଳେ ହିଁ ମାନବର ଜ୍ଞାନ ଆବଶ୍ୟକ ହେଉଥିବା ଭଳି ଅର୍ଜୁନଙ୍କୁ ଦୈବଜ୍ଞାନ ବୋଧ କରିଥିଲେ । ତେଣୁ ଆଧ୍ୟାତ୍ମିକର ଅବରୋଧ ଏହି ମୋହଗୁଣ ବୋଲି ସ୍ପଷ୍ଟ ଜାଣି ହୋଇଯାଉଛି । ମୋହଗୁଣ ହିଁ ମାନବର ଶାଶ୍ୱତ ମାତାପିତାଙ୍କୁ ଭୁଲାଇ ଦେଇଥାଏ ଏବଂ ଅଶାଶ୍ୱତ ମାତାପିତାଙ୍କୁ ଶାଶ୍ୱତ ଭାବରେ ଚିହ୍ନାଇ

ଦେଇଥାଏ । ଏହିଭଳି ମୋହଗୁଣରେ ଛନ୍ଦିହୋଇ ନିଜର ମାତାପିତା ହୋଇଥିବା ପ୍ରକୃତି ପରମାତ୍ମାଙ୍କୁ ଯିଏ ଚିହ୍ନିପାରି ନଥାଏ ସେ ଭୂପୃଷ୍ଠରେ ଜନ୍ମ ହୋଇ କିଛି ଲାଭ ନାହିଁ, ବଡମାନେ ମଧ୍ୟ ଏଇକଥା କହିଥା'ନ୍ତି, ଯୋଗୀ ବେମନ ମଧ୍ୟ ତାଙ୍କ ପଦ୍ୟରେ କହିବାକୁ ଯାଇ–

**ମାତାପିତୋପରି ଦୟାହୀନ ପୁତ୍ର**
**ଜନ୍ମାଜନ୍ମେ ନାହିଁ ଆଉ ତୁଳନା**
**ହୁଙ୍କା ମଧ୍ୟେ ଛତୁ ଜନମି ମରଇ**
**ବିଶ୍ୱଧାଭିରାମା ଶୁଣରେ ବେମା**

ଏହିପଦ୍ୟ (ତେଲୁଗୁ ଭାଷାରେ) ଅନେକଲୋକ ପଢିଥିଲେ ମଧ୍ୟ ତା'ର ଭାବାର୍ଥକୁ କେହି ବୁଝି ନପାରିବା ଭଳି ମାୟା କରାଇବା ଦ୍ୱାରା ଯୋଗୀ ବେମନ ଏହା ଶରୀରର ମାତାପିତାଙ୍କ ବାବଦରେ ଲେଖିଛନ୍ତି ବୋଲି ସମସ୍ତେ ଭାବି ବସିଛନ୍ତି । ଯୋଗୀ ବେମନ ତାଙ୍କ ପଦ୍ୟର ଏହି ଅଂଶଟି ଲେଖିବା ଆଗରୁ କଥାଟିଏ କହିବାକୁ ଯାଇ ଏକ ପଦ୍ୟରେ–

**ସହସ୍ର ଅର୍ଥର ବେମନ ପଦ୍ୟମ୍ମୁ**
**ଆତ୍ମ ଜ୍ଞାନୀ କରିପାରେ କଳନା**
**ଧୀର ଧୃତି ପାନ କରଇ ଜ୍ଞାନାମ୍ମୁ**
**ବିଶ୍ୱଧାଭିରାମା ଶୁଣରେ ବେମା ।**

ଏହି ପଦ୍ୟାଂଶର ଭାବାର୍ଥ ଅନୁସାରେ ବେମନଙ୍କ ପଦ୍ୟକୁ ପଢୁଥିବା ସମସ୍ତଙ୍କୁ ଭିନ୍ନ ଭିନ୍ନ ଭାବରେ ବୁଝା ପଡିଥିଲେ ମଧ୍ୟ ତା'ର ବାସ୍ତବ ଭାବାର୍ଥର ବିବରଣ ଦେଖିଲେ ଆଶ୍ଚର୍ଯ୍ୟଜନକ ଜ୍ଞାନଛଡା ଏଥିରେ ଆଉକିଛି ନାହିଁ ବୋଲି ଜଣାପଡିଥାଏ । ଏକଥା ସ୍ୱୟଂ ଯୋଗୀ ବେମନ କହିଛନ୍ତି । ସେହି

ଅନୁସାରେ ମାତାପିତାଙ୍କ ଉପରେ ଦୟା ନଥିବା ପୁତ୍ର ଜନ୍ମ ହେଲେ କେତେ ନହେଲେ କେତେ ବୋଲି ପଦ୍ୟରେ ଆତ୍ମଜ୍ଞାନ ସମ୍ବନ୍ଧୀୟ ମାତାପିତାଙ୍କ ବାବଦରେ କହିଛନ୍ତି ସିନା, ଶରୀର ସମ୍ବନ୍ଧୀୟ ମାତାପିତାଙ୍କ ବାବଦରେ କହି ନାହାନ୍ତି ବୋଲି ସ୍ପଷ୍ଟ ଜଣାଯାଉଛି । ଆତ୍ମ ସମ୍ବନ୍ଧୀୟ ଜ୍ଞାନାନୁସାରେ ଏହି ପଦ୍ୟକୁ ବୁଝିବାକୁ ଗଲେ "ମାନବ ତା'ର ବାସ୍ତବ ମାତାପିତା ହୋଇଥିବା ପ୍ରକୃତି ପରମାତ୍ମାଙ୍କ ବାବଦରେ ଜନ୍ମ ହେବା ପରେ ଯଦି ନଜାଣିବ, ପ୍ରକୃତି ପରମାତ୍ମାଙ୍କ ଉପରେ ଯଦି ତା'ର ଧ୍ୟାନ ନଯିବ, ସେମାନଙ୍କ ଉପରେ ଯଦି ତା'ର ଶ୍ରଦ୍ଧା ନଆସିବ ତେବେ ସେ ଜନ୍ମ ହେବା ବୃଥା ବା ସେ ଜନ୍ମ ହେବା ଯାହା ଜନ୍ମ ନହେବା ତାହା ବୋଲି କହିବାକୁ ଯାଇ ହୁଙ୍କା ଭିତରେ ଫୁଟିଥିବା ଛତୁ ଫୁଟିଲେ କେତେ ନ ଫୁଟିଲେ କେତେ'' ବୋଲି ପଦ୍ୟରେ ଜଣାଇବା ଭଳି ଜଣାଇଛନ୍ତି, ଏକଥା ଆମକୁ ମାୟା କାରଣରୁ ବୁଝାପଡି ନାହିଁ ।

ବ୍ରହ୍ମବିଦ୍ୟା ଶାସ୍ତ୍ର ନପଢି କେତେକ ଭୌତିକ ଶାସ୍ତ୍ରଗୁଡିକ ପଢି, ନିଜକୁ ବୈଜ୍ଞାନିକ ମନେକରି, ଆମକୁ ଜଣା ନଥିବା ବିଜ୍ଞାନ (ସାଇନ୍ସ) ନାହିଁ ବୋଲି ଭାବନ୍ତି । ତାଛଡା ସେମାନେ ମଧ୍ୟ ବଡ ବଡ ମେଧାବୀ ଭାବରେ ପରିଗଣିତ ହୋଇଥା'ନ୍ତି, ସେମାନେ ପଢିଥିବା ଶାସ୍ତ୍ର ଅନୁସାରେ ପ୍ରକୃତି ପରମାତ୍ମା ଯେ, ଆମର ମାତାପିତା ବୋଲି ଖଣ୍ଡନ କରି ପାରନ୍ତି, ଆମକଥା ଶାସ୍ତ୍ରବିରୁଦ୍ଧ ବୋଲି କହି ପାରନ୍ତି । ପରମାତ୍ମା ହିଁ ସମସ୍ତଙ୍କର ପିତା, ନାମକ ବାକ୍ୟକୁ ସେମାନେ ପାଗଳର ବାକ୍ୟ ବୋଲି କହି ପାରନ୍ତି, ସେମାନେ ଏଭଳି ଭ୍ରାନ୍ତ କହିବା ସତକଥା, କିନ୍ତୁ ଏକଥା ସେମାନେ କହିବା ପାଇଁ କାରଣ ରହିଛି, ତାହା ହେଉଛି ! ଜଣେ ସନ୍ତାନ ତାର ମାତାପିତାଙ୍କ ଭଳି ହେବା ବ୍ୟତୀତ ବଂଶ ପରଂପରାଗତ ଜିନ୍ସ ମଧ୍ୟ ସନ୍ତାନର ଶରୀରରେ ରହିବା ଦ୍ୱାରା କେତେ ପୁରୁଷର (ବହୁତ ବର୍ଷ ତଳର) ସାମଞ୍ଜସ୍ୟ (ସାଦୃଶ୍ୟ) ତାଠାରେ କ୍ରମାଗତଭାବରେ ଆସି ରହିଛି, ସନ୍ତାନର ଭୌତିକ ମାତାପିତାଙ୍କ ସାମଞ୍ଜସ୍ୟ ଏବେ ତାଠାରେ ରହିଛି, ପୁଣି ଅଭୌତିକ

ଗୁଣ ଏବଂ ଆଚରଣ ମଧ୍ୟ ରହିଛି, ତେଣୁ ସେ ସନ୍ତାନ ଉଭୟ ଭୌତିକ ଏବଂ ଅଭୌତିକ ଭାବରେ ଦେଖାଯାଉଥିବା ମାତାପିତାଙ୍କ ସହ ସମ୍ବନ୍ଧୀତ ବୋଲି ଶାସ୍ତ୍ରବଦ୍ଧ ଭାବରେ କହିପାରିବା ସିନା, ପ୍ରକୃତି ପରମାତ୍ମା ଯେ, ସେ ସନ୍ତାନର ମାତାପିତା, ଏହା କିପରି କହିବା ? ଏହା ତ ଅଶାସ୍ତ୍ରୀୟ ହେବ କହି କିଛିଲୋକ ଆମକୁ ପ୍ରଶ୍ନ ପଚାରିବା ସୁଯୋଗ ରହିଛି । ତାଛଡା ଏତିକିବେଳେ ଆପଣଙ୍କ କଥା ସତ ବୋଲି କିପରି ବିଶ୍ୱାସ କରିବା ? କହି ଆମକୁ କେତେକ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି । ସେମାନଙ୍କୁ ଆମ ତରଫରୁ ଦେବାକୁ ଥିବା ଜବାବ ନିମ୍ନମତେ ରହିଛି ।

ଭୂପୃଷ୍ଠରେ ଥିବା ଷଡଶାସ୍ତ୍ର ଭିତରୁ ଭୌତିକଶାସ୍ତ୍ର ଅନ୍ୟତମ । କୌଣସି ଶାସ୍ତ୍ର ହେଉ ତାହା ଅଖଣ୍ଡନୀୟ । ଖଣ୍ଡିତ ନହେବା ଏବଂ ଶାସନଯୁକ୍ତ ଭାବରେ ରହିବା ଶାସ୍ତ୍ରର ଧର୍ମ, ଏହା ଆମେ ମଧ୍ୟ ମୁକ୍ତକଣ୍ଠରେ କହୁଛୁ । ଷଡଶାସ୍ତ୍ର (ଷଟ୍ ଶାସ୍ତ୍ର) ଭିତରେ ଅନ୍ୟ ପାଂଚଗୋଟି ଶାସ୍ତ୍ରଠାରୁ ମହାନ ହେଉଛି ବ୍ରହ୍ମବିଦ୍ୟାଶାସ୍ତ୍ର । ଆମର ସମସ୍ତ ଯୁକ୍ତି ବ୍ରହ୍ମବିଦ୍ୟା ସପକ୍ଷରେ । ଅନ୍ୟମାନଙ୍କର ଯୁକ୍ତି ଭୌତିକ ଶାସ୍ତ୍ର ସପକ୍ଷରେ । ଶାସ୍ତ୍ରବଦ୍ଧ ହୋଇଥିବା କୌଣସି ଯୁକ୍ତି ମଧ୍ୟ ସତ୍ୟ । ଏବେ କେତେକ ବିଜ୍ଞାନ ବିଶ୍ୱାସୀ ଭୌତିକ ଶାସ୍ତ୍ର ଅନୁସାରେ କହିବାକୁ ଯାଇ, ଅଭୌତିକ ହୋଇଥିବା, ଦେଖାଯାଉ ନଥିବା ଗୁଣଗୁଡିକ ମଧ୍ୟ ସେମାନଙ୍କ ବଂଶାନୁକ୍ରମିକ ହୋଇ ଆସିଥାଏ, ତେଣୁ ଭୌତିକ ଏବଂ ଅଭୌତିକ ଭାବରେ ସେମାନଙ୍କର ଦେଖାଯାଉଥିବା ମାତାପିତା ହିଁ ପ୍ରକୃତ ମାତାପିତା ବୋଲି କହିବା ବେଳେ, ତାହାକୁ ମୁଁ ମଧ୍ୟ ସ୍ୱୀକାର କରୁଛି । ହେଲେ ଏଇଠାରେ ଧ୍ୟାନ ଦେବା ବିଷୟଟିଏ ରହିଛି, ତାହା ହେଉଛି ! ମାତା ପିତାଙ୍କଠାରୁ ଆସିଥିବା ଡି.ଏନ୍.ଏ.(ଜିନ୍ସ) ମଧ୍ୟ ଭୌତିକ, ଜିନ୍ସର ଆକାର ବଂକା ଲେଶୁଣି ଭଳି, ମାତାର ଡିମ୍ବାଣୁ ଏବଂ ପିତାବିର୍ଯ୍ୟର କ୍ରୋମୋଜମ୍ ଦ୍ୱାରା ସେମାନଙ୍କର ବଂଶାନୁକ୍ରମିକ ଜିନ୍ସ ତିଆରି ହୁଏ, ତେଣୁ ବଂଶାନୁକ୍ରମିକ ଗୁଣ ଏବଂ ଆଚରଣ ମଧ୍ୟ ଭୌତିକ

ଶାସ୍ତ୍ର ସମ୍ବନ୍ଧୀୟ ବୋଲି ଜଣାଯାଉଛି । ତା'ଛଡା ବ୍ରହ୍ମବିଦ୍ୟାଶାସ୍ତ୍ର ଅନୁସାରେ ଦେଖିଲେ ମଣିଷର ଜିନ୍ସ ହେଉ ବା ବଂଶାନୁକ୍ରମିକ ହେଉ ତାହା ବ୍ରହ୍ମବିଦ୍ୟା ସମ୍ବନ୍ଧୀୟ ନୁହେଁ । ପିତାର ବୀର୍ଯ୍ୟ ହେଉ, ମାତାର ରଜକଣା ହେଉ ତାହା ମଧ୍ୟ ବ୍ରହ୍ମବିଦ୍ୟା ସମ୍ବନ୍ଧୀୟ ନୁହେଁ, ବାସ୍ତବରେ ତାହା କେବଳ ଭୌତିକଶାସ୍ତ୍ର ସମ୍ବନ୍ଧୀୟ । ଭୌତିକଶାସ୍ତ୍ର ସମ୍ବନ୍ଧୀୟ ଆଲୋଚନା ପର୍ଯ୍ୟନ୍ତ ଜଣେ ମଣିଷର ଭୌତିକ ମାତାପିତା ଅଛନ୍ତି, ତାହା ବାସ୍ତବ କଥା ଏବଂ ସେମାନଙ୍କର ବଂଶାନୁକ୍ରମିକ ସମ୍ପର୍କ ରହିବା ମଧ୍ୟ ବାସ୍ତବ କଥା ! ହେଲେ ଏଇଠାରେ ଗଭୀର ଧ୍ୟାନ ଦେବା ବିଷୟଟିଏ ରହିଛି, ତାହା ତଳେ ଦେଖନ୍ତୁ ।

ଶରୀରରେ ଜୀବର କର୍ମ ନାମକ କିଛି ଗୋଟିଏ ଅଦେଖା ଜିନିଷ ନିଶ୍ଚୟ ଅଛି । ଏକ ଜୀବ ତା'ର କର୍ମାନୁସାରେ ତା'ର ନିକଟ ସମ୍ପର୍କୀୟ କର୍ମ ଥିବା ଘରେ ହିଁ ଜନ୍ମ ନେଇଥାଏ । ଜୀବର ଥିବା କର୍ମ ହିଁ ସେହି ପ୍ରକାରର କର୍ମ ଥିବା ଏକ ଘରେ ଜନ୍ମ କରାଇଥାଏ । ପ୍ରପଂଚରେ ନାନା କର୍ମ ଥିବା ଅନେକ ଲୋକ ଥାଆନ୍ତି । ସେମାନଙ୍କର କର୍ମ ସେମାନଙ୍କୁ ଅନ୍ୟ ଏକ ଜନ୍ମକୁ ଯିବାପାଇଁ କାରଣ ହୋଇ ରହିଥାଏ । ତେଣୁ ମରଣ ପରେ ଜୀବ ଶରୀର ଛାଡି ଯିବାବେଳେ ପ୍ରାୟ ସେହିଭଳି କର୍ମ ରହିଥିବା ବଂଶରେ ଜନ୍ମ ହୋଇଥାଏ । ଏହା ଦ୍ୱାରା ଅତୀତରେ ତା'ର ପୂର୍ବପୁରୁଷମାନେ କରିଥିବା କାର୍ଯ୍ୟଗୁଡିକ ସେ କରିବା ଦ୍ୱାରା ଦେଖୁଥିବା ଲୋକମାନେ "ତା' ଜେଜେବାପା ଭଳି ତା'ର ବୁଦ୍ଧି" ବୋଲି କହିଥା'ନ୍ତି । କର୍ମ ଅନୁସାରେ ମନୋବୁଦ୍ଧି, ଚିତ୍ତ କାର୍ଯ୍ୟ କରିଥା'ନ୍ତି ବୋଲି ନଜାଣି ସେମାନେ ଏଭଳି କହିଥା'ନ୍ତି । ଏସବୁ ବିଷୟ ଜଣେ ମଣିଷର ଭୌତିକ ମାତାପିତାଙ୍କୁ ଚିହ୍ନାଇ ସେ ନିଜେ କିଏ, ତା'ର ପ୍ରକୃତ ସ୍ଥିତି କ'ଣ ଅଜଣା ରଖିଦେଉଛି । ଜଣେ ମଣିଷକୁ ବିଭାଜନ କରି ଦେଖିଲେ ତା'ର ଶରୀର ଅଲଗା ଆଉ ସେ ମଧ୍ୟ ଅଲଗା ବୋଲି ଜଣାଯାଉଛି । ସେହିଭଳି ଶରୀରରେ ଜୀବ ଆଉ କର୍ମ ଅଲଗା ଅଲଗା ରହିଛି । ଜୀବ ତା'ର ଜୀବନରେ ଅନେକ କର୍ମ ଅର୍ଜନ

କରିଥାଏ ଏବଂ ଅନୁଭବ କରିଥାଏ । ଗତ ଜନ୍ମରେ ଅର୍ଜନ କରିଥିବା କର୍ମ ଅନୁସାରେ ଜୀବ ତା'ର ଜୀବନ ବଂଚିଥାଏ । ପ୍ରତ୍ୟେକ କାର୍ଯ୍ୟର କାରଣ କର୍ମ ହୋଇଥିବା ବେଳେ, ହେଉଥିବା କାର୍ଯ୍ୟର ଦୁଃଖସୁଖକୁ ଜୀବ ଅନୁଭବ କରିଥାଏ ସିନା, ହେଉଥିବା କାର୍ଯ୍ୟ ଅନୁସାରେ କିମ୍ବା ତା'ର ଥିବା କର୍ମ ଅନୁସାରେ ଜୀବ ଅମୁକ ବ୍ୟକ୍ତିର ସଂପର୍କୀୟ ବୋଲି କହିପାରିବା ନାହିଁ । ଜୀବର ରୂପରେଖ, ସେ କେଉଁଥିରେ ତିଆରି ହୋଇଛି, ଜୀବ କହିଲେ କ'ଣ ? ସେ କିଏ ? ଇତ୍ୟାଦି ଆମେ କହିପାରିବା ନାହିଁ । ହେଉଥିବା କର୍ମ ଅନୁସାରେ, କାର୍ଯ୍ୟ ଆଚରଣ ଅନୁସାରେ ଜଣେ ବ୍ୟକ୍ତିର ଭୌତିକ ମାତାପିତାଙ୍କୁ, ତା'ର ବଂଶକୁ କହିହେବ ସିନା ତା'ଭିତରେ ଥିବା ଜୀବର ବଂଶ କିମ୍ବା ତା'ର ଆକାର ବାବଦରେ କହିହେବ ନାହିଁ ।

ଭୂପୃଷ୍ଠରେ ମାତ୍ର ଛଅଗୋଟି ଶାସ୍ତ୍ର ରହିଛି, ତାହାକୁ ହିଁ ଷଡଶାସ୍ତ୍ର କୁହାଯାଏ । ଷଡଶାସ୍ତ୍ର ଭିତରୁ ପାଂଚଗୋଟି ଶାସ୍ତ୍ର ଜେନେରାଲ୍ ସାଇନ୍ସ ସମ୍ବନ୍ଧୀୟ । ଜେନେରାଲ୍ ସାଇନ୍ସ କହିଲେ ସାମାନ୍ୟ ଶାସ୍ତ୍ର । ସେହିଭଳି ସୁପର ସାଇନ୍ସ ମଧ୍ୟ ରହିଛି । ସୁପରସାଇନ୍ସ କହିଲେ ବ୍ରହ୍ମବିଦ୍ୟା ଶାସ୍ତ୍ର ବା ବଡଶାସ୍ତ୍ର ବୋଲି କହିପାରିବା । ବ୍ରହ୍ମ ର ଅର୍ଥ ବଡ । ସାଇନ୍ସକୁ ବିଜ୍ଞାନ ମଧ୍ୟ କହି ପାରିବା । ଷଡଶାସ୍ତ୍ର ଭିତରୁ ପାଂଚଗୋଟି ଶାସ୍ତ୍ର ହେଉଛି ୧- ଗଣିତଶାସ୍ତ୍ର, ୨- ଖଗୋଳଶାସ୍ତ୍ର, ୩- ରସାୟନଶାସ୍ତ୍ର, ୪- ଭୌତିକଶାସ୍ତ୍ର, ୫- ଜ୍ୟୋତିଷ୍ୟଶାସ୍ତ୍ର । କହିପାରିବା ଯେ, ଏହି ପାଞ୍ଚଗୋଟି ଶାସ୍ତ୍ର ଜନ୍ମହେବା ଆଗରୁ ବ୍ରହ୍ମବିଦ୍ୟାଶାସ୍ତ୍ର ବା ବ୍ରହ୍ମଶାସ୍ତ୍ର ଜନ୍ମ ହୋଇଥିଲା । ଦୁନିଆର କୌଣସି ବିଷୟ ଶାସ୍ତ୍ର ପ୍ରମାଣ ଭାବରେ ରହିବା ଉଚିତ । ଯାହା ଶାସ୍ତ୍ର ପ୍ରମାଣ ସହିତ ନଥାଏ ତାହା ଅସତ୍ୟ ହିସାବ କରିବାକୁ ହୋଇଥାଏ । ତେଣୁ **ଗୋଟିଏ ବିଷୟକୁ ସତ୍ୟ କହିବାପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ, ସେହିପରି ଗୋଟିଏ ବିଷୟକୁ ଅସତ୍ୟ କହିବାପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ହୋଇଥାଏ ।** ଏହି ସୂତ୍ର ଅନୁସାରେ କ'ଣ ସତ୍ୟ କ'ଣ ଅସତ୍ୟ ତାହା ଶାସ୍ତ୍ର

ଦ୍ୱାରା ନିରୂପଣ କରି କହିପାରିବା । ଶାସ୍ତ୍ର ଅନୁସାରେ କୁହାଯାଉ ନଥିବା ବିଷୟ ସତ୍ୟ ହୋଇପାରେ ବା ମିଥ୍ୟା ହୋଇପାରେ । ତେଣୁ ସେଭଳି କଥା କହିବା ଅନ୍ଧଭାବରେ କହିବା ଭଳି ହୋଇଥାଏ । ସେଥିଲାଗି କୌଣସି ବିଷୟ ହେଉ ତାହା ସତ୍ୟ କି ଅସତ୍ୟ ଦେଖିବା ପାଇଁ ଶାସ୍ତ୍ର ଆମର ଆଖି ସଦୃଶ ରହିଥାଏ ।

ଷଡଶାସ୍ତ୍ର ଭିତରୁ ପାଞ୍ଚଗୋଟି ଶାସ୍ତ୍ର ସାମାନ୍ୟଶାସ୍ତ୍ର ହୋଇଥିବା ବେଳେ, ଗୋଟିଏ ଅସାମାନ୍ୟ ଶାସ୍ତ୍ର ରହିଛି, ତାହା ହିଁ ସବୁଠାରୁ ବଡ ଶାସ୍ତ୍ର ବୋଲି ଆମେ ଜାଣି ସାରିଛେ । ସବୁଠାରୁ ବଡଶାସ୍ତ୍ର ହୋଇଥିବା ସେହି ଭଗବଦ୍ଗୀତାରେ ମଧ୍ୟ ଏକ ଜନ୍ମସଂସ୍କାର ଅନୁସାରେ ଅନ୍ୟଏକ ଜନ୍ମର ଭୌତିକ ମାତାପିତା ମିଳିଥାନ୍ତି ବୋଲି କୁହାଯାଇଛି, ସେମାନେ ସେହିଭଳି ଅଭ୍ୟାସ ଆଲୋଚନା ତଥା ଆଚରଣ ରହିଥିବା ଘରେ ଜନ୍ମ ହୋଇଥା'ନ୍ତି ବୋଲି ଭଗବାନ ଶ୍ରୀକୃଷ୍ଣ କହିଛନ୍ତି । ଭଗବଦ୍ଗୀତାର ଆତ୍ମସଂଯମ ଯୋଗ, ୪୧, ୪୨ତମ ଶ୍ଳୋକରେ–

**ଶ୍ଳୋକ,୪୧ :-**

**ପ୍ରାପ୍ୟ ପୁଣ୍ୟକୃତାଂ ଲୋକାନୁଷିତ୍ୱା ଶାଶ୍ୱତି ସମାଃ ।**
**ଶୁଚିନାଂ ଶ୍ରୀମତାଂ ଗେହେ ଯୋଗଭ୍ରଷ୍ଟୋଭି ଜାୟତେ ॥**

**ଶ୍ଳୋକ,୪୧ :-**

**ଅଥବା ଯୋଗୀନାମେବ କୁଳେ ଭବତି ଧିମତାମ୍ ।**
**ଏତଦ୍ଧି ଦୁର୍ଲଭତରଂ ଲୋକେ ଜନ୍ମଯଦିଦୃଶମ୍ ॥**

ବୋଲି କହିଛନ୍ତି । ଏହାର ଭାବାର୍ଥକୁ ଦେଖିଲେ ପୂର୍ବ ଜନ୍ମରେ ଯେଉଁମାନେ ଯୋଗଭ୍ରଷ୍ଟ ହୋଇଯାଇଛନ୍ତି ସେମାନଙ୍କର ଥିବା ପୁଣ୍ୟ ଫଳକୁ ସେମାନେ ଅନୁଭବ କରିବା ପରେ ଉତ୍ତମ ଆଚରଣଯୁକ୍ତ ଶ୍ରୀମନ୍ତମାନଙ୍କ

ଘରେ ଜନ୍ମ ହୋଇଥା'ନ୍ତି । ଯଦି ସେଭଳି ନ ହୁଏ ତେବେ ସେମାନେ ଉନ୍ନତ ମେଧାବୀ ହୋଇଥିବା ଯୋଗୀମାନଙ୍କ ବଂଶରେ ଜନ୍ମ ହୋଇଥାନ୍ତି । ଏଭଳି ଜନ୍ମଲାଭ କରିବା ବାସ୍ତବରେ ଦୂର୍ଲଭ ।

ଏହି ଅନୁସାରେ ଜଣାପଡେ, ଗତଜନ୍ମର ଜ୍ଞାନୀମାନେ ଜ୍ଞାନୀମାନଙ୍କ ଘରେ, ଯୋଗୀମାନେ ଯୋଗୀମାନଙ୍କ ଘରେ ଜନ୍ମହୁଅନ୍ତି । ଏକଥା ବ୍ରହ୍ମବିଦ୍ୟା କୁହାଥିବା ଭଗବଦ୍ଗୀତା ଶାସ୍ତ୍ରରେ କୁହାଯିବା ଦ୍ୱାରା ସଂପୂର୍ଣ୍ଣ ସତ୍ୟ ବୋଲି କହିପାରିବା । ତା'ଛଡା ଏଭଳି ଘଟୁଥିବା ଘଟଣା ମଧ୍ୟ ପ୍ରତ୍ୟକ୍ଷ ଭାବରେ ଜଣାପଡିଯାଉଛି ।

ଜଣେ ମଣିଷ  ଯେଉଁଭଳି ଆତ୍ମର ବ୍ୟବହାର ଉପରେ ଶ୍ରଦ୍ଧା ରଖିଥିବ, ସେହିଭଳି ଭାବ ବିଶିଷ୍ଟ ବ୍ୟକ୍ତିର ଘରେ ଜନ୍ମହେବା ଦ୍ୱାରା, ପିତାର, ପିତାମହର (ଜେଜେବାପାର) ରହିଥିବା ଭାବ ତା'ଠାରେ ରହିଥିବା ଯୋଗୁଁ ସେ ବ୍ୟକ୍ତି ଅମୁକର ନାତୀ କି ଅମୁକର ପୁଅ ବୋଲି କହିବାକୁ ଆଧାର ମିଳିଯାଉଛି । ଏଇଭଳି କେତେକ ବଳଶାଳୀ ଆଧାର ଅନୁସାରେ ଜଣେ ମଣିଷ ମୁଁ ଅମୁକର ପୁଅ କି ନାତୀ ଭାବିଥାଏ । ସେଥିଲାଗି ପ୍ରତି ବ୍ୟକ୍ତି ବାହ୍ୟ ମାତାପିତାଙ୍କୁ ନିଜର ମାତାପିତା ବୋଲି କହିଥାଏ । ବାସ୍ତବରେ ଏସବୁ ବାହ୍ୟ ଦୁନିଆର ବ୍ୟବହାର । ଆତ୍ମର ବ୍ୟବହାର ଗୁଣଗୁଡିକର ଶ୍ରଦ୍ଧା ଅନୁସାରେ ଆସିଥାଏ, ଗୁଣରାଜି ଏବଂ ସେଗୁଡିକର ଆଚରଣ ଅଲଗା, ଜୀବ ଅଲଗା, ଜୀବ ଆତ୍ମା ସମ୍ବନ୍ଧୀୟ ସିନା, ଗୁଣ ସମ୍ବନ୍ଧୀୟ ନୁହେଁ ବୋଲି କେହି ଜାଣନ୍ତି ନାହିଁ । ସେଥିଲାଗି ଶରୀର ସମ୍ବନ୍ଧୀୟ ମାତାପିତାଙ୍କୁ ମଣିଷ ନିଜର ମାତାପିତା ଭାବିଥାଏ । ଗୋଟିଏ ଶରୀର ସାମଞ୍ଜସ୍ୟ ଦେଖି ତଥା ଆତ୍ମର ବ୍ୟବହାରକୁ ଦେଖି ମଣିଷ ନିଜ ମାତାପିତାଙ୍କ ବାବଦରେ ଭ୍ରମିତ ହୋଇଥାଏ । ତା'ର ଦୁଇ ପ୍ରକାରର ମାତାପିତା ରହିଛନ୍ତି, ଏକ ପ୍ରକାରର ମାତାପିତା ତା' (ଜୀବାତ୍ମା) ସମ୍ବନ୍ଧୀୟ, ଆଉଏକ ପ୍ରକାରର ମାତାପିତା ତା'

ଶରୀର ସମ୍ବନ୍ଧୀୟ, ତା' ସମ୍ବନ୍ଧୀୟ ମାତାପିତା ବା ଶାଶ୍ୱତ ମାତାପିତା ସୃଷ୍ଟି ପ୍ରାରମ୍ଭରୁ ରହିଛନ୍ତି, ତା'ଶରୀରର ମାତାପିତା ପ୍ରତି ଜନ୍ମରେ ବଦଳୁଛନ୍ତି ବୋଲି କେହି ମଧ ଭାବୁ ନାହାନ୍ତି ।

ସାଧାରଣ ମଣିଷ କେବଳ ଦେଖାଯାଉଥିବା ମାତାପିତାଙ୍କୁ ଜାଣି ଦେଖାଯାଉ ନଥିବା ମାତାପିତାଙ୍କୁ ଜାଣିନଥାଏ । ମାତାପିତା ଯେ, ଦୁଇ ପ୍ରକାରର ବୋଲି ସେମାନଙ୍କୁ ଜଣାନଥାଏ । ହେଲେ ଦୈବଜ୍ଞାନ ଜଣାଥିବା ମଣିଷକୁ, ଯୋଗୀମାନଙ୍କୁ ପ୍ରକୃତି ପରମାତ୍ମା ହିଁ ଆମର ମାତାପିତା ବୋଲି ଜଣାଥାଏ, ସେମାନଙ୍କୁ ଏହା ଜଣାଥିବା ଯୋଗୁଁ ସେମାନେ ସେମାନଙ୍କର ଶରୀର ସମ୍ବନ୍ଧୀୟ ମାତାପିତାଙ୍କୁ ସ୍ୱଳ୍ପ ଏବଂ ଶାଶ୍ୱତ ମାତାପିତାଙ୍କୁ ସର୍ବଦା ବଡ ଭାବିଥା'ନ୍ତି । ତେବେ ସେହି ଜ୍ଞାନ ଜାଣିଥିବା, ଯୋଗୀମାନେ ସେମାନଙ୍କ ଶରୀରର ମାତାପିତାଙ୍କୁ କ'ଣ ସମ୍ମାନ ଦେଇ ନଥାନ୍ତି ? କଣ ସେମାନଙ୍କୁ ମହାନ ଭାବିନଥା'ନ୍ତି ? ବୃଦ୍ଧାବ୍ୟ ଦଶାରେ କ'ଣ ସେମାନଙ୍କର ସେବା କରିନଥା'ନ୍ତି ? କଣ ସେମାନଙ୍କୁ ପୋଷି ନଥା'ନ୍ତି ? ବୋଲି ପ୍ରଶ୍ନ ନିଶ୍ଚୟ ଆସିଥାଏ । ସେଥିପାଇଁ ସମାଧାନ ହେଉଛି ! ଶରୀରର ମାତାପିତା ତା'କୁ ଜନ୍ମ ଦେବାଠାରୁ ପୋଷିପାଳି ଆସିଥିବାରୁ ମୋ' ପୁଅ ବୋଲି ମୋହଗୁଣ ଦ୍ୱାରା ମୋହିତ ହୋଇ କଥା କହିଥା'ନ୍ତି । ଏହା ତ ସମସ୍ତେ ଜାଣିଥିବା ବିଷୟ, କିନ୍ତୁ ଜଣେ ଜ୍ଞାନୀ ତା'ର ମାତାପିତାଙ୍କୁ ତା'ଶରୀରକୁ ପୋଷିଥିବା ଅତି ସନ୍ନିହିତ ବ୍ୟକ୍ତି ଭାବରେ ଚିହ୍ନି, ତା'ବଦଳରେ ସେମାନଙ୍କ ଶରୀରକୁ ପୋଷିବା ତା'ର ମୁଖ୍ୟ କର୍ତ୍ତବ୍ୟ ଭାବିଥାଏ । ଛୋଟ ଥିବାବେଳେ ତା'ର ନାନା ସେବା କରି, ପାଠ ପଢାଇ, ଖୁଆଇ ପିଆଇ କେତେ ସ୍ନେହଁରେ ସେମାନେ ବଢାଇଥା'ନ୍ତି ବୋଲି ଜାଣି ସେମାନଙ୍କୁ ପୋଷିବା ମଧ ତା'ର ମୁଖ୍ୟ କର୍ତ୍ତବ୍ୟ ଭାବିଥାଏ । ଜଣେ ଜ୍ଞାନୀ ବା ଯୋଗୀ ତାର ମାତାପିତା ହୋଇଥିବା ପ୍ରକୃତିପରମାତ୍ମା କେତେବେଳେ ମଧ ବୃଦ୍ଧାବ୍ୟ ଦଶାରେ ପହଞ୍ଚି ନଥାନ୍ତି, ସେ ନିଜେ କେବେ ମଧ ବଡ ହୋଇ ନଥାଏ, ସେ ସବୁବେଳେ

ପ୍ରକୃତି ମାତାର କୋଳରେ ଛୋଟଛୁଆ, ସବୁବେଳେ ସେ ସେମାନଙ୍କ ଦ୍ୱାରା ପୋଷିତ ହୁଏ, ସେ କେବେ ବଡହୋଇ ସେମାନଙ୍କୁ ପୋଷି ପାରିବ ନାହିଁ, ସେ ସେମାନଙ୍କ ବିଷୟରେ ସବୁବେଳେ ଏପରି ହିଁ ଭାବନା କରିଥାଏ ।

ତାଛଡା ଶରୀରର ମାତାପିତା ବୃଦ୍ଧାବ୍ୟ ଦଶାରେ ପହଂଚିଥା'ନ୍ତି ଏବଂ ସେମାନଙ୍କୁ ପୋଷିବା କର୍ତ୍ତବ୍ୟ ଏ ଜନ୍ମପାଇଁ ମୋର ବୋଲି ଜଣେ ଜ୍ଞାନୀ ସର୍ବଦା ଭାବିଥାଏ, ସେମାନଙ୍କ ବାବଦରେ ନ୍ୟାୟ ଅନ୍ୟାୟର ବିଚାର ମଧ୍ୟ କରିଥାଏ । ଜ୍ଞାନୀ ପ୍ରକୃତି ଆଉ ପରମାତ୍ମା ତା'ର ପ୍ରକୃତ ମାତାପିତା ବୋଲି ଜାଣିଥିଲେ ମଧ୍ୟ, ଶରୀରର ମାତାପିତାଙ୍କୁ ଦେଖିବାରେ କେବେହେଲେ ଅବହେଳା କରି ନଥାଏ, ସେ ଛୋଟ ଥିବା ବେଳେ ସେମାନେ ତାର ଶରୀରକୁ ପୋଷିଥାନ୍ତି, ତେଣୁ ଜ୍ଞାନୀ ବୃଦ୍ଧା ବୟସରେ ସେମାନଙ୍କ ଯତ୍ନ ନେଇଥାଏ । ଜ୍ଞାନୀର ମାତାପିତା ଯେ, ପ୍ରକୃତି ପରମାତ୍ମା ବୋଲି ଜ୍ଞାନୀ ଜାଣିଥିଲେ ମଧ୍ୟ, ଶରୀର ସମ୍ବନ୍ଧୀୟ ମାତାପିତାଙ୍କ ଉପରେ ତା'ର ଭକ୍ତିଭାବ ସର୍ବଦା ବଜାୟ ରଖିଥାଏ । ମାଆବାପାଙ୍କର ପୋଷଣକୁ ନଦେଖି ଜ୍ଞାନୀ ତା ଶରୀରର ମାତାପିତାଙ୍କୁ ପୋଷିବା ହିଁ ତା'ର ମୁଖ୍ୟ କର୍ତ୍ତବ୍ୟ ବୋଲି ଭାବିଥାଏ । ଜ୍ଞାନହୀନ ସାଧାରଣ ଲୋକମାନେ ସେମାନଙ୍କ ମାତା ପିତାଙ୍କୁ ନପୋଷି ଶେଷରେ ସେମାନଙ୍କ ଧନ, ଅଳଙ୍କାର ଛଡାଇ ନେଇଥା'ନ୍ତି । ବୃଦ୍ଧବୟସରେ ଥିବା ମାତାପିତାମାନେ ଶୀଘ୍ର ମରିଗଲେ ସେମାନଙ୍କର ଥିବା ସମ୍ପତ୍ତିକୁ ଇଚ୍ଛା ଅନୁସାରେ ଖର୍ଚ୍ଚ କରିହେବ ବୋଲି ସେମାନଙ୍କୁ ଜୀବନରେ ମାରି ଦେଉଥିବା ଲୋକମାନେ ମଧ୍ୟ ସମାଜରେ ଅଛନ୍ତି, ସେମାନଙ୍କର ଧନସମ୍ପତ୍ତି ଅନୁଭବ କରୁଥାଇ, ମାତା ପିତାଙ୍କୁ ବାରଦୂଆର ବୁଲିବା ଭଳି କରୁଥିବା ଲୋକମାନେ ମଧ୍ୟ ଅଛନ୍ତି । ଏଭଳି ଜ୍ଞାନହୀନ ଲୋକମାନେ ସେମାନଙ୍କ ମାତାପିତାଙ୍କୁ ନାନା ପ୍ରକାରର ଅସୁବିଧାରେ ପକାଇଥାନ୍ତି, କିନ୍ତୁ ଯୋଗୀମାନେ, ଜ୍ଞାନୀମାନେ ଦେଖାଯାଉଥିବା ସେମାନଙ୍କର ମାତାପିତାଙ୍କୁ ନିଜ ଶରୀରର ମାତାପିତା ବୋଲି ଜାଣି, ସେମାନଙ୍କୁ ଉପଯୁକ୍ତ ବିଧିରେ

ସମ୍ମାନ ଦେଖାଇ, ଭକ୍ତିକରି, ସେମାନଙ୍କର କୌଣସି ଅସୁବିଧା ନହେବା ଭଳି କରିଥା'ନ୍ତି, ସେମାନଙ୍କୁ ପୋଷିବାକୁ ସେମାନଙ୍କର ଭଲ ମନ୍ଦ ବୁଝିବାକୁ ଏ ଜନ୍ମର ମୁଖ୍ୟ କର୍ତ୍ତବ୍ୟ ଭାବିଥା'ନ୍ତି ।

ଶରୀରର ମାତାପିତାଙ୍କୁ ଭଲରେ ପୋଷୁ ନଥିବା କେତେକ ପୁଅମାନେ, ଆଦୌ ପୋଷୁନଥିବା ପୁଅମାନେ, ସମାଜରେ କେଉଁଠାରେ କେମିତି ଦେଖା ଯାଆନ୍ତି । ସେଭଳି ପୁଅମାନଙ୍କୁ ଦେଖି ମାତାପିତାମାନେ ଦୁଃଖ କରନ୍ତି, ସେମାନେ ନ ପୋଷିଲେ ମଧ୍ୟ ଏସବୁ ଆମର କର୍ମ ବୋଲି ଭାବୁଥିବା ମାତା, ପିତା ମଧ୍ୟ ଅନେକ ରହିଥା'ନ୍ତି । ପିଲାମାନେ ନ ପୋଷିଲେ ନାଇଁ, ସେମାନଙ୍କୁ ଧନ ଦେଇନାହାନ୍ତି ବୋଲି ମାତାପିତାଙ୍କୁ ନିନ୍ଦା କରୁଥିବା, ଉନ୍ନତ ପାଠ ପଢି ମାତାପିତାଙ୍କୁ ମୂର୍ଖ ବୋଲି ଭାବୁଥିବା, କଥା କଥାରେ ମାତାପିତାଙ୍କୁ ଅବହେଳିତ କଥାବାର୍ତ୍ତା କରୁଥିବା ପିଲାମାନଙ୍କ ପାଇଁ ମାତାପିତାମାନେ କିଛି ସୀମା ପର୍ଯ୍ୟନ୍ତ ଦୁଃଖ କରିଥା'ନ୍ତି, ହେଲେ ସେମାନଙ୍କୁ ସବୁଠାରୁ ଅଧିକ ଦୁଃଖ ଦେଉଥିବା ଗୋଟିଏ ବିଷୟ ମଧ୍ୟ ରହିଛି । ମାତାପିତାଙ୍କୁ ଭଲରେ ପୋଷୁଥିବା ପିଲାମାନେ ମଧ୍ୟ ସେହି ଗୋଟିଏ ବିଷୟରେ ସେମାନଙ୍କୁ ଅତୀବ କଷ୍ଟଦାୟକ ହୋଇଥା'ନ୍ତି, ତାହା ସେମାନଙ୍କୁ ଅନେକ ଯନ୍ତ୍ରଣା ଦେଇଥାଏ, ଏଇଭଳି ଥିବା ଏକ ଯଥାର୍ଥ ବିଷୟ ନିମ୍ନମତେ ଦେଖନ୍ତୁ ।

ଏକ ମଧ୍ୟବିତ୍ତ ପରିବାର ହୋଇଥିବା ଜଣକର ଏକମାତ୍ର ପୁଅ । ସେମାନଙ୍କର ସେ ଏକମାତ୍ର ପୁଅ ହୋଇଥିବାରୁ ତା'ପ୍ରତି ସେମାନଙ୍କର ଅମିତ ମୋହ, ପ୍ରେମ ରହିଥିଲା, ଅତି ଯତ୍ନରେ ସେମାନେ ତା'କୁ ବଢାଇଥିଲେ । ନିଜ ଜୀବନ ଅପେକ୍ଷା ପୁଅର ଜୀବନକୁ ଭଲପାଇ ତା'ର ଲାଳନ ପାଳନ କରୁଥାଇ, ପୁଅର ଜୀବନ ଅତି ସୁନ୍ଦର ଭାବରେ ବିତିଯାଉ ବୋଲି ସବୁବେଳେ ଚେଷ୍ଟା କରୁଥିଲେ । ସୁନ୍ଦର, ସ୍ୱାଦିଷ୍ଟ ଖାଦ୍ୟ ପୁଅକୁ ଦେଇ ସେମାନେ ରୁଚିହୀନ ଖାଦ୍ୟ ଖାଇ ରହି ଯାଉଥିଲେ । ସେମାନଙ୍କ

ପାଖରେ ଟଙ୍କାପଇସା ସେତେ ନ ଥିଲେ ମଧ୍ୟ କରଜବାରଜକରି ପୁଅକୁ ଭଲପୋଷାକ  ପିନ୍ଧାଉଥିଲେ । ଏହିଭଳି ସେମାନେ ପୁଅର ଜୀବନ ସୁଖମୟ କରି ନିଜେ ନିରାଡମ୍ବର ଜୀବନ ବିତାଉଥିଲେ, ଅନେକ ସମୟରେ କଷ୍ଟ ମଧ୍ୟ ଅନୁଭବ କରୁଥିଲେ, ଅନେକ କଷ୍ଟକରି ପୁଅକୁ ସହର ପଠାଇ ଉନ୍ନତ ପାଠ ପଢାଉଥିଲେ, ସେମାନଙ୍କ ପୁଅ ଭଲ ପାଠ ପଢୁଛି ବୋଲି ଖୁସିରେ ସେମାନଙ୍କ କଷ୍ଟ ଦୂର ହୋଇଯାଉଥିଲା । ଏଭଳି ପରିସ୍ଥିତିରେ ପୁଅଟି ସହରରେ ରହି, ତା'ର ମାଆବାପା ଏତେ କଷ୍ଟ କରୁଛନ୍ତି ବୋଲି ନଭାବି ନିଜ ଇଚ୍ଛା ଅନୁସାରେ ବଂଚୁଥିଲା । ଏତେ କଷ୍ଟକରି ତାର ମାଆବାପା ଟଙ୍କା ପଠାଉଛନ୍ତି ବୋଲି ନଭାବି ତାହା ମନଇଚ୍ଛା ଖର୍ଚ୍ଚ କରୁଥିଲା । ଏମିତି ସୁଖରେ ବଞ୍ଚୁଥିବା ସେହି ପୁଅ ତା ସହିତ ପାଠ ପଢୁଥିବା ଗୋଟିଏ ଧନୀ ଝିଅକୁ  ପ୍ରେମ କରି ବସିଲା । ସେ ଝିଅଟି ମଧ୍ୟ ଏ ପୁଅର ଚଲିଚଳନକୁ ଦେଖି, ବଡ ଧନୀଘରର ପୁଅ ହୋଇଥିବ ଭାବି ତାକୁ ସେ ମଧ୍ୟ ପ୍ରେମ କରୁଥିଲା, ଏଭଳି ସେମାନେ ପରସ୍ପରକୁ ପ୍ରେମ କରୁଥିବା ସମୟରେ ସେମାନଙ୍କ ପାଠପଢା ଶେଷହେଲା, ପାଠପଢା ଶେଷ ହେଉ ହେଉ ତା'କୁ ଏକ ଭଲ ଚାକିରି ମଧ୍ୟ ମିଳିଗଲା, ଚାକିରି ମିଳିଯିବା ପରେ ସେ ଭଲପାଉଥିବା ଝିଅଟିକୁ ମଧ୍ୟ ବାହାହେବାକୁ ଇଚ୍ଛାକଲା । ବାହାଘର ବିଷୟ କଥା ହେବା ପାଇଁ ସେ ଝିଅ କହିବା ଅନୁସାରେ ଦିନେ ସେ ପୁଅଟି ଝିଅର ଘରକୁ ଗଲା ।  ସେଠାରେ  ସେ ଝିଅ ତା'ର ମାଆବାପାଙ୍କୁ ପୁଅର ପରିଚୟ କରାଇଲା । ଝିଅର ଘରକୁ ଯାଇଥିବା ପୁଅ ଅତି ମୂଲ୍ୟବାନ ଘର ଆଉ ଉନ୍ନତ ପଦବୀରେ ଥିବା ଝିଅର ମାଆବାପାଙ୍କୁ ଦେଖି ଭାବିଲା, ମୁଁ ଯଦି ମୋ ଗାଆଁର କୁଡିଆ, ମଳିମୁଣ୍ଡିଆ ମୋ' ବାପାବୋଉ (ମାଆ)ଙ୍କ କଥା କହିବି ତେବେ  ସେମାନେ ଝିଅକୁ ମୋତେ ବିବାହ ଦେବେ ନାହିଁ । ଝିଅର ମାଆ ବାପା ଏ ବାହାଘରକୁ ରାଜି ହେବେନାହିଁ ଭାବି ସେମାନଙ୍କ ସହିତ ସେ ପରିଚିତ ହେବାପରେ ନିଜ ବାପାମାଆଙ୍କ ପରିଚୟ ଦେବାକୁ

ଯିବାବେଳେ ମିଛକହି କହିବାକୁ ଲାଗିଲା ଯେ, ଏବେ ମୋ' ବାପା ମାଆ ବିଦେଶ ଭ୍ରମଣରେ ଯାଇଛନ୍ତି, ସେମାନେ ଫେରିଲେ ମୁଁ ଆପଣଙ୍କ ସହିତ ସେମାନଙ୍କୁ ପରିଚୟ କରାଇବି, ସେତେବେଳେ ଝିଅର ବାପାମାଅ । କହିଲେ ଏଇହିଁ ଆମର ଏକମାତ୍ର ଝିଅ, ଆମର ଥିବା ସମସ୍ତ ଧନସମ୍ପତ୍ତି ସବୁ ତା'ର, ଯଦି ତା'କୁ ତୁମେ ବାହାହେବାକୁ ଚାହୁଁଛ ତେବେ ତୁମେ ଆମଘରେ ଘରଜୋଇଁ ହୋଇ ରହିବାକୁ ହେବ, ସେମାନଙ୍କ କଥା ଶୁଣି ସେ ଟିକିଏ ନିଜର ଥିବା ଧନସମ୍ପତ୍ତି ବାବଦରେ ଚିନ୍ତାକରି, ଏହାଠାରୁ ଆଉ ସୁବର୍ଣ୍ଣ ସୁଯୋଗ ମୋପାଇଁ କ'ଣ ଥାଇପାରେ ଭାବି ହଁ ମୁଁ ଆପଣଙ୍କ ଘରେ ଘରଜୋଇଁ ହୋଇ ରହିବି ବୋଲି ରାଜି ହୋଇଗଲା ।

ପୁଅଟି ରାଜି ହୋଇଯିବା ପରେ ସେମାନଙ୍କର ବାହାଘର ମଧ୍ୟ ସ୍ଥିର ହୋଇଗଲା । ତା'ର ବାହାଘର ଠିକ୍ ହୋଇଯାଇଛି ବୋଲି ପୁଅଟି ତା'ର ମାଆବାପାଙ୍କୁ ମଧ୍ୟ ଜଣାଇଲା ନାହିଁ, ଭାବିଲା ଯଦି ମୋ'ବାହାଘର ଠିକ୍ ହୋଇଯାଇଛି ବୋଲି ସେମାନଙ୍କୁ କହିବି ତେବେ ସେମାନେ ଏଠାକୁ ଆସି ସେମାନଙ୍କ ସୁଖିଲା ମୁହଁ, ପତଳା ଶରୀର ଦେଖାଇବେ, ମୁଁ ଗରିବ ବୋଲି ମୋ'ଶଶୁରଙ୍କୁ ଜଣାପଡିଯିବ, ମୁଁ ଧନୀଘରର ଛୁଆ ବୋଲି କହିଥିବା ମିଛକଥା ଧରା ପଡିଯିବ, ମୋ' ବାହାଘର ମଧ୍ୟ ଭାଙ୍ଗିଯିବ । ସେଥିଲାଗି ତା'ର ବାହାଘର କଥା ତା'ର ମାଆବାପା ଙ୍କୁ ସେ ଜଣାଇଲା ନାହିଁ । ହେଲେ ବାହାଘର ଦିନ ଏମାନେ ହିଁ ମୋ' ମାଆବାପା ବୋଲି ଦେଖାଇବାକୁ ପଡିବ ତେଣୁ ସେ ଧନବାନ ଭଳି ଦେଖାଯାଉଥିବା ଦୁଇଜଣ ଭଡାଟିଆଙ୍କୁ ଆଣିବା ପାଇଁ ସ୍ଥିରକଲା । ତୁମେମାନେ ମୋ ମାଆବାପାଙ୍କ ଭଳି ଅଭିନୟ କରିବ ବୋଲି ସେମାନଙ୍କୁ କହିଲା । ବାହାଘରର ଗୋଟିଏ ଦିନ ପୂର୍ବରୁ ସେହି ଅଭିନୟ କରୁଥିବା ଭଡାଟିଆ ଲୋକମାନଙ୍କୁ ଆଣି, ଏମାନେ ମୋ' ମାଆବାପା ବୋଲି ତା'ର ଶଶୁରଙ୍କ ସହିତ ପରିଚୟ କରାଇଲା । ଏମିତି ଶେଷରେ ବାହାଘର (ବିବାହ) କାର୍ଯ୍ୟ ହେବା ସମୟ ଆସିଲା । ବାସ୍ତବରେ

ତା'ର ମାଆବାପାଙ୍କୁ ଆମ ପୁଅର ବାହାଘର ହେଉଛି ବୋଲି ଜଣାନାହିଁ । ଠିକ୍ ସେଇଦିନ ଆମପୁଅ ସହରରେ କେମିତି ଅଛି, ବହୁତଦିନ ହେଲା ଘରକୁ ଆସୁନାହିଁ, କୌଣସି ଖବର ମଧ୍ୟ ପଠାଉ ନାହିଁ, ବୋଧହୁଏ କେଉଁ କାମରେ ବ୍ୟସ୍ତ ଥିବ ଭାବି ସେମାନେ ସହର ଯାଇ ଟିକିଏ ପୁଅକୁ ଦେଖି, ଫେରି ଆସିବେ ବୋଲି ଭାବିଲେ । ସେମାନେ ଆସି ସହରରେ ପହଂଚିବା ଦିନ ସେମାନଙ୍କ ପୁଅର ବାହାଘର ବୋଲି ସେମାନଙ୍କୁ ଜଣା ନାହିଁ, ଆସିବା ପରେ କୌଣସି ସୂତ୍ରରୁ ଜାଣି ପାରିଲେ ଯେ,ଆଉ ଘଣ୍ଟାଏ ପରେ ଅମୂକ କଲ୍ୟାଣମଣ୍ଡପରେ ପୁଅର ବାହାଘର । ଏକଥା ଜାଣିବା ପରେ ସେମାନେ କାଳବିଳମ୍ବ ନକରି ସେହି କଲ୍ୟାଣମଣ୍ଡପକୁ ଚାଲିଗଲେ, କଲ୍ୟାଣମଣ୍ଡପ ରେ ପହଞ୍ଚୁ ପହଞ୍ଚୁ ଦେଖିଲେ ଯେ, ପୁଅ ବିବାହ ବେଦୀରେ ବସିଛି । ସେତେବେଳେ ସେମାନେ ପୁଅ ସହିତ କ'ଣ କଥାହେବେ, ସେଠାରେ ବାହାଘର ଦେଖୁଥିବା ଅନ୍ୟମାନଙ୍କ ସହିତ ଠିଆହୋଇ ପୁଅର ବାହାଘର ଦେଖିବାକୁ ଲାଗିଲେ, ଆଉ ଦଶମିନିଟ୍ ପରେ ବାହାଘର ଶେଷହେଲା । ପୁରୋହିତ ବାହାଘର କାର୍ଯ୍ୟ ସାରି ଏବେ ତୁମେ ଦୁହେଁ ଯାଇ ପ୍ରଥମେ ତୁମମାନଙ୍କ ମାତାପିତାଙ୍କୁ ପାଦନମସ୍କାର କର ବୋଲି କହିଲେ । ପୁଅ ଅଭିନୟ କରିବା ପାଇଁ ଆଣିଥିବା ମାଆବାପାଙ୍କୁ ପ୍ରଥମେ ପାଦନମସ୍କାର କରି ତା'ପରେ ତା'ର ଶାଶୁ ଶଶୁରଙ୍କ ପାଦ ଛୁଇଁଲା । ଏସବୁ ପ୍ରତ୍ୟକ୍ଷ ଭାବରେ ଦେଖୁଥିବା ପୁଅର ପ୍ରକୃତ ମାଆବାପାଙ୍କୁ ସେଠିକାର ପରିସ୍ଥିତି ବାବଦରେ ଆଉ କିଛି ଅଧିକ ଜାଣିବା ବାକି ରହିଲା ନାହିଁ, ସେମାନେ ସେମାନଙ୍କ ପ୍ରାଣଠାରୁ ଅଧିକ ଭଲପାଉଥିବା ପୁଅ ସେମାନଙ୍କୁ ଅତି ଦାରୁଣ ଭାବରେ ଠକିଛି ବୋଲି ସେମାନେ ବୁଝି ପାରିଲେ ।

ସେ ଆମକୁ କାହିଁକି ଏତେ ଠକିଲା, ତା' ସହିତ ଟିକିଏ ଦେଖା ହୋଇ ଜାଣିବା ପାଇଁ, ଗହଳି ଭିତରୁ ଯାଇ ପୁଅ ସହିତ ଦେଖାହେଲେ । ସେତେବେଳେ ସେ ପୁଅ ଟିକିଏ ଆଶ୍ଚର୍ଯ୍ୟ ମଧ୍ୟ ନହୋଇ ସର୍ବସାଧାରଣ

ଭାବେ ପଚାରିବା ଭଳି କ'ଣ ସବୁ ଭଲ ତ ! ବୋଲି ପଚାରିଲା । ସେତିକି ବେଳେ ତା'ର ଶାଶୁଶଶୁରଙ୍କୁ ନିଜର ମାଆବାପାଙ୍କୁ ଦେଖାଇ ଏମାନେ ଆମ ଘରେ କାମ କରୁଥିବା ହଳିଆ ଦମ୍ପତି ବୋଲି କହିଲା । ସେତେବେଳେ ତା'ର ଅସଲି ମାଆବାପା ପୁଅର ଏକଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ, ତାଙ୍କ ପୁଅ ସେମାନଙ୍କ ବାବଦରେ ମିଛ କହୁଛି ବୋଲି ବୁଝି ପାରିଲେ, ଆମ ବଦଳରେ ଆଉ କାହାକୁ ଆଣି ମାଆବାପା ବୋଲି କହିଛି ବୋଲି ଜାଣି ପାରିଲେ । ଏତିକିବେଳେ ସେମାନେ ଯଦି ସତକଥା କହିଦିଅନ୍ତି ତେବେ ତାଙ୍କ ପୁଅର ବଡ ନିନ୍ଦା ହେବ, ସେ ବଡଠକ ବୋଲି ସମସ୍ତେ ଜାଣିଯିବେ ଭାବି, ନିଜ ପୁଅର ସୁଖ କାମନା କରି କିଛି ନକହି ଚୂପ୍ ରହିଲେ । ପୁଅଟି ନିଜର ସୁଖ ପାଇଁ, ନିଜ ଇଚ୍ଛାର ଝିଅକୁ ବାହାହେବା ପାଇଁ, ନିଜ ମାଆବାପାଙ୍କୁ ଛାଡି ଅନ୍ୟମାନଙ୍କୁ ମାଆବାପା କରି ଦେଖାଇଲା । ସେମାନଙ୍କ ପୁଅ ପ୍ରକୃତ ମାଆବାପାଙ୍କୁ ଛାଡି, ନିଜର ମାନ ସମ୍ମାନ ପାଇଁ କିଛି ସମୟ ମାଆବାପା ହୋଇ ରହୁଥିବା ଭଡାଟିଆ ଲୋକମାନଙ୍କୁ ଆଣି ଦେଖାଇଲା । ବାହାଘର ସମୟରେ ଶାଶ୍ୱତ ହୋଇନଥିବା ମାଆବାପାଙ୍କ ନାଆଁକୁ ନିଜର ମାଆବାପା ଭାବରେ ବର୍ଣ୍ଣନା କରିଥିବା ପୁଅ ବାବଦରେ ଜାଣି ପାରିଥିବା ସେହି ମାଆବାପା ଆମଠାରୁ ଜନ୍ମ ହୋଇ ଆମ ନାଆଁ ନକହି ଅନ୍ୟମାନଙ୍କ ନାଆଁ କହିବା ଶୁଣି ଦୁଃଖରେ ଭାଙ୍ଗିପଡିଲେ । ଘଟଣା ଦୁଃଖଦ ହେଲେ ମଧ୍ୟ, ସେମାନଙ୍କ ପୁଅ କେତେବଡ ଠକ ହେଲେ ମଧ୍ୟ ଶେଷରେ ସେ ଆମରି ପୁଅ ବୋଲି ସବୁ କଥାକୁ ସହି ଚୂପ୍ ରହି ସେହି ମାଆବାପା ଘରକୁ ଫେରି ଆସିଲେ ।

ଦେଖିଲେ ତ ଏହା କେତେ ଦୁଃଖ ଦାୟକ ବିଷୟ ! କୌଣସି ପୁଅ ତା'ର ମାତାପିତାଙ୍କୁ ଏମାନେ ମୋର ମାତାପିତା ନୁହଁନ୍ତି କହି ସେମାନଙ୍କ ଆଗରେ ଅନ୍ୟ କାହାକୁ ମୋ ମାତାପିତା କହିବା ନିଶ୍ଚୟ ଦୁଃଖଦାୟକ, ଏ କ୍ଷେତ୍ରରେ ସେମାନେ ଅତି ମର୍ମାହତ ହୋଇଯାଆନ୍ତି, ମାନସିକ ଯନ୍ତ୍ରଣାରେ

ସେମାନଙ୍କ ଅବସ୍ଥା ଶୋଚନୀୟ ହୋଇଯାଏ, କିନ୍ତୁ ଏଇ ଘଟଣାରେ ସେ ପୁଅର ବାସ୍ତବ ମାତାପିତା ସେଭଳି ହୋଇନଥିଲେ । ସେ କେଉଁଠାରେ ଥାଉ, କାହାକୁ ତା'ର ବାପା ମାଆ ବୋଲି କହୁ ପଛେ ସେ ତ ଆମରି ପୁଅ, ସେ ସୁଖରେ ରହୁ ବୋଲି ଭାବିଥିଲେ, ପୁଅ ସେମାନଙ୍କ ଆଗରେ ସେମାନଙ୍କୁ ହଳିଆ ସଜାଇ ଦେଇଥିଲେ ମଧ୍ୟ ସବୁ ସହି ସେ ଯାହା ବି କହୁ ଆମରି ପୁଅ ବୋଲି ଭାବି ସେଠାରୁ ଚାଲି ଆସିଥିଲେ । ଏମିତି ଛଅମାସ ବିତିଗଲା । ସେମାନଙ୍କ ପୁଅ ଏକ ଭୟଙ୍କର ରୋଗରେ ପଡିଛି ବୋଲି ସେମାନେ ଗାଆଁରେ ଥାଇ କୌଣସି ସୂତ୍ରରୁ ଦିନେ ଜାଣିପାରିଲେ । ପୁଅର ଦେହ ଖରାପ କଥା ଶୁଣି ସାଙ୍ଗେସାଙ୍ଗେ ସହର ଯିବାକୁ ବାହାରିପଡିଲେ, ସେମାନେ ସହରର ଡାକ୍ତରଖାନାରେ ପହଂଚିବା ଆଗରୁ ପୁଅର ଦେହରେ ରକ୍ତ କମ୍ ଅଛି,ସେହି ଗ୍ରୁପ୍‌ର ରକ୍ତ ନିହାତି ଦରକାର ବୋଲି ଡାକ୍ତର  କହିଥିଲେ । ସେତେବେଳେ ପୁଅର ମାଆବାପା ବୋଲି ଭାବିଥିବା ଭଡାଟିଆ ମା'ବାପାଙ୍କୁ ପୁଅର ଶଶୁର ଡକାଇ ସେମାନଙ୍କ ରକ୍ତ ପରୀକ୍ଷା କରାଇଥିଲେ ମଧ୍ୟ ସେମାନଙ୍କ ରକ୍ତର ଗ୍ରୁପ୍ ଜୋଇଁର ରକ୍ତ ଗ୍ରୁପ୍ ସହିତ ମିଶୁନାହିଁ ବୋଲି ଜାଣି ପାରିଥିଲେ । ଏତିକିବେଳେ ପୁଅର ପ୍ରକୃତ ମାଆବାପା ଡାକ୍ତରଖାନାରେ ପହଂଚିଲେ । ପୁଅର ଶଶୁର ସେମାନଙ୍କୁ ଦେଖି  ଟିକିଏ ସଂଦେହ କଲେ । ଜୋଇଁର  ରକ୍ତ ତା'ର ମାଆବାପାଙ୍କ ରକ୍ତ ସହିତ ନ ମିଶିବାରୁ ତାଙ୍କର ଆହୁରି ସଂଦେହ ହେଲା । ଜୋଇଁ ହଳିଆ ଦମ୍ପତି ବୋଲି କହିଥିବା ଲୋକମାନଙ୍କଠାରେ ଜୋଇଁର କିଛି ସାଦୃଶ୍ୟକୁ ଲକ୍ଷ୍ୟକରି ସେ ଆହୁରି ଅଧିକ ସଂଦେହକରି, ଆଗରୁ ଜାଣିଥିବା ଜୋଇଁର ମାଆବାପାଙ୍କ ଉପରେ ତାଙ୍କର ସଂଦେହ ବଢିଥିଲା, ସେ ସେମାନଙ୍କ ରକ୍ତ  ଆଉ ଡି.ଏନ୍.ଏ ପରୀକ୍ଷା କରାଇବା ବେଳେ, ସେମାନଙ୍କ ରକ୍ତଗ୍ରୁପ୍ ଜୋଇଁର ରକ୍ତଗ୍ରୁପ୍  ସହିତ ମେଳଖାଇଲା । ସେତେବଳେ ତାଙ୍କୁ ଆଉ ଜାଣିବାକୁ ବାକି ରହିଲା ନାହିଁ ଯେ, ଜୋଇଁ ସେମାନଙ୍କୁ ଠକି, ଏଭଳି ଭଡାଟିଆ ଲୋକଙ୍କୁ ଆଣି ନିଜର ମାଆବାପା

ବୋଲି କହିଛି । ଶେଷରେ ସେ ପୁଅର ସବୁ ଖେଳ ଧରାପଡିଗଲା,ସେ ଏଥର ନିଜ ମାଆବାପାଙ୍କୁ ସ୍ୱୀକାର କରିବାକୁ ବାଧ ହେଲା । ପୁଅର ମାଆ ବାପା ମଧ  ସେମାନଙ୍କ ପୁଅ ସେମାନଙ୍କୁ ସ୍ୱୀକାର କରିଥିବାରୁ ଅତ୍ୟନ୍ତ ଖୁସିହୋଇ ପୁଅକୁ ସାଥିରେ ଆଣି ଘରକୁ ଫେରିଲେ ।

ନିଜ ମାଆବାପାଙ୍କୁ ଛାଡି ଏତେଦିନ ଅଲଗା ଭାବରେ, ଦୂରରେ ରହିଥିବା ପୁଅ ତା'ର ମାଆବାପାଙ୍କୁ ଶେଷରେ କ୍ଷମା ମାଗିଲା । ନିଜ ଭୂଲ୍ ଜାଣି ପାରିଥିବାରୁ ତା'ପ୍ରକୃତ ମାଆବାପାଙ୍କ ଘରକୁ ଯାଇପାରିଲା । ଏ ଘଟଣାରେ କୌଣସି ବ୍ୟକ୍ତି ମଧ ପୁଅର ହିଁ ସବୁ ଭୂଲ୍ ବୋଲି କହିବ । କେତେ ଧୈର୍ଯ୍ୟର ସହିତ ଶେଷ ପର୍ଯ୍ୟନ୍ତ ପୁଅର ସୁଖ କାମନା କରୁଥିବା ମାଆବାପାଙ୍କର ଏଭଳି ପୁଅ ରହିବା ଉଚିତ୍ ନୁହେଁ ବୋଲି କେହି ମଧ କହିବ । ଏକଥା ପଢୁଥିବା ଆପଣମାନେ ମଧ ପୁଅର ଭିଲାନ୍ ପାତ୍ର ଆଉ ବାପାର ହିରୋପାତ୍ର ବୋଲି କହିବେ । ହେଲେ କେହି ମଧ କୁହନ୍ତି ନାହିଁ ଯେ, ମୋର ପାତ୍ର ଭିଲାନ୍ । ଏଘଟଣାର ଅନ୍ତରାଳରେ ଥିବା ବିବରଣକୁ ଏବେ ଆଉ ଟିକିଏ ଦେଖିବା । ପ୍ରତ୍ୟେକ ବ୍ୟକ୍ତିର ଶାଶ୍ୱତ ଏବଂ ଅଶାଶ୍ୱତ ମାତାପିତା ରହିଥା'ନ୍ତି । ଏଠାରେ କୁହାଯାଇଥିବା ଉଦାହରଣରେ ବିବାହ ବେଦୀରେ ବସିଥିବା ପୁଅର ମାତ୍ର କିଛିକାଳ ଅଶାଶ୍ୱତ ମାତାପିତା ଥିଲେ । ତା'କୁ ଛୋଟବେଳୁ ଲାଳନପାଳନ କରିଥିବା ଶାଶ୍ୱତ  ମାତା ପିତା ଥିବା ଭଳି,ପ୍ରତି ମଣିଷର ଏ ପ୍ରପଂଚ ଜନ୍ମହେବାଠାରୁ ଜୀବାତ୍ମାକୁ ପୋଷୁଥିବା ପ୍ରକୃତିପରମାତ୍ମା ତା'ର ଶାଶ୍ୱତ ମାତାପିତା ଭାବରେ ରହିଥିବା ବେଳେ, ଗୋଟିଏ ଜନ୍ମରେ କେବଳ ମାତାପିତା ଭାବରେ ରହିଥାନ୍ତି ଶରୀରର ଅଶାଶ୍ୱତ ମାତାପିତାମାନେ । ଜୀବ ତା'ର ଶାଶ୍ୱତ ମାତାପିତାଙ୍କୁ ବିବାହବେଦୀ ରେ ବସିଥିବା ପୁଅ ଭଳି ଛାଡି, କେବଳ ବାହାଘର ବେଳେ କାମରେ ଆସୁଥିବା ଭଡାଟିଆ ଲୋକମାନଙ୍କୁ ଧରିଥିବା ଭଳି, କେବଳ ଗୋଟିଏ ଜନ୍ମରେ ଦରକାର ହେଉଥିବା ଅଶାଶ୍ୱତ ମାତାପିତାଙ୍କୁ ଧରିଛି ।

ଆମେ ପ୍ରକୃତି ପରମାତ୍ମାଙ୍କୁ ଆମର ମାତାପିତା ବୋଲି ନଭାବିଲେ ମଧ୍ୟ, ଆମେ ସେମାନଙ୍କୁ ଛାଡି ଅନ୍ୟ ଦେବତା ଆରାଧନା କରୁଥିଲେ ମଧ୍ୟ, ଶେଷରେ ସେମାନେ ମଣିଷକୁ ନିଜର ସନ୍ତତି ବୋଲି, ସବୁବେଳେ ତା'ର ମଙ୍ଗଳ କାମନା କରିଥା'ନ୍ତି । ବିବାହ ସମୟରେ ପୁଅ ନିଜ ମାତାପିତାଙ୍କ ଆଗରେ ଅନ୍ୟମାନଙ୍କ ପାଦ ଛୁଇଁ ନମସ୍କାର  କରିବା ବେଳେ ମଧ୍ୟ, ତାଙ୍କ ପୁଅ ଯାହା ବି କରୁ ହେଲେ ସେ ଭଲରେ ଥାଉ ବୋଲି କାମନା କରୁଥିବା ମାତାପିତାଙ୍କ ଭଳି, ପ୍ରକୃତି ପରମାତ୍ମା ଜୀବ ଉପରେ କୌଣସି କ୍ରୋଧ  ଭାବ ରଖିନଥା'ନ୍ତି । ସେମାନଙ୍କ ପୁଅ ଶେଷରେ ନିଜର ଭୂଲ୍ ବୁଝି ନିଜ ଘରକୁ ଯାଇପାରିଥିବା ଭଳି, ଜୀବ ମଧ୍ୟ ନିଜର ଅଜ୍ଞାନତାରେ ଯାହା କରିଛି ତାହା ଜାଣି, ଜ୍ଞାନାଶ୍ରୟୀ ହୋଇ ତା'ର ପ୍ରକୃତ ମାତାପିତା ହୋଇଥିବା  ପ୍ରକୃତି ପରମାତ୍ମାଙ୍କ ସାନ୍ନିଧ୍ୟ ଲାଭ କରି ପାରିବ । ଏହି ବିଷୟ ଆମମାନଙ୍କର ଆଖି ଖୋଲିଦେବା ଭଳି ହେଉ ବୋଲି କାମନା କରୁଛି ।

ସମସ୍ତେ ଏହି ମାତାପିତାଙ୍କ ବାବଦରେ କୌଣସି ଭ୍ରାନ୍ତ ଧାରଣା ନପାଆନ୍ତୁ, ଶରୀରର ମାତାପିତାଙ୍କୁ ଶରୀର ସମ୍ମାନରେ, ନିଜ ଶରୀରର ମାତାପିତାଙ୍କୁ ଆତ୍ମ ସମ୍ମାନରେ ପୂଜା କରନ୍ତୁ ବୋଲି ଅନେକ ଥର ଅନେକଙ୍କୁ ଜଣାଇଛୁ । ଅନେକ ଲୋକ ସେମାନଙ୍କ ଶରୀରର ମାତାପିତାଙ୍କ ଛଡା  ଆଉକିଛି ନାହିଁ ବୋଲି ଭାବି ନିଜର ବାସ୍ତବ ମାତାପିତାଙ୍କୁ ଚିହ୍ନନ୍ତି ନାହିଁ । ଏହା ଦ୍ୱାରା ସେହି ପ୍ରକୃତି ପରମାତ୍ମାଙ୍କଠାରୁ ଯାହା ପାଇବା କଥା ତାହା ପାଇ ପାରନ୍ତି ନାହିଁ ବୋଲି ଜଣାଇଛୁ । ଆମେ  ଏଭଳି ଛୋଟ  ପିଲାଙ୍କୁ କହିବା ଭଳି ଏକଥା  କହିବା  ବେଳେ କେତେକ  ଆମକୁ ନିମ୍ନମତେ  ପ୍ରଶ୍ନ  କରିଛନ୍ତି । "କେହି ଏ ପର୍ଯ୍ୟନ୍ତ କହିନଥିବା କଥା ଆପଣ କହୁଛନ୍ତି । ଆମେ ଜାଣୁ ଯେ, ଦେଖାଯାଉଥିବା ମାତାପିତାଙ୍କ ଛଡା ଆଉ କେହି ନାହାନ୍ତି । ଏହା ଖାଲି ଯେ,  ଆମକୁ ଜଣାଅଛି ତା ନୁହେଁ କେତେ ବଡ ବଡ ସ୍ୱାମିଜୀମାନେ, ଜ୍ଞାନୀମାନେ ସେମାନଙ୍କ ଦେଖାଯାଉଥିବା

ମାତାପିତାଙ୍କୁ ପୂଜା କରିବା ସହିତ ସେମାନଙ୍କ ପୋଷଣରେ କୌଣସି ତ୍ରୁଟି କରନ୍ତି ନାହିଁ, ସେମାନେ ଏଭଳି କରୁଥିବା ବେଳେ, ସେମାନଙ୍କ ଭଳି ଅନେକ ଲୋକ ସେମାନଙ୍କ ମାତାପିତାଙ୍କୁ ପୂଜା କରିଥା'ନ୍ତି, କେତେକ କରି ନଥା'ନ୍ତି, ହେଲେ ଆପଣ ଏବେ କହୁଛନ୍ତି ଯେ, ଆମର ଆଉ ଦୁଇଜଣ ମାତାପିତା ଅଛନ୍ତି ! ଆଉ ସେମାନେ ଏମାନଙ୍କଠାରୁ ବଡ, ସେମାନଙ୍କୁ ଆମେ ନଚିହ୍ନିଲେ ସେମାନଙ୍କ ଧନ ସମ୍ପତ୍ତି ଆମକୁ ମିଳିବ ନାହିଁ ! ! ତା'ହେଲେ ସେମାନେ କିଏ, ସେମାନଙ୍କ ସମ୍ପତ୍ତି କ'ଣ ? ସମସ୍ତେ ଜାଣିଥିବା ଭଳି ଆମ ମାତାପିତାଙ୍କୁ ଆମେ ମଧ୍ୟ ଜାଣିଛୁ, ସେ ଆମକୁ ଦେଇଥିବା ଦଶ ଏକର ଜମିକୁ ମଧ୍ୟ ଆମେ ଜାଣିଛୁ । ହେଲେ ଦେଖାଯାଉ ନଥିବା ମାତାପିତାଙ୍କ ବାବଦରେ କିମ୍ବା ସେମାନଙ୍କ ଧନ ସମ୍ପତ୍ତି ବାବଦରେ ଆମକୁ ବିଲକୁଲ୍ ଜଣା ନାହିଁ । ଯଦି ଆପଣ ଜାଣିଛନ୍ତି ତେବେ ସେମାନେ କେଉଁଠାରେ ଅଛନ୍ତି ? ସେମାନଙ୍କ ସମ୍ପତ୍ତି କେଉଁଠି ଅଛି ? ଆମକୁ ଜଣାଇଲେ ସେମାନଙ୍କୁ ଖୋଜି ବାହାର କରିବୁ, ସେମାନଙ୍କ ପାଖରେ ଥିବା ସମ୍ପତ୍ତି ମଧ୍ୟ ଆଣିବୁ" ସେମାନେ ଏଭଳି ପ୍ରଶ୍ନ କଲାବେଳେ ଆମ ତରଫରୁ କି ସମାଧାନ ମିଳୁଛି ତାହା ତଳେ ଦେଖିବା ।

ଆମେ ଆପଣମାନଙ୍କୁ ଆମର କେହି ଦ୍ୱିତୀୟ ମାତାପିତା ଅଛନ୍ତି ବୋଲି ଅନକେ ଥର କହିଥିଲେ ମଧ୍ୟ ଆପଣମାନେ ସେଥିପ୍ରତି ଦୃଷ୍ଟି ଦେଇ ନାହାନ୍ତି । ସେମାନଙ୍କ ସମ୍ପତ୍ତି ବାବଦରେ ଶୁଣୁଶୁଣୁ ସେମାନେ କେଉଁଠି ଅଛନ୍ତି, କେମିତି ଅଛନ୍ତି, ସେମାନଙ୍କ ପାଖରୁ ଆମକୁ ସମ୍ପତ୍ତି କେଉଁ ଭଳି ଧନ ମିଳିବ ବୋଲି ପଚାରୁଛନ୍ତି । ଭଗନାନ ପାଞ୍ଚହଜାର ବର୍ଷ ତଳେ ଭଗବଦ୍ଗୀତାରେ ମାତାପିତାଙ୍କ ବିଷୟ କହିବା ବେଳଠାରୁ ଆପଣମାନେ କାହିଁକି ଏତେ ଆଶକ୍ତ ହେଲେ ନାହିଁ ? ଯଦି କହିବେ ଯେ, ସେ ଯାହା କହିଥିଲେ ତାହା ଆମକୁ ଜଣା ନାହିଁ, ତେବେ ଦୁଇ ହଜାର ବର୍ଷ ପୂର୍ବେ ଯୀଶୁ କ'ଣ କହି ନଥିଲେ ଯେ, ତୋ'ର ପିତା ପରଲୋକରେ ଅଛନ୍ତି ।

ସେତେବେଳେ ସେ ପିତାଙ୍କ ବାବଦରେ, ତାଙ୍କ ସମ୍ପତ୍ତି ବାବଦରେ କାହିଁକି ପଚାରିଲ ନାହିଁ ? ୧୪ଶହ ବର୍ଷତଳେ କୋରାନ୍ ଗ୍ରନ୍ଥରେ ମହମ୍ମଦ୍ ପ୍ରବକ୍ତା ମହାଶୟ ତୋତେ ଜନ୍ମ କରାଇଛନ୍ତି ଅଲ୍ଲାଃ (ପରମାତ୍ମା ବା ଈଶ୍ୱର) ବୋଲି ଜୋରଦେଇ କହିବାବେଳେ ସେ କିଏ ? ତାଙ୍କ ଧନ କେଉଁଠି ବୋଲି କ'ଣ କିଏ ପଚାରିଛ ? ପ୍ରବକ୍ତାମାନେ ଏବଂ ଭଗବାନ ପ୍ରକୃତ ମାତାପିତାଙ୍କ ବାବଦରେ ଅତୀତରେ ଜଣାଇଛନ୍ତି । କେହି କହିନଥିବା କଥା ଆପଣ କହୁଛନ୍ତି ବୋଲି ଆପଣ କିପରି ପଚାରୁଛନ୍ତି ? ଆପଣମାନଙ୍କ ସକାଶେ ବାସ୍ତବ ମାତାପିତାଙ୍କ ବାବଦରେ ଆଜିର କେତେକ ସ୍ୱାମିଜୀମାନଙ୍କୁ ମଧ୍ୟ ଜଣା ନାହିଁ । ସେମାନେ ଏକଥା କହି ପାରୁ ନାହାନ୍ତି, ସେମାନେ କହି ନ ପାରିବା ବେଳେ ଆମେ କହିଲେ ତାହା କ'ଣ ଆମର କଳ୍ପନା ?  କେତେକ କହିବା ଭଳି ପ୍ରକୃତ ମାତା ପିତାଙ୍କ  ବାବଦରେ ଆମେ କେବେ ମିଛ କହୁନାହୁଁ ।   ଅନେକ ବକ୍ତା, ପ୍ରବକ୍ତାମାନେ ଅତୀତରେ କହିଥିବା କଥା ହିଁ ଆମେ କହୁଛୁ । ଏବେ ସେହି ପ୍ରକୃତ ମାତାପିତାଙ୍କଠାରୁ ଆମକୁ ମିଳୁଥିବା ସମ୍ପତ୍ତି ବାବଦରେ କହୁଛୁ ଶୁଣନ୍ତୁ ।

ଦେଖାଯାଉଥିବା ଶରୀରର ମାତାପିତାମାନେ ଦେଖାଯାଉଥିବା ସମ୍ପତ୍ତି ଆମକୁ ଦେଇପାରନ୍ତି । ଦେଖାଯାଉଥିବା ସମ୍ପତ୍ତି, ଧନ, କନକ, ବସ୍ତୁ, ବାହାନାଦିକୁ ଚରସମ୍ପତ୍ତି ମଧ୍ୟ କୁହାଯାଏ । ସେହିଭଳି ଗୃହ, ଭୂମି ଇତ୍ୟାଦି ହେଉଛି ସ୍ଥିର ସମ୍ପତ୍ତି । ଦେଖାଯାଉଥିବା ମାତା ପିତାମାନଙ୍କ ପାଖରେ ଏହି ଦୁଇଟି ସମ୍ପତ୍ତି ରହିଥାଏ । ଏହି ସମ୍ପତ୍ତି ଦୁଇଟିକୁ ଚରସମ୍ପତ୍ତି ଏବଂ ସ୍ଥିରସମ୍ପତ୍ତି ଭାବରେ କୁହାଗଲେ ମଧ୍ୟ ବାସ୍ତବରେ ଦୁଇଟିଯାକକୁ ଚରସମ୍ପତ୍ତି  ବୋଲି କହି ପାରିବା । ଚରସମ୍ପତ୍ତି  କହିଲେ ଯାହା ଅଶାଶ୍ୱତ ଏବଂ ବଦଳିଥାଏ । ସେହିଭଳି ସ୍ଥିରସମ୍ପତ୍ତି କହିଲେ ଯାହା ଶାଶ୍ୱତ ଏବଂ କେବେ ବଦଳି  ନଥାଏ । ନାମକୁ ମାତ୍ର ଭୂମିକୁ କେତେକ ସ୍ଥିରସମ୍ପତ୍ତି କହିଥା'ନ୍ତି ସିନା, ତାହା ମଧ୍ୟ ଚରସମ୍ପତ୍ତି  । ତାହା କିପରି କି ! ଆମକୁ

ଦେଖାଯାଉଥିବା ମାତାପିତା ମଧ୍ୟ ଶାଶ୍ୱତ ଭାବରେ ଆମର ନୁହଁନ୍ତି, ସେମାନେ ଗୋଟିଏ ଜନ୍ମର ମାତାପିତା ହୋଇଥିବା ବେଳେ, ଗୋଟିଏ ଜନ୍ମରେ ମଧ୍ୟ ସଂପୂର୍ଣ୍ଣ କାଳ ନରହି ଅଧାରୁ ଚାଲିଯାଉଥିବା ମାତାପିତା ରହିଛନ୍ତି । ତେଣୁ ସେମାନେ ଅଶାଶ୍ୱତ । ଅଶାଶ୍ୱତ ଲୋକମାନଙ୍କଠାରୁ ଅଶାଶ୍ୱତ ଜିନିଷ ହିଁ ମିଳିଥାଏ ଅର୍ଥାତ୍ ଏଯାବତ୍ ଦେଖାଯାଉଥିବା ମାତାପିତାଙ୍କଠାରୁ ଆମକୁ କୌଣସି ଶାଶ୍ୱତ ଜିନିଷ ମିଳି ନାହିଁ । ଏବେ ଏଇଠାରେ କେତେକ ମୋତେ ଏକ ପ୍ରଶ୍ନ ପଚାରିବା ସୁଯୋଗ ରହିଛି । ତାହା ହେଲା ! ମଣିଷ ତ କିଛିକାଳ ରହି ଚାଲିଯାଏ, ତେଣୁ ମଣିଷ ଶାଶ୍ୱତ ହୋଇ ନଥିବା ବେଳେ, ତା'ର ଶାଶ୍ୱତ ସମ୍ପତ୍ତି କୁଆଡୁ ଆସିବ ? ଏହାର ସମାଧାନକୁ ଲକ୍ଷ୍ୟ କଲେ !

ଦେଖାଯାଉଥିବା ମଣିଷ ଭିତରେ ଶାଶ୍ୱତ ଏବଂ ଅଶାଶ୍ୱତ ଭାଗ ନାମକ ଦୁଇଟି ଭାଗ ରହିଛି । ଶାଶ୍ୱତ ହୋଇନଥିବା ଭାଗ ତା'ର ଶରୀର ବୋଲି ଆମେ ଜାଣିଛେ । ବାହାରକୁ ଦେଖାଯାଉ ନଥିବା ଜୀବ ସୃଷ୍ଟ୍ୟାଦିରୁ ରହି ଆସୁଛି । ସେ ଧାରଣ କରୁଥିବା ଅନେକ ଶରୀର ବିନାଶ ହେଉଥିଲେ ମଧ୍ୟ, ସେ(ଜୀବ) ଅବିନାଶୀ ଭାବରେ ସେମିତି ରହଛି । ସେଥିଲାଗି ଜୀବକୁ ଶାଶ୍ୱତ ବୋଲି କହିପାରିବା ଆଉ ତା'ର ଶରୀର ଅଶାଶ୍ୱତ ବୋଲି ଜାଣିଛେ । ତା'ଛଡା ଏକ ଜୀବ ଶରୀର ଧାରଣ କରି ଗୋଟିଏ ସ୍ଥାନରେ ସର୍ବଦା ରହେ ନାହିଁ । ଏକ ଏକ ଜନ୍ମରେ ଏକ ଏକ ପ୍ରାନ୍ତରେ ଏକ ଏକ ନାଆଁ ନେଇ ପରିମିତ ହୋଇଯାଏ । ଅଂଚଳ, ନାଆଁ, ଶରୀର ଇତ୍ୟାଦି ମାତ୍ର କିଛିକାଳ ରହୁଥିବା ବେଳେ, କେବଳ ସେ (ଜୀବ) ଶାଶ୍ୱତ ଭାବରେ ରହିଥାଏ । ଶରୀରଯୁକ୍ତ ମଣିଷ ଅଶାଶ୍ୱତ ଏବଂ ଜୀବ ଶାଶ୍ୱତ ବୋଲି ଆମେ ଜାଣିଲେ । ସେହିଭଳି ଦେଖାଯାଉଥିବା ମଣିଷ ଅଶାଶ୍ୱତ ମାତାପିତାଙ୍କ ଠାରୁ ଯାହା ପାଇଥାଏ ତାହା ଅଶାଶ୍ୱତ ସମ୍ପତ୍ତି ବୋଲି କହିପାରିବା । ହେଲେ ଶାଶ୍ୱତ ମାତାପିତାଙ୍କଠାରୁ ମିଳୁଥିବା ସମ୍ପତ୍ତି ଶାଶ୍ୱତ ଭାବରେ ରହିଥାଏ । ଏହି ବାକ୍ୟ ଏକ ସୂତ୍ର ଭଳି । ସେହି ଅନୁସାରେ ସୃଷ୍ଟ୍ୟାଦିରେ ଜୀବକୁ ଜନ୍ମ

ଦେଇଥିବା ମାତାପିତା ଅର୍ଥାତ୍ ପ୍ରକୃତି ପରମାତ୍ମା ସବୁବେଳେ ସେହିଭଳି ରହିଛନ୍ତି, ବଦଳି ନାହାନ୍ତି, ସେମାନଙ୍କଠାରୁ ଜନ୍ମ ହୋଇଥିବା ଜୀବ ମଧ୍ୟ ସେମିତି ରହିଛି । ସେଥିଲାଗି ଶାଶ୍ୱତ ମାତାପିତାଙ୍କଠାରୁ ମିଳୁଥିବା ସମ୍ପତ୍ତି ଗୁଡିକ ଶାଶ୍ୱତ ବୋଲି କହିଛୁ ।

ଦେଖାଯାଉଥିବା ମାତା ପିତାଙ୍କଠାରୁ ଚର ସମ୍ପତ୍ତି (ଚରାସ୍ତି) ଏବଂ ସ୍ଥିର ସମ୍ପତ୍ତି (ସ୍ଥିରାସ୍ତି) ମିଳୁଥିଲେ ମଧ୍ୟ ତାହା ସବୁ ଚର ସମ୍ପତ୍ତି ବୋଲି ଆମେ ଜାଣିଲେ । ସେହିଭଳି ଏବେ ପ୍ରକୃତି ପରମାତ୍ମାଙ୍କଠାରୁ ମିଳୁଥିବା ସମ୍ପତ୍ତି ମଧ୍ୟ ଚର ସମ୍ପତ୍ତି ଏବଂ ସ୍ଥିର ସମ୍ପତ୍ତି ହୋଇ ରହିଛି ବୋଲି କହି ପାରିବା । ତାହା କିପରି କି ! ପରମାତ୍ମାଙ୍କଠାରୁ ମିଳୁଥିବା ସମ୍ପତ୍ତିକୁ ଏକ ପଦ୍ଧତି ଅନୁସାରେ ଚର ସମ୍ପତ୍ତି ଏବଂ ସ୍ଥିର ସମ୍ପତ୍ତି ବୋଲି କହି ପାରିଲେ ମଧ୍ୟ ବାସ୍ତବରେ ତାହାସବୁ ସ୍ଥିର ସମ୍ପତ୍ତି ହୋଇଥାଏ । ଶାଶ୍ୱତ ମାତାପିତାଙ୍କଠାରୁ ମିଳୁଥିବା ସମ୍ପତ୍ତି ଶାଶ୍ୱତ ବୋଲି ଆଗରୁ କୁହାଯାଇଥିବା ସୂତ୍ର ଅନୁସାରେ, ପିତା ହୋଇଥିବା ପରମାତ୍ମାଙ୍କଠାରୁ ମିଳୁଥିବା ଚର ଏବଂ ସ୍ଥିର ସମ୍ପତ୍ତି ସବୁ ଶାଶ୍ୱତ ହୋଇଥାଏ । ପରମାତ୍ମାଙ୍କଠାରୁ ମିଳୁଥିବା ସମ୍ପତ୍ତି କିପରି ଚର,ଅଚର ସମ୍ପତ୍ତି ହୋଇ ରହିଥାଏ ? ବୋଲି ଯଦି କେହି ପଚାରେ ତା'ଙ୍କୁ ନିମ୍ନମତେ ସମାଧାନ କହି ପାରିବେ । ପରମାତ୍ମାଙ୍କଠାରୁ ଯାହାସବୁ ମିଳିଥାଏ ତାହାସବୁ ଯଦି ଗୋଟିଏ ଜୀବନ କାଳ ପାଇଁ ପରିମିତ ହେଲା ତେବେ ତାହା ଚର ସମ୍ପତ୍ତି ହେବ, କିନ୍ତୁ ଏକ ଜୀବନ କାଳକୁ ପରିମିତ ନ ହୋଇ ଯାହା ଶାଶ୍ୱତ ଭାବରେ ରହିଥାଏ ତାହା ସ୍ଥିର ସମ୍ପତ୍ତି ବୋଲି ସ୍ପଷ୍ଟ କହି ପାରିବା । ମାତ୍ର ଏକ ଜୀବନକାଳ ରହି, ମରଣ ସମୟରେ ଯାହା ଚାଲିଯାଏ ତାହାସବୁ ଚର ସମ୍ପତ୍ତି । ଏସବୁ ଆମ ଶରୀରରେ ଜନ୍ମ ହେବାବେଳେ ମିଳୁଥିଲେ ମଧ୍ୟ ଶରୀରରେ ଦେଖାଯାଉଥିବା, ଦେଖାଯାଉ ନଥିବା ଦୁଇ ପ୍ରକାରର ଅବୟବ ରହିଛି ବୋଲି କହି ପାରିବା । ଏହି ଚର ସମ୍ପତ୍ତି ଭିତରୁ ମୁଖ୍ୟ ହେଉଛି ହୃତ୍ପିଣ୍ଡ (ହାର୍ଟ), ମୂତ୍ରପିଣ୍ଡ (କିଡ୍ନି),

ଫୁସ୍‌ଫୁସ୍ ଇତ୍ୟାଦି । ଏସବୁ ଏକ ଜନ୍ମ ପାଇଁ ପରିମିତ ହୋଇଥିଲେ ମଧ୍ୟ, ପର ଜନ୍ମରେ ମଧ୍ୟ  ପରମାତ୍ମା ସେହିଭଳି ଅବୟବଗୁଡ଼ିକ ଦେଇଥା'ନ୍ତି । ଶରୀରର ଅବୟବଗୁଡ଼ିକ ଏକ ଜନ୍ମ ପାଇଁ ପରିମିତ ହେଲେହେଁ, ପ୍ରତ୍ୟେକ ଜନ୍ମରେ ସେହିଭଳି ଅବୟବ ମିଳୁଥିବାରୁ ସେଗୁଡ଼ିକୁ ମଧ୍ୟ ଏକ ପ୍ରକାରର ସ୍ଥିର ସମ୍ପତ୍ତି ବା ଶାଶ୍ୱତ ସମ୍ପତ୍ତି ତାଲିକାରେ ରଖିପାରିବା ।

ଏହା ବ୍ୟତୀତ ପରମାତ୍ମାଙ୍କଠାରୁ ଆଉ ଏକ ଶାଶ୍ୱତ ଜିନିଷ ମିଳେ, ତା'ଠାରୁ ବଡ଼ କିମ୍ବା ତା'ସମାନ ଜିନିଷ ଆଉ କିଛି ଏ ପ୍ରପଂଚରେ ନାହିଁ, ତାହା ହେଉଛି ମୋକ୍ଷ । ମୋକ୍ଷକୁ ମୁକ୍ତି ମଧ୍ୟ କହନ୍ତି । ଥରେ ମୁକ୍ତି ମିଳିଗଲେ ତାହା ପାଖରେ ଶାଶ୍ୱତ ଭାବରେ ରହିଥାଏ, ଥରେ ମିଳିଗଲା ପରେ ଜନ୍ମ ଜନ୍ମରେ ବଦଳୁଥିବା ଚର ସମ୍ପତ୍ତିର ଆବଶ୍ୟକ ନଥାଏ । ସେଥିଲାଗି ଯାହାର ମୁକ୍ତି ହୋଇଯାଇଛି ତା'ର ଆଉ ଜନ୍ମ ନାହିଁ ବୋଲି କହନ୍ତି । ଥରେ ମୋକ୍ଷ ହୋଇଗଲେ ତାହା ସର୍ବଦା ସ୍ଥିର ସମ୍ପତ୍ତି ହୋଇ ରହିଯାଏ । ଏତେ ମହାନ ଏହି ପରମାତ୍ମାଙ୍କ ଧନ କାହାକୁ ଏତେ ସହଜରେ ମିଳେ ନାହିଁ । ତୁ ବାସ୍ତବରେ  ସୃଷ୍ଟ୍ୟାଦିରୁ ଥିବା  କାହାର  ସନ୍ତାନ ତାହା ଜାଣି ମୌନ ଭାବରେ ଥିବା ପରମାତ୍ମାଙ୍କ ନିକଟରେ ମୁଁ ହିଁ ତୁମରି ସନ୍ତାନ, ତୁମେ ମୋର ଶାଶ୍ୱତ ପିତା ବୋଲି ବିଶ୍ୱାସର ସହିତ କହିବା ସହିତ ତୋ' ବିଶ୍ୱାସର ପ୍ରମାଣ  ଦେଖାଇ ପାରିଲେ, ମଣିଷ ଯାହା କହୁଛି ତାହା ସେ ସଂପୂର୍ଣ୍ଣ ବିଶ୍ୱାସର ସହିତ  କହୁଛି ବୋଲି  ଜାଣି ପାରିଲେ  ଈଶ୍ୱରଙ୍କଠାରୁ ଅମୂଲ୍ୟ,  ମହାନ, ଶାଶ୍ୱତ, ସ୍ଥିର ସମ୍ପତ୍ତି ହୋଇଥିବା ମୋକ୍ଷ ମିଳିବ । ମଣିଷ ଯାହା କହୁଛି ତାହା ସଂପୂର୍ଣ୍ଣ ସତ୍ୟ ବୋଲି ଜାଣି ପରମାତ୍ମା ମଣିଷକୁ ମୋକ୍ଷ ଦେବାବେଳେ, ତାହା  ପାଇଥିବା ମଣିଷ ଆଉ ଜନ୍ମ ନ ହୋଇ ଦୈବସନ୍ନିଧି ହୋଇଥିବା ପରମ ଧାମରେ ପହଂଚି ପାରିବ । ଯିଏ ପରଲୋକରେ ବା ପରମଧାମରେ ଥରେ ପ୍ରବେଶ କରିଗଲା ସେ ସେତେବେଳଯାଏଁ ଥିବା ସ୍ଥିତିକୁ ହରାଇ, ଦୈବସ୍ଥିତିରେ ବଦଳିଯାଏ । ଦୈବି ସମ୍ପତ୍ତି ହୋଇଥିବା

ମୋକ୍ଷକୁ ଯିଏ ପାଇଯାଏ ସେ ଦେବଙ୍କ ଭଳି ନୁହେଁ, ସ୍ୱୟଂ ଦେବ ବା ପରମାତ୍ମା ଭାବରେ ବଦଳିଯାଏ । ଜଣେ ମଣିଷ ମୋକ୍ଷ ପାଇଲେ ସେ ଯଦି ପରମାତ୍ମା ହୋଇଯିବ ତେବେ ସେପର୍ଯ୍ୟନ୍ତ ଥିବା ପରମାତ୍ମା କୁଆଡେ ଯିବେ ? କ'ଣ ସେତେବେଳେ ପରମାତ୍ମା ଦୁଇଜଣ ହୋଇଯିବେ ? ବୋଲି କେତେକ ପଚାରି ପାରନ୍ତି । ତା'ର ସମାଧାନ ହେଲା ! ସୃଷ୍ଟ୍ୟାଦିରୁ ପରମାତ୍ମା ସବୁବେଳେ ଜଣେ ମଣିଷ ମୋକ୍ଷ ପାଇଲେ ସେ ଦୁଇଜଣ ହୋଇଯାଆନ୍ତି ନାହିଁ । ଅନେକ ଲୋକ ମୋକ୍ଷ ପାଉଛନ୍ତି, ସେମାନେ ମୋକ୍ଷ ହୋଇଥିବା ପରମାତ୍ମାରେ ଐକ୍ୟ ହୋଇ ପରମାତ୍ମାଭାବରେ ବଦଳି ଯାଆନ୍ତି । ଏକହଜାର ଜୀବ ଯଦି ମୋକ୍ଷ ପାଆନ୍ତି ସେମାନେ ସେହି ଏକ ପରମାତ୍ମାରେ ହିଁ ମିଶି ଯାଆନ୍ତି । ନଦୀଗୁଡିକର ଜଳ ସମୂଦ୍ର ଜଳରେ ମିଶିଗଲା ପରେ ତାହା ସମୂଦ୍ର ଜଳରେ ପରିଣତ ହୋଇଥାଏ । ନଦୀଗୁଡିକର ଜଳ ସମୂଦ୍ରରେ ମିଶିଯିବା ପରେ ଥିବା ସ୍ଥିତିରେ ନଦୀଜଳ ନାମକୁ ହରାଇ ସମୂଦ୍ରଜଳ ହୋଇଯାଆନ୍ତି । ସେହିଭଳି ଶରୀର ଧାରଣ କରିଥିବା ଅନେକ ମଣିଷ ମୋକ୍ଷରେ ପ୍ରବେଶ କଲେ ମଧ୍ୟ, ସମସ୍ତେ ସେହି ଗୋଟିଏ ପରମାତ୍ମାରେ ମିଳିତ ହୋଇଯାଇଥା'ନ୍ତି । ସମୁଦ୍ରରେ ମିଶିଥିବା ଜଳକୁ ଚିହ୍ନି ନପାରିବା ଭଳି, ପରମାତ୍ମାରେ ଐକ୍ୟ ହୋଇଥିବା ମଣିଷ ଅମୂକ ବୋଲି କେହି ଚିହ୍ନି ପାରିବା ନାହିଁ । ଅନେକ ନଦୀର ଜଳ ମିଶିଲା ପରେ ଆଗରୁ ଥିବା ସମୂଦ୍ର ଯେପରି ତା'ର ପୂର୍ବ ସ୍ଥାନକୁ, ସ୍ଥିତିକୁ, ନାମକୁ, ସାନ୍ଦ୍ରତାକୁ ନ ହରାଇ ଯଥାବିଧ ରହିଥାଏ, ସେହିଭଳି ଅନେକ ଜୀବାତ୍ମା ପରମାତ୍ମାରେ ଐକ୍ୟ ହେଲେ ମଧ୍ୟ, ପରମାତ୍ମା ତାଙ୍କର ସ୍ଥିତି ଏବଂ ଧର୍ମକୁ ହରାଇ ନଥା'ନ୍ତି । ସମୂଦ୍ରରେ ମିଶିଥିବା କୌଣସି ନଦୀର ଜଳ ନିଜର ସ୍ଥିତିଗତିକୁ ହରାଇବା ଭଳି, ପରମାତ୍ମାରେ ମିଶିଥିବା କୌଣସି ବ୍ୟକ୍ତି ତା'ର ନାଆଁକୁ ସ୍ଥିତିକୁ ହରାଇ ଦେଇଥାଏ । ତେଣୁ ଭଗବଦ୍‌ଗୀତାର ପୁରୁଷୋତ୍ତମ ପ୍ରାପ୍ତି ଯୋଗରେ ଥିବା ସପ୍ତମ ଶ୍ଳୋକରେ କହିଛନ୍ତି ଯେ,

**ମମୈବାଂଶୋ ଜୀବଲୋକେ ଜୀବ ଭୂତ ସନାତନଃ ।
ମନଷଷ୍ଠାନୀନ୍ଦ୍ରିୟାଣି ପ୍ରକୃତି ସ୍ଥାନି କର୍ଷତି ।।**

**ଭାବାର୍ଥ :-** ଜୀବାତ୍ମା ମୋ'ଅଂଶରୁ ପ୍ରକୃତିରେ ଜନ୍ମହେଲେ ମଧ୍ୟ ସେ କର୍ମରେ ଯୁକ୍ତହୋଇ, ମନ ଇତ୍ୟାଦି ଇନ୍ଦ୍ରିୟଗୁଡିକ ଦ୍ୱାରା ବନ୍ଧିତ ହୋଇ ଜନ୍ମ ଦିଗରେ ଏପଟ ସେପଟ ଟଣା ଯାଇଥାଏ ।

ଉପର ଶ୍ଲୋକରେ ପରମାତ୍ମା କହିବା ଭଳି ଜୀବାତ୍ମା ପ୍ରଥମେ ପରମାତ୍ମାଙ୍କଠାରୁ ବା ପରମାତ୍ମା ଅଂଶରୁ ଜନ୍ମ ହୋଇଥାଏ ବୋଲି ଜଣାଯାଉଛି । ପରମାତ୍ମାଙ୍କର ଅନେକ ସୂକ୍ଷ୍ମଅଂଶରୁ ମାତ୍ର ଏକ ଅଂଶ ଦ୍ୱାରା ଜନ୍ମ ହୋଇଥାଏ ମଣିଷ । ସେଥିଲାଗି ଉପର ଶ୍ଲୋକରେ "ମମୈବାଂଶୋ ଜୀବଲୋକେ ଜୀବଭୂତ.." ବୋଲି କହିଛନ୍ତି । ଗୋଟିଏ ଜୀବ ଭୂପୃଷ୍ଠରେ କୌଣସି ମଣିଷ ହୋଇଥିଲେ ମଧ୍ୟ, ସେ ସମୁଦ୍ର ଜଳ ଅସଂଖ୍ୟ ବର୍ଷାବିନ୍ଦୁ ହେବା ଭଳି ପରମାତ୍ମାଙ୍କ ଅଂଶର ହୋଇଥାଏ । ପରମାତ୍ମାଙ୍କଠାରୁ ବିଚ୍ଛୁରିତ ହୋଇଥିବା ପରମାତ୍ମା ଅଂଶର ଜୀବ କର୍ମ ଦ୍ୱାରା ବାନ୍ଧିହୋଇଯାଇ,ଅନେକ ଜନ୍ମ ପାଇ ଶେଷରେ କର୍ମକୁ ଜାଣି, ସେଥିରୁ ବହିର୍ଗତ ହୋଇ, ପୁଣି ତା'ର ପ୍ରଥମ ସ୍ଥାନ ହୋଇଥିବା ପରମାତ୍ମାରେ ଐକ୍ୟ ହୋଇଥାଏ । କର୍ମବନ୍ଧନ ନଥିବା ଜୀବ ପରମାତ୍ମାରେ ମିଳିତ ହେବାବେଳେ, ସେ ପରମାତ୍ମାଅଂଶ ହୋଇଥିବାରୁ ସହଜରେ ପରମାତ୍ମାରେ ମିଶି ପାରିଥାଏ । ତାହାକୁ ହିଁ ଜୀବ ବ୍ରହ୍ମ ଐକ୍ୟ ସନ୍ଧାନ ବୋଲି କହି ପାରିବା । କର୍ମବନ୍ଧନରୁ ବହିର୍ଗତ ହେବାକୁ ମୁକ୍ତି ବା ମୋକ୍ଷ କୁହାଯାଏ । ପରମାତ୍ମା ଅଂଶ ହୋଇଥିବା ଜୀବ କର୍ମ ଦ୍ୱାରା ବନ୍ଧିତ ହୋଇ, ଅନେକ ଜନ୍ମ ପାଇ, କେତେବେଳେ ହେଲେ ଦିନେ ସତ୍ୟ ଜ୍ଞାନକୁ ଜାଣି, କର୍ମ ନାମକ କାରାଗାରରୁ ମୁକ୍ତି ହୋଇ, ପ୍ରଥମ ସ୍ଥାନ ହୋଇଥିବା ପରମାତ୍ମାରେ ମିଶି, ପ୍ରଥମେ ସେ ଯାହା ଥିଲା ତାହା ହୋଇଯାଏ, ଅର୍ଥାତ୍ ପରମାତ୍ମାରେ ଲୀନ ହୋଇଯାଏ ।

ଏବେ ଆପଣମାନଙ୍କ ତରଫରୁ ମୁଁ ଏକ ପ୍ରଶ୍ନ ପଚାରୁଛି । ତାହା ହେଲା ! ଶରୀରର ମାତାପିତା ସେମାନଙ୍କର ପୁଅକୁ ସେମାନଙ୍କ ଚର ସମ୍ପତ୍ତି ଦେବାବେଳେ କେବଳ ଚର ସମ୍ପତ୍ତି ବା ଅଶାଶ୍ୱତ ସମ୍ପତ୍ତି ସହିତ ସ୍ଥିର ସମ୍ପତ୍ତି ବା ଶାଶ୍ୱତ ଧନ ମଧ୍ୟ ଦେଇଥା'ନ୍ତି । ଥରେ ପିତା ତା'ର ସମ୍ପତ୍ତିକୁ ଦେଲେ ଦୁଇ ପ୍ରକାରର ସମ୍ପତ୍ତି ଦେଇଥାଏ ସିନା, ଥରେ ଏକ ପ୍ରକାରର ସମ୍ପତ୍ତି ଦେଇ ଆଉଥରେ ଆଉଏକ ପ୍ରକାରର ସମ୍ପତ୍ତି ଦେଇନଥାଏ । ହେଲେ ପରମାତ୍ମା ଦେବାବେଳେ ପ୍ରଥମେ ଶରୀରର ଅବୟବ ଗୁଡିକୁ ଚର ସମ୍ପତ୍ତିଭାବରେ ଦେଇ, ତା'ପରେ ଅନେକ ଜନ୍ମ ପରେ ଜୀବ ତା'ର ନିଜ ଇଚ୍ଛାରେ ମାଗିବାବେଳେ ବା ଜୀବର କାମନାକୁ ସେ ଗ୍ରହଣ କଲାବେଳେ ସ୍ଥିର ସମ୍ପତ୍ତି ହୋଇଥିବା ମୋକ୍ଷ ଦେଇଥା'ନ୍ତି ବୋଲି ଆପଣ କହିଥିଲେ, ତେଣୁ ଶରୀରର ପିତା ଦେବା ଭଳି ଜୀବର ପିତା ହୋଇଥିବା ପରମାତ୍ମା ଏକକାଳୀନ କାହିଁକି ଦୁଇ ପ୍ରକାରର ସମ୍ପତ୍ତି ଦେଲେନାହିଁ ? ବୋଲି ପଚାରି ପାରନ୍ତି । ଏହାର ସମାଧାନରେ ମୋପାଖରେ ଥିବା ମୋର ବନ୍ଧୁ (ଆତ୍ମା) କହନ୍ତି ଯେ, ବାହ୍ୟତଃ ଦେଖାଯାଉଥିବା ଶରୀରର ପିତା ଦେଇଥିବା ଚର, ସ୍ଥିର ସମ୍ପତ୍ତି ନାମକ ଦୁଇ ପ୍ରକାରର ସମ୍ପତ୍ତିକୁ ଜଣେ ମଣିଷ ପାଇବା ପରେ ସେ ତା' ପାଖରେ ଥିବା ଚର ସମ୍ପତ୍ତିକୁ ସ୍ଥିର ସମ୍ପତ୍ତିରେ ପରିଣତ କରିଦେଇ ପାରେ । ସେହିଭଳି ତା ପାଖରେ ଥିବା ସ୍ଥିର ସମ୍ପତ୍ତିକୁ ମଧ୍ୟ ଚର ସମ୍ପତ୍ତିରେ ପରିଣତ କରିଦେଇ ପାରେ । ଚର ସମ୍ପତ୍ତି ହୋଇଥିବା ଟଙ୍କାରେ ସ୍ଥିର ସମ୍ପତ୍ତି ହୋଇଥିବା ଭୂମି, ଘର ଇତ୍ୟାଦି କିଣି ଚର ସମ୍ପତ୍ତିକୁ ସ୍ଥିର ସମ୍ପତ୍ତିରେ ବଦଳାଇ ଦେଇପାରେ । ସେହିଭଳି ସ୍ଥିର ସମ୍ପତ୍ତି ହୋଇଥିବା ଭୂମି, ଘରକୁ ବିକ୍ରିକରି ସ୍ଥିର ସମ୍ପତ୍ତିକୁ ଚର ସମ୍ପତ୍ତିରେ ବଦଳାଇ ଦେଇପାରେ । ହେଲେ ପରମାତ୍ମା ଦେଇଥିବା ଚର ସମ୍ପତ୍ତିକୁ ସ୍ଥିର ସମ୍ପତ୍ତିରେ ବଦଳାଇ ହେବ ନାହିଁ । ସେହିଭଳି ପରମାତ୍ମା ଦେଇଥିବା ସ୍ଥିର ସମ୍ପତ୍ତିକୁ ମଧ୍ୟ ଚର ସମ୍ପତ୍ତି କରିହେବ ନାହିଁ ।

ଏକଥା ଆଉଟିକିଏ ବିବରଣାତ୍ମକ କହିଲେ, ଦେଖାଯାଉଥିବା ପିତା ଥରେ ଦୁଇ ପ୍ରକାରର ସମ୍ପତ୍ତି ଦେବା ଭଳି,ଦେଖାଯାଉ ନଥିବା ପରମାତ୍ମା ଏକକାଳୀନ ଦୁଇ ପ୍ରକାରର ସମ୍ପତ୍ତି ଦିଅନ୍ତି ନାହିଁ । ପ୍ରଥମେ ଚରସମ୍ପତ୍ତି ଦିଅନ୍ତି । ଚରସମ୍ପତ୍ତିରେ ମଣିଷ ତା'ର ଜୀବନ ନିର୍ବାହ କରେ । କୌଣସି ମଣିଷ ମୋ'ର ଚରସମ୍ପତ୍ତି ଦରକାର ନାହିଁ, କେବଳ ସ୍ଥିରସମ୍ପତ୍ତି ଦରକାର ବୋଲି କାମନା କରିବା ବେଳେ, ସେ ତା'ର ସଂପୂର୍ଣ୍ଣ ଇଚ୍ଛାରେ ଯଦି ମାଗେ ସେତେବେଳେ ସେ (ପରମାତ୍ମା) ତା'ର ଚରସମ୍ପତ୍ତିକୁ ନେଇ, ସ୍ଥିରସମ୍ପତ୍ତି ଦେଇଥା'ନ୍ତି । ପରମାତ୍ମା ଦେଉଥିବା ଦୁଇ ପ୍ରକାର ସମ୍ପତ୍ତିରୁ ଯଦି କାହା ପାଖରେ ଗୋଟିଏ ଥାଏ ତେବେ ଆଉ ଗୋଟିଏ ନଥାଏ, ତେଣୁ ସେ ଦେଉଥିବା ସମ୍ପତ୍ତି ଦୁଇଟି ପରସ୍ପର ବିରୁଦ୍ଧ । ଚରସମ୍ପତ୍ତି ହୋଇଥିବା ଶରୀର ଥିଲେ ସ୍ଥିର ସମ୍ପତ୍ତି ମୋକ୍ଷ ନଥାଏ । ସ୍ଥିରସମ୍ପତ୍ତି ହୋଇଥିବା ମୋକ୍ଷ ମିଳିଲେ ଚରସମ୍ପତ୍ତି ହୋଇଥିବା ଶରୀର ନଥାଏ । ଏକଥା ଏଭଳି ଥିବାବେଳେ ପିତା ପରମାତ୍ମା, ସମସ୍ତ ମଣିଷକୁ ଚର ସମ୍ପତ୍ତି ହୋଇଥିବା ଶରୀର ଦେଇଥା'ନ୍ତି । ଏଭଳି ତା'କୁ ମିଳିଥିବା ଶରୀରରେ ସେ ସୁଖରେ ବଞ୍ଚେ । ଶରୀରରେ ଥିବା ମଣିଷ(ଜୀବ) ତାର ଦ୍ୱିତୀୟ ସମ୍ପତ୍ତି ମୋକ୍ଷକୁ ଭୂଲିଯାଇଛି,ଏହା ଆବଶ୍ୟକ ନାହିଁ ବୋଲି ମଧ୍ୟ କେତେକ କହନ୍ତି । କେତେକ ଶରୀର ଥିଲେ ସିନା ଏଭଳି ଦୁଃଖ ସୁଖର ଜୀବନ ବଂଚିବା! କିଛି ନଥିବା ମୋକ୍ଷକୁ ଯାଇ ସେଠାରେ କିପରି କାଳ କଟାଇବା!! ବୋଲି କହୁଛନ୍ତି । ବାସ୍ତବରେ ସେମାନେ ମୋକ୍ଷ ହିଁ ଋହାନ୍ତି ନାହିଁ । ମୋକ୍ଷ କାମନା କଲେ ସେ (ପରମାତ୍ମା) ତାହା ଦେଇଥା'ନ୍ତି । ପରମାତ୍ମା ଦେଉଥିବା ଦୁଇ ପ୍ରକାରର ସମ୍ପତ୍ତିରୁ ଗୋଟିକୁ ଆମେ କାମନା ନକଲେ ମଧ୍ୟ ଦେଇଥା'ନ୍ତି, ଆଉ ଗୋଟିକୁ କାମନା କରୁଥିବା ମଣିଷର ଶ୍ରଦ୍ଧା ଅନୁସାରେ ଦେଇଥା'ନ୍ତି । **ଟିକିଏ ଶ୍ରଦ୍ଧାଲୋପ ହୋଇଗଲେ ତାହା ସେ ଦେଇନଥା'ନ୍ତି ।**

ଆଉକେତେକ ପରମାତ୍ମା ଦେଉଥିବା ଚରସମ୍ପସମ୍ପତ୍ତି ଶରୀର ଦରକାର ବୋଲି କାମନା କରି ମଧ୍ୟ ସ୍ଥିରସମ୍ପତ୍ତି ମୋକ୍ଷକୁ ଆଶା କରିଥା'ନ୍ତି, ହେଲେ ପରମାତ୍ମା ସେଭଳି ଆଶା କରୁଥିବା ମଣିଷକୁ ଦେଇ ନଥା'ନ୍ତି । ପରମାତ୍ମା ଗୋଟିଏ ଦେଲେ ଆଉ ଗୋଟିଏ ଦିଅନ୍ତି ନାହିଁ ବୋଲି ଶାସନ (ନିୟମ) ରଖିଛନ୍ତି, ସେହି ଶାସନ ଅନୁସାରେ ଶରୀର ଥିବାବେଳେ କେହି ମୋକ୍ଷ ପାଇ ପାରନ୍ତି ନାହିଁ । ଶରୀର କାମନା କରୁଥିବା ମଣିଷ ମୋକ୍ଷ କାମନା କରେ ନାହିଁ । କାମନା କଲେ ମଧ୍ୟ ମୋକ୍ଷ ମିଳେନାହିଁ । କେତେକଙ୍କୁ ସେମାନଙ୍କର ଦେଖାଯାଉ ନଥିବା ପିତା ଜଣେ ଅଛନ୍ତି ବୋଲି ଜଣାଥିଲେ ମଧ୍ୟ ତାଙ୍କ ଦ୍ୱାରା ମୋକ୍ଷ ମିଳେ ବୋଲି ଜାଣି ନଥା'ନ୍ତି, ସେମାନେ ମୋକ୍ଷ କାମନା କରିବା ପ୍ରଶ୍ନ ହିଁ ନାହିଁ ତେଣୁ ସେମାନେ ଶାଶ୍ୱତ ଭାବରେ ଜନ୍ମ ମରଣ ପାଇଥା'ନ୍ତି, ସେମାନଙ୍କୁ ପରମାତ୍ମା କିଏ ବୋଲି ଜଣାନଥାଏ, ତେଣୁ ସେମାନେ ପରମାତ୍ମାଙ୍କୁ ନିନ୍ଦା କରିବାକୁ ପଛାନ୍ତି ନାହିଁ । ପରମାତ୍ମା ଏପରି ଲୋକ ମାନଙ୍କୁ ନିଶ୍ଚୟ ଦଣ୍ଡ ଦେଇଥା'ନ୍ତି । ଭୂପୃଷ୍ଠରେ କେତେକ ଦେଖାଯାଉଥିବା ମାତାପିତାଙ୍କର ସମ୍ପତ୍ତିକୁ ଅନୁଭବ କରୁଥାଇ, ତାହାକୁ ହକ୍ ଭାବି, ସେମାନେ ଆମକୁ କ'ଣ ବା ଦେଇଛନ୍ତି, ଆଉ ଅଧିକ କାହିଁକି ଦେଲେ ନାହିଁ କହି, ନିନ୍ଦା କରି, ସେମାନଙ୍କୁ ଅସମର୍ଥ ମାତାପିତା ଭାବରେ ଚିତ୍ରଣ କରି ଅନ୍ୟମାନଙ୍କୁ କହିଥା'ନ୍ତି । ସେହିଭଳି ଦୈବଙ୍କ ମୂଲ୍ୟକୁ, ଜ୍ଞାନର ମୂଲ୍ୟକୁ ଜାଣିନଥିବା ଲୋକମାନେ ସେମାନଙ୍କର ବୟସ ଗଡିଯିବା ବେଳେ, ଯେତେବେଳେ ଆଖିକୁ ଦେଖାଯାଏ ନାହିଁ, ଆଣ୍ଠୁ ଗଣ୍ଠି ଯେତେବେଳେ ବିନ୍ଧାହୁଏ, ଶରୀର ଧୁଡୁଧୁଡୁ ହୁଏ ସେତେବେଳେ ପରମାତ୍ମା ଏଭଳି ଶରୀର କାହିଁକି ଦେଇଛନ୍ତି ! କଳାମୁଗୁନି ପଥର ଭଳି ଶରୀର କାହିଁକି ଦେଲେନି ? ଲୁହାରେ ତିଆରି ଶରୀର କାହିଁକି ଦେଲେନି ? କହି, ଏ ବୟସରେ ଆମ ଅବସ୍ଥା ଏଭଳି କାହିଁକି ? ଆଖିକୁ ଦେଖାଯାଉନି, ହାତଗୋଡ ବିନ୍ଧାଛିଟିକା ହେଲାଣି, ତାଙ୍କୁ ଏଭଳି ଶରୀର ତିଆରି କରିବାକୁ କିଏ କହିଲା ! ବୋଲି

ପଡ଼ିରୁଥିବା ଲୋକମାନେ ମଧ୍ୟ ସମାଜରେ ଅଛନ୍ତି । ଏହିଭଳି ମିଳିଥିବା ସମ୍ପତ୍ତିକୁ ଛାଡି ଦରକାର ହେଉନଥିବା ସମ୍ପତ୍ତିକୁ ଆଶାକରି, ଆହୁରି ସୁଖକର ବ୍ୟବସ୍ଥା ଆମର ଦରକାର ବୋଲି ଆଶା କରୁଥିବା ଲୋକମାନେ ମଧ୍ୟ ଅଛନ୍ତି । ଏଭଳି ଆଶା କରିବା ଭୂଲ୍ ନହେଲେ ମଧ୍ୟ ନିଜକୁ ମିଳିଥିବା ସମ୍ପତ୍ତିର ମୂଲ୍ୟକୁ ନଜାଣି ବଡ ଭୂଲ୍ କରୁଛନ୍ତି । ମଣିଷକୁ ମିଳିଥିବା ସମ୍ପତ୍ତି ଭିତରେ ତା'ର ଥିବା ବୁଦ୍ଧିକୁ ପରମାତ୍ମା କୌଣସି ଅନ୍ୟ ଜୀବରାଶିକୁ ଦେଇ ନାହାନ୍ତି । ଏଭଳି ବୁଦ୍ଧି ଦେଇଥିବା ପ୍ରକୃତି ପରମାତ୍ମା କେତେ ମହାନ, କେତେ ସମର୍ଥବନ୍ତ ତାହା କେହି ଚିନ୍ତା କରୁ ନାହାନ୍ତି । ସୃଷ୍ଟ୍ୟାଦିରେ ଆମକୁ ଜନ୍ମ ଦେଇଥିବା ପ୍ରକୃତି ପରମାତ୍ମାଙ୍କୁ ମଣିଷ ଜାଣି ନପାରିବା ସବୁଠାରୁ ବଡ ଅଜ୍ଞାନ ହୋଇଥାଏ ।

ଭୂପୃଷ୍ଠରେ କେତେକ କିଛି ଜ୍ଞାନ ଜାଣି ସେହି ଜ୍ଞାନ ଦ୍ୱାରା ପରମାତ୍ମା ଏଇଭଳି ବୋଲି କହିଥା'ନ୍ତି । ପ୍ରତ୍ୟେକ ମତର ଲୋକମାନେ କିଛି ଭିନ୍ନ ଭିନ୍ନ ଜ୍ଞାନ ଜାଣି, ପରମାତ୍ମାଙ୍କ ବାବଦରେ କହିଥା'ନ୍ତି । କୌଣସି ମତର (ଧର୍ମର) ଲୋକ ହେଉ ସଂପୂର୍ଣ୍ଣ ଜ୍ଞାନ ନଜାଣି ଈଶ୍ୱରଙ୍କ ବାବଦରେ କହିଲେ ତାହା ଅସଂପୂର୍ଣ୍ଣ ଜ୍ଞାନ ହୋଇଥାଏ । ଅଳ୍ପ ଜ୍ଞାନ ଜାଣିଥିବା ବ୍ୟକ୍ତି କେବେ ମଧ୍ୟ ଦୈବ ବା ପରମାତ୍ମାଙ୍କ ବାବଦରେ କହି ପାରିବ ନାହିଁ, ସେ କିଭଳି, ତାଙ୍କର ପ୍ରକୃତ ସ୍ୱରୂପ କଅଣ, ତାଙ୍କର ଶାସନ କଅଣ କହି ପାରିବ ନାହିଁ । ଜଣାଥିବା ସ୍ୱଳ୍ପ ଜ୍ଞାନରେ ଦୈବଧର୍ମଗୁଡିକୁ ସଂପୂର୍ଣ୍ଣ କହି ପାରିବ ନାହିଁ । ସେଥିଲାଗି ଅନେକ ଭାବିଥା'ନ୍ତି ଯେ ପରମାତ୍ମାଙ୍କ ବିଷୟରେ ଯାହାସବୁ ଆମକୁ ଜଣା ଅଛି ତାହା ଆଉକାହାକୁ ଜଣା ନାହିଁ । ସେହିଭଳି ପ୍ରତ୍ୟେକ ମତର ଲୋକମାନେ ପରମାତ୍ମାଙ୍କ ବାବଦରେ ଯାହା ଜାଣିଛନ୍ତି, ତାହା ଇତର ମତାବଲମ୍ବୀମାନଙ୍କୁ ଜଣା ନାହିଁ ବୋଲି ଭାବିଥା'ନ୍ତି, ତାଛଡା ଆମରି ମତର ଈଶ୍ୱର (ଆରାଧ୍ୟ) ହିଁ ପ୍ରକୃତ ଈଶ୍ୱର ବୋଲି ଭାବିଥାନ୍ତି । ଏହିଭଳି ସମସ୍ତ ମତର ଲୋକମାନେ ଭାବିବା ଦ୍ୱାରା ସମସ୍ତଙ୍କ ମନରେ

ଈଶ୍ୱର ଭିନ୍ନଭିନ୍ନ ହୋଇ ରହିଯାଇଛନ୍ତି,ଅର୍ଥାତ୍ କହିପାରିବା ଯେ, ପରମାତ୍ମା ସମସ୍ତଙ୍କୁ ଅଲଗା ଅଲଗା ବୁଝାପଡିଛନ୍ତି । ସେଥିଲାଗି ଆମର ପିତା ବୋଲି ତାଙ୍କୁ କେହି ବୁଝିପାରିନାହାନ୍ତି । ପିତା ପରମାତ୍ମାଙ୍କ ବାବଦରେ କାହାକୁ ଜଣା ନଥିବା ବେଳେ, ମାତା ପ୍ରକୃତି ବାବଦରେ ମଧ୍ୟ କେହି ଜାଣି ନାହାନ୍ତି ବୋଲି କହି ପାରିବା । **ପରମାତ୍ମା ଏବଂ ଭଗବାନଙ୍କ ବାବଦରେ ସଂପୂର୍ଣ୍ଣ ଜ୍ଞାନ ନ ଜାଣିବା ପର୍ଯ୍ୟନ୍ତ ମଣିଷକୁ ତା'ର ପ୍ରକୃତ ମାତା ପିତାଙ୍କ ବାବଦରେ ଜଣାପଡିବ ନାହିଁ, ସେହିଭଳି ପ୍ରକୃତି ଓ ମାୟା ବାବଦରେ ଯେତେବେଳ ପର୍ଯ୍ୟନ୍ତ ସଂପୂର୍ଣ୍ଣଜ୍ଞାନ ଜଣାପଡି ନାହିଁ ସେତେବେଳଯାଏ ତା'ର ପ୍ରକୃତ ମାତା କିଏ କେହି ଜାଣି ପାରିବେ ନାହିଁ** । ମୁଖ୍ୟକଥା କହିବାକୁଗଲେ ପ୍ରତ୍ୟେକ ମତରେ ଥିବା ମୂଳଗ୍ରନ୍ଥରେ ପରମାତ୍ମାଙ୍କ (ପିତା) ବାବଦରେ ଅଧିକ,ପ୍ରକୃତି (ମାତା) ବାବଦରେ କମ୍‌ଜ୍ଞାନ ଲେଖାଯାଇଛି । ଅଧିକ ଲେଖାଯାଇଥିବା ପରମାତ୍ମାଜ୍ଞାନ ମଣିଷକୁ ସଠିକ୍ ବୁଝାପଡିନାହିଁ । ତେଣୁ କମ୍ କୁହାଯାଇଥିବା ପ୍ରକୃତିଜ୍ଞାନ ମଣିଷ ଜାଣି ନାହିଁ ବୋଲି କହି ପାରିବା । ପ୍ରଥମେ ମାତା ପ୍ରକୃତି ବାବଦରେ ନଜାଣିଲେ ପିତା ପରମାତ୍ମାଙ୍କୁ କେହି ଜାଣି ପାରିବେ ନାହିଁ, କାରଣ ! ପ୍ରକୃତି ହିଁ ମଣିଷଠାରେ ମାୟା ଭାବରେ ରହିଛି । ମୁଣ୍ଡରେ ଥିବା ମାୟା ପରମାତ୍ମାଙ୍କୁ ଜାଣିବାରେ ପ୍ରତି ମଣିଷର ଅବରୋଧ ହୋଇ ତା'କୁ ଦୈବମାର୍ଗରୁ ବିଚ୍ୟୁତ କରାଉଛି । ଏହି ମାୟାକୁ ଅତିକ୍ରମ କରିବା ବଡ ଦୁଃସାଧ୍ୟ । ପରମାତ୍ମା ହିଁ ମାୟାକୁ ଏଭଳି ବଳ ପ୍ରଦାନ କରିଛନ୍ତି । ପ୍ରତି ମଣିଷଠାରେ ଗୁଣରୂପରେ ମାୟା ବା ସାତାନ୍ (ସୈତାନ୍) ବସାବାନ୍ଧି ରହିଛି, ସେହି ମାୟା ବାବଦରେ ଭଗବାନ ଗୀତାର ବିଜ୍ଞାନଯୋଗରେ ଥିବା ୧୪ତମ ଶ୍ଳୋକରେ କହିବାକୁ ଯାଇ,

**ଦୈବିହ୍ୟେଷା ଗୁଣମୟି ମମ ମାୟା ଦୂରତ୍ୟୟା ।**
**ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତିତେ ॥**

**ଭାବାର୍ଥ :-** "ଦୈବ ବା ଈଶ୍ୱର ହୋଇ ରହିଥିବା ମୋ'ଦ୍ୱାରା

ସୃଷ୍ଟ ମୋର ମାୟାକୁ ଜୟକରି ଅତିକ୍ରମ କରିବା ଦୁଃସାଧ୍ୟ, ହେଲେ ଯିଏ ମୋତେ ବିଶ୍ୱାସ କରେ, ମୋର ଉପାସନା କରେ କେବଳ ସେ ମୋର ମାୟାକୁ ଅତିକ୍ରମ କରିପାରିବ” ବୋଲି କହିଛନ୍ତି, ଏହା ଭଗବାନ କହିଥିବା ଦୈବିବାଣୀ (ପରମାତ୍ମାଙ୍କ ବାକ୍ୟ) । ସେଥିଲାଗି ଏଠାରେ ଖ୍ରୀଷ୍ଟିଆନ୍‌ମାନେ ୟହୋବା କହିବା ଭଳି, ମୁସ୍ଲିମମାନେ ଆଲ୍ଲାଃ କହିବା ଭଳି ହିସାବ କରିବାକୁ ହେବ । ପରମାତ୍ମା, ପରମେଶ୍ୱର ବା ଦୈବ ଯାହା କହିଥା’ନ୍ତି ତାହା ସର୍ବ ମାନବଜାତି ପାଇଁ କହିଥା’ନ୍ତି, ତେଣୁ ଏହି ବାକ୍ୟକୁ ସମସ୍ତେ ସ୍ୱୀକାର କରିବାକୁ ବାଧ୍ୟ । ଭୂପୃଷ୍ଠର କୌଣସି ମଣିଷ ହେଉ ତା’ର ଗୁଣ ରହିଛି । ଗୁଣଗୁଡିକର ସମ୍ମେଳନ ହିଁ ମାୟା । ମାୟାକୁ ଜୟ ନକରିବା ପର୍ଯ୍ୟନ୍ତ କେହି ପରମାତ୍ମାଙ୍କ ପାଖରେ ପହଂଚିପାରି ନଥା’ନ୍ତି । ତେଣୁ କୌଣସି ମତର ଲୋକ ହେଉ ପଛେ ପ୍ରଥମେ ମାୟା (ସାତାନ୍, ସୈତାନ୍) ବାବଦରେ ଜାଣିବା ନିହାତି ଆବଶ୍ୟକ । ମାୟା ବିଷୟରେ ନଜାଣି କେହି ଦୈବଙ୍କ ବାବଦରେ କହି ପାରିବ ନାହିଁ । ମୁଖ୍ୟ ଭାବରେ ମାୟା ଏହି ମତ ବା ଧର୍ମ ନାଆଁରେ ସମସ୍ତଙ୍କୁ ଭ୍ରମିତ କରିଛି । **ମଣିଷ ମାୟା ହାତରେ ଠକି ନହୋଇ ରହିବାକୁ ହେଲେ ପ୍ରଥମେ ସେ ମତାତୀତ ହେବାକୁ ପଡିବ, ସମସ୍ତ ମତ (ଧର୍ମ) ମୋର ବୋଲି ଭାବିବାକୁ ହେବ, ମତଗୁଡିକରେ କୁହାଯାଇଥିବା ଅଲଗା ଅଲଗା ଉପାସ୍ୟମାନଙ୍କୁ ଜଣେ ବୋଲି ଭାବିବାକୁ ହେବ ଏବଂ ସମସ୍ତଙ୍କର ଉପାସ୍ୟ ଏକୈକ ପରମେଶ୍ୱର ବା ପରମାତ୍ମା ଭାବିବାକୁ ହେବ ।** ପରମାତ୍ମାଙ୍କୁ ଜଣେ ମୁସ୍ଲିମ୍ ଆଲ୍ଲା ଭାବୁ କି ଜଣେ କ୍ରୈସ୍ତବ ୟହୋବା ଭାବୁ, କିଛି ଯାଏଆସେ ନାହିଁ । ପରମାତ୍ମା ଶବ୍ଦର ଭାବାର୍ଥକୁ କୌଣସି ଭାଷାରେ ବୁଝିଲେ ମଧ୍ୟ କିଛି କଥା ନାହିଁ । ଏହି ଭାବ ନ ଆସିବା ପର୍ଯ୍ୟନ୍ତ ମୋ’ଧର୍ମ ଭିନ୍ନ, ତୋ’ ଧର୍ମ ଭିନ୍ନ ଭାବ ନେଇ ମଣିଷ ମାୟା ହାତରେ ଛନ୍ଦି ହୋଇ ରହିଥିବ । ମୁଁ ଆଧ୍ୟାତ୍ମିକବେତ୍ତା ବୋଲି ହିନ୍ଦୁକୁ, ମୁଁ ପ୍ରକୃତ ମୁସଲମାନ୍ ବୋଲି ମୁସ୍ଲିମ୍‌କୁ, ମୁଁ ୟହୋବା

ଭକ୍ତ ବୋଲି ଖ୍ରୀଷ୍ଟିଆନକୁ ଭାବିବା ଭଳି କରି ମାୟା ସମସ୍ତଙ୍କୁ ଭ୍ରମିତ କରିଥାଏ । ସେଭଳି ଲୋକମାନଙ୍କୁ ସେମାନଙ୍କ ମତଗ୍ରନ୍ଥ (ଧର୍ମଗ୍ରନ୍ଥ) ରେ ଥିବା ଜ୍ଞାନ କିମ୍ବା ଇତର ମତରେ ଥିବା ଜ୍ଞାନ କେବେ ମଧ ବୁଝାପଡି ନଥାଏ । ନିଜ ମତଗ୍ରନ୍ଥର ଜ୍ଞାନ ତା'କୁ ବୁଝା ପଡିଯାଇଛି ବୋଲି ମାୟା ତା'ଠାରେ ନିଶ୍ଚୟ ବିଶ୍ୱାସ ଜନ୍ମାଇବ । ସେଥିଲାଗି ପ୍ରଥମେ ତୋ'ର ମାତାକୁ ତା'ପରେ ତୋ'ର ପିତାଙ୍କୁ ତୋତେ ଜାଣିବାକୁ ହେବ । **ମାତାକୁ (ମାୟା) ନଜାଣି କେହି ପିତା (ପରମାତ୍ମା)ଙ୍କୁ ଜାଣିବା ଅସମ୍ଭବ । ଏହି ରହସ୍ୟ ନଜାଣି ପ୍ରତ୍ୟେକ ମତାବଲମ୍ବୀ ନିଜକୁ ଜ୍ଞାନୀ ମନେକରିଥାଏ ।**

ଏଠାରେ ଅନେକଲୋକ ମୋତେ ପ୍ରଶ୍ନଟିଏ ପଚାରିବା ସୁଯୋଗ ରହିଛି । ତାହାହେଲା ! ଆପଣ ଆପଣଙ୍କ ରଚନାର ଅନେକ ସନ୍ଦର୍ଭରେ **"ତ୍ରୈଗୁଣ୍ୟ ବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ.."** ବୋଲି ଗୀତା ବାକ୍ୟକୁ ଉଦାହରଣ ଦେଇ, ତିନି ଗୁଣରାଜିର ବିଷୟ ହେଉଛି ବେଦ, ସେଗୁଡିକୁ ପରିତ୍ୟାଗ କର୍, ଗୁଣ ବିଷୟ ସହିତ ଯୁକ୍ତ ହୋଇ ରହିଥିବା ମାୟାରୁ ମୁକୁଳି ପାରିବୁ ବୋଲି କହିଛନ୍ତି । ତା'ଛଡା ବିଜ୍ଞାନ ଯୋଗର ୧୩ ଏବଂ ୧୪ତମ ଶ୍ଳୋକରେ..

ଶ୍ଳୋକ, ୧୩, ୧୪;-

**ତ୍ରିଭିର୍ଗୁଣମୟୈର୍ଭାବୈ ରେଭି ସର୍ବମିଦମ୍ ଜଗତ୍ ।**
**ମୋହିତଃ ନାଭିଜାନାତି ମାମେଭ୍ୟଃ ପରମବ୍ୟୟମ୍ ॥**
**ଦୈବିହ୍ୟେଷା ଗୁଣମୟି ମମ ମାୟା ଦୂରତ୍ୟୟା ।**
**ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତିତେ ॥**

ଉଦାହରଣ ଦେଇ ତା'ର ଭାବାର୍ଥରେ "ସର୍ବ ଜଗତ ସାତ୍ତ୍ୱିକ, ରାଜସ, ତାମସ ନାମକ ତିନିଗୁଣ ଯୁକ୍ତ ହୋଇ ରହିବା ଦ୍ୱାରା, ସେହି ଗୁଣ

ପ୍ରଭାବ ଯୋଗୁଁ ମଣିଷ ସମ୍ମୋହିତ ହୋଇ ଅବିନାଶୀ ହୋଇଥିବା ମୋତେ ଏବଂ ମୋର ପରମ ଭାବକୁ ଜାଣି ପାରୁନାହିଁ ।

"ଈଶ୍ୱର ହୋଇଥିବା ମୋ'ଦ୍ୱାରା ସୃଷ୍ଟ ମୋର ଏଇ ମାୟାକୁ ଜୟକରି ଅତିକ୍ରମ କରିବା ଦୁଃସାଧ୍ୟ, କିନ୍ତୁ ଯିଏ ମୋତେ ବିଶ୍ୱାସ କରେ, ଆରାଧନା କରେ କେବଳ ସେ ମୋ' ମାୟାକୁ ଅତିକ୍ରମ କରିପାରେ" । ତେଣୁ ତିନିଗୁଣ ହିଁ ମାୟା, ଗୁଣ ବିଷୟରେ ପରିପୂର୍ଣ୍ଣ ବେଦ ହିଁ ମାୟାର ପ୍ରତିରୂପ, ମାୟାକୁ ଅତିକ୍ରମ କରିବାକୁ ହେଲେ ବେଦକୁ ଛାଡିବା ପାଇଁ କହିଛନ୍ତି ! ଏବେ ମାୟାକୁ ନଜାଣିଲେ ପରମାତ୍ମାଙ୍କୁ ଜାଣି ପାରିବୁ ନାହିଁ । ତାଛଡା ପରମାତ୍ମାଙ୍କୁ ବିଶ୍ୱାସ କଲେ ମାୟାକୁ ଅତିକ୍ରମ କରି ପାରିବୁ ବୋଲି କହୁଛନ୍ତି । ପୁଣିଏବେ କହୁଛନ୍ତି କି ଆଗ ମାୟାକୁ ଜାଣ୍ ତା'ପରେ ପରମାତ୍ମା ଜଣା ପଡିବେ ! ଆପଣ ଦ୍ୱନ୍ଦାତ୍ମକ କଥା କହୁଛନ୍ତି ବୋଲି ସ୍ପଷ୍ଟ ଜଣା ପଡୁଛି, ଆପଣ ଏଭଳି ଦୁଇ ପ୍ରକାରର କଥା କହିଲେ ଆମେ କେଉଁ କଥାକୁ ବିଶ୍ୱାସ କରିବୁ ? ଭିତରେ ଥିବା ମାୟାକୁ ଅତିକ୍ରମ କରିବାକୁ ହେଲେ, ବାହ୍ୟତଃ ବେଦକୁ ଛାଡ୍ ବୋଲି କହୁଛନ୍ତି । ଏବେ ଆପଣ କହୁଥିବା ଜ୍ଞାନ କ'ଣ ବେଦ ନୁହେଁ ? ଏହି ପ୍ରଶ୍ନର ସମାଧାନ ନିମ୍ନମତେ ଦେଖନ୍ତୁ ।

ପିତା ବାବଦରେ ସଠିକ୍ କହିଥାଏ କେବଳ ମାତା । ସେହିଭଳି ପରମାତ୍ମାଙ୍କ ବାବଦରେ କେବଳ ପ୍ରକୃତି (ମାୟା) କହିଥାଏ ବୋଲି କହିଥିଲୁ । ସେଥିଲାଗି ପରମାତ୍ମା ମାୟା (ବେଦ) ଦ୍ୱାରା ହିଁ ଜଣା ପଡିଥା'ନ୍ତି ବୋଲି ଏବେ ମଧ୍ୟ କହୁଛୁ । ଏଠାରେ ଆପଣ ଭଲ ଭାବରେ ଅନୁଧ୍ୟାନ କଲେ ଆମେ ଯାହା କହୁଛୁ ତାହା ସତ୍ୟ କହୁଛୁ, କେବେ ମଧ୍ୟ ଦୁଇ ପ୍ରକାରର କଥା କହୁ ନାହୁଁ ବୋଲି ଜାଣି ପାରିବେ । ଏବେ ଧ୍ୟାନର ସହିତ ଶୁଣନ୍ତୁ । ମାୟା ଦୈବମାର୍ଗରେ ଆମକୁ ପଠାଇ ପାରେ । ସେହିଭଳି ଦୈବମାର୍ଗରୁ ବିଚ୍ୟୁତ ମଧ୍ୟ କରି ପାରେ । ମାୟା ଏଭଳି ଦୁଇ ପ୍ରକାରର ସାମର୍ଥ୍ୟ ନେଇ ରହିଛି ।

ମାୟା ଇଚ୍ଛାକଲେ କେତେବଡ ଲୋକକୁ ମଧ୍ୟ ଦୈବମାର୍ଗରୁ ଟାଳିପାରେ । କେତେବଡ ବୁଦ୍ଧିହୀନକୁ ମଧ୍ୟ ମହାଜ୍ଞାନୀ କରିଦେଇ ପାରେ । ଏଇ କଥା ଅନୁସାରେ ବେଦ ଦୁଇ ପ୍ରକାରର କାମ କରୁଛି ବୋଲି ଜଣାଯାଏ । ଏକ ପ୍ରକାରର ମାୟା ଦୈବ ବା ପରମାତ୍ମାଙ୍କ ଅନୁକୁଳ ଭାବରେ ରହିଛି, ଆଉ ଏକ ପ୍ରକାରର ମାୟା ପ୍ରତିକୁଳ ଭାବରେ ରହିଛି । ପରମାତ୍ମାଙ୍କର ପ୍ରତିକୁଳ ମାୟା କାହାକୁ ମଧ୍ୟ ତାଙ୍କ ଦିଗରେ ଯିବାକୁ ଦିଏ ନାହିଁ, ଅନୁକୁଳ ମାୟା କୌଣସି ପ୍ରତିବନ୍ଧକ ନହୋଇ ପରମାତ୍ମାଙ୍କ ଦିଗରେ ନେଇଥାଏ । ଏହିଭଳି ପରମାତ୍ମାଙ୍କ ଦ୍ୱାରା ତିଆରି ହୋଇଥିବା ମାୟା ଦୁଇ ପ୍ରକାରର କାର୍ଯ୍ୟ କରିଥାଏ ବୋଲି ଜଣା ଯାଉଛି, ଅର୍ଥାତ୍ ଏକ ମାୟା ଦୁଇ ପ୍ରକାରର ପ୍ରଭାବ ଯୁକ୍ତ ହୋଇ ରହିଛି । ତେଣୁ ମାୟା ଦୁଇ ପ୍ରକାରର । ବେଦ ଦୈବଙ୍କୁ ଚିହ୍ନାଏ ବୋଲି ବିଶ୍ୱାସ ଜନ୍ମାଇ ପରମାତ୍ମାଙ୍କ ବ୍ୟତିରେକ ଦିଗରେ ନେଇଥାଏ, ସେହିଭଳି ବେଦ ଦ୍ୱାରା ପରମାତ୍ମାଙ୍କୁ ପାଇହୁଏ ବୋଲି ବିଶ୍ୱାସ ଅଣାଇ ପରମାତ୍ମାଙ୍କର ଅନୁକୁଳ ମାର୍ଗରେ ମଧ୍ୟ ନେଇଥାଏ ।

ତା'ହେଲେ ଏଭଳି ଥିବା ପ୍ରତିକୂଳ, ଅନୁକୂଳ ବେଦ କ'ଣ ? ବୋଲି ପଚାରିଲେ ତା'ର ସମାଧାନ ହେଉଛି ! ଇନ୍ଦୁ ମତରେ (ହିନ୍ଦୁ ଧର୍ମରେ) ମାତ୍ର କେତେକଙ୍କୁ ବେଦ ବାବଦରେ ଜଣାଥାଏ । ଆଜିର କାଳରେ ବେଦ ବାବଦରେ ସମସ୍ତଙ୍କୁ ଜଣା ନାହିଁ । ଆଉ ଅଧିକ କହିଲେ ତୋ'ର କେଉଁ ମତ (କେଉଁ ଧର୍ମ) ବୋଲି ପଚାରିଲେ, ଆମକୁ ଜଣାନାହିଁ କହୁଥିବା ସ୍ଥିତିରେ ଆଜିର ହିନ୍ଦୁମାନେ ଅଛନ୍ତି । ସେଥିଲାଗି ସମସ୍ତଙ୍କୁ ନୁହେଁ ମାତ୍ର କେତେକଙ୍କୁ ବେଦ ଚାରି ପ୍ରକାରର ତାହା ୧- ସାମବେଦ, ୨- ଜଜୁର୍ବେଦ, ୩- ଅଥର୍ବବେଦ, ୪- ଋକ୍‌ବେଦ ବୋଲି ଜଣାଅଛି । ଏହି ଚାରିବେଦକୁ ବ୍ୟାସ ମହର୍ଷି ଲେଖିଛନ୍ତି, ସେ ଚାରିବେଦ ଛଡା ୧୮ ଖଣ୍ଡ ପୁରାଣ ମଧ୍ୟ ଲେଖିଛନ୍ତି । ଚାରିବେଦ ମଣିଷକୁ ପରମାତ୍ମାଙ୍କର ବ୍ୟତିରେକ ମାର୍ଗରେ ନିଏ ବୋଲି ଜାଣିବା ଉଚିତ୍ । ଚାରିବେଦ ତିଆରି ହୋଇ

ଜନାରଣ୍ୟକୁ ଯିବା ପରେ ସେଗୁଡିକରେ ରହିଥିବା କିଛିମାତ୍ର ଧର୍ମ ମଧ୍ୟ ଅଧର୍ମ ହୋଇଯାଇଛି । ତେଣୁ ସେତିକିବେଳେ ପରମାତ୍ମା ଭଗବାନ ହୋଇ ପୁନର୍ବାର ଧର୍ମକୁ ଜଣାଇବା ପାଇଁ ଜନ୍ମ ହୋଇଥିଲେ । ଅଧର୍ମ ଅଭିବୃଦ୍ଧି ହେବା ପାଇଁ ଚାରି ବେଦ ତିନି ଗୁଣ ହୋଇ ମଣିଷଠାରେ ମାୟା ଭାବରେ ରହି ଅଧର୍ମ ବଢିବା ପ୍ରେରଣା ଦେବାବେଳେ, ପୁନଃ ଧର୍ମ ସଂସ୍ଥାପନା ପାଇଁ ପ୍ରଥମ ଅବତାର ଭାବରେ ଭଗବାନ ଶ୍ରୀକୃଷ୍ଣ ଜନ୍ମହୋଇଛନ୍ତି । ଗୋଟିଏ ଥର ସଂପୂର୍ଣ୍ଣ ଧର୍ମ ସଂସ୍ଥାପନା ପାଇଁ ଦୈବାଂଶ ଭଗବାନଙ୍କୁ ତିନି ଥର ଜନ୍ମ ନେବାକୁ ପଡିଥାଏ । ସେହି ଅନୁସାରେ ଅନୁଧ୍ୟାନ କଲେ ଥରେ ଭଗବାନଙ୍କ ଆଗମନ ଦ୍ୱାପର ଯୁଗର ଶେଷଭାଗରେ ହୋଇଥିଲା,ସେ ଦ୍ୱିତୀୟ ଥର ମଧ୍ୟ ପ୍ରବକ୍ତାଭାବରେ ଆସିଥିଲେ,ତୃତୀୟଥର ସାହାଯ୍ୟକାରୀ ହୋଇଆସିବେ । ଚାରିବେଦ ଦୈବପ୍ରତିକୂଳ ହୋଇଥିବା ବେଳେ, ଦୈବଙ୍କର ଅନୁକୂଳ ହୋଇ ପଞ୍ଚମବେଦ ମଧ୍ୟ ଭୂପୃଷ୍ଠରେ ରହିଛି । କେତେକ ମହାଭାରତକୁ ପଞ୍ଚମବେଦ କହିବା ସ୍ଥଳେ କେତେକ ଭାଗବତକୁ ପଞ୍ଚମବେଦ କହନ୍ତି । ବାସ୍ତବରେ ସେ ଦୁଇଟି ମଧ୍ୟ ପଞ୍ଚମବେଦ ନୁହେଁ । ମହାଭାରତ ଇତିହାସ ହୋଇଥିବା ସ୍ଥଳେ, ଭାଗବତ ପୁରାଣ ବୋଲି ମନେ ରଖିବା ଉଚିତ୍ ।

ଆଜିକୁ ଚାରିଶହ ବର୍ଷ ପୂର୍ବେ ପୋତୁଲୁରି ବୀରବ୍ରହ୍ମ ମହାଶୟ ଏହି ପଞ୍ଚମବେଦ ବାବଦରେ କହିବାକୁ ଯାଇ ତାଙ୍କ କାଳଜ୍ଞାନରେ ତାହାକୁ ସାନ୍ଦ୍ରସିନ୍ଧୁବେଦ ନାମରେ କହିଛନ୍ତି । **"ସାନ୍ଦ୍ରସିନ୍ଧୁ ବେଦର କର୍ତ୍ତା ହେଉଛନ୍ତି ଆନନ୍ଦଗୁରୁ । ସାନ୍ଦ୍ରସିନ୍ଧୁ ବେଦ ଭୂପୃଷ୍ଠରେ ନାହିଁ । ତା'ର ସମୂଳାଗ୍ର ସେହି ଆନନ୍ଦଗୁରୁ ହିଁ କହିବେ ବୋଲି କହିଛନ୍ତି । ତା'ଛଡା ସାନ୍ଦ୍ରସିନ୍ଧୁ ବେଦମାର୍ଗରେ ସବୁ ମତର (ପ୍ରତ୍ୟେକ ଧର୍ମର) ଲୋକମାନେ ଚାଲିବେ"** ବୋଲି ମଧ୍ୟ କହିଛନ୍ତି । ଆପଣ ମୋତେ ପଚାରିଥିବା ପ୍ରଶ୍ନରେ ଆପଣ ଯାହାକହୁଛନ୍ତି ତାହା କଣ ବେଦ ନୁହେଁ? ବୋଲି ପଚାରିଛନ୍ତି । ତା'ର ସଂପୂର୍ଣ୍ଣ ସମାଧାନରେ ଆମେ ମଧ୍ୟ ଯାହା କହୁଛୁ ତାହା ସଂପୂର୍ଣ୍ଣ

ବେଦ । ମୋ ଦ୍ୱାରା ଯାହା କୁହାଯାଉଛି ତାହା ଦୈବମାର୍ଗ, କିନ୍ତୁ ଆମେ ଯେଉଁ ସାନ୍ଦ୍ରସିନ୍ଧୁ ବେଦ ବାବଦରେ କହୁଛୁ ତାହା ଆମକୁ ମଧ୍ୟ ଜଣା ନଥିଲା । ଏକଥା ବୀରବ୍ରହ୍ମ ମହାଶୟ ତାଙ୍କ କାଳଜ୍ଞାନରେ ଅନେକ ଥର ଲେଖିଥିବାରୁ ତାହା ଏବେ ଆମକୁ ଜଣାପଡିଲା । ବାହ୍ୟପ୍ରପଞ୍ଚ ମୋର ଗୁଣଗାନ କଲେ ମଧ୍ୟ ମୁଁ ମୋତେ ସବୁବେଳେ ଲୁଚାଇଥାଏ । ବାହ୍ୟଜଗତ ମୋତେ ଜାଣିନପାରୁ ବୋଲି ସବୁବେଳେ ଇଚ୍ଛାକଲେ ମଧ୍ୟ ବୀରବ୍ରହ୍ମଙ୍କ କାଳ ଜ୍ଞାନରେ **"ପ୍ରବୋଧାଶ୍ରମ ଉନ୍ନତ ଏବଂ ଏକ ଜ୍ଞାନମୟ ଆଶ୍ରମ"** ବୋଲି ଲେଖାଯିବା ଦ୍ୱାରା ମୁଁ କିଛି ପରିମାଣରେ ବାହ୍ୟ ଜଗତକୁ ଚିହ୍ନା ପଡିଯାଇଛି । ତା'ଛଡା **"ଯିଏ ପ୍ରବୋଧାଶ୍ରମରେ ରହିଛନ୍ତି ତାଙ୍କର ଗୁଣସବୁ ଶୟନାଧିପତିଙ୍କ ଗୁଣଭଳି, ଶୟନାଧିପତି ହିଁ ଆନନ୍ଦଗୁରୁ, ସିଦ୍ଧାନ୍ତ ଶିରୋମଣି ସେହି ଗୁରୁସ୍ୱାମୀଙ୍କ ସିଦ୍ଧାନ୍ତ ଅତି ମୁଖ୍ୟ ଅଟେ"** ବୋଲି ଲେଖାଯିବା ଦ୍ୱାରା ଆମକୁ ଜଣେ ଜ୍ଞାନ କହୁଥିବା ଗୁରୁଭାବରେ ଅନେକ ବ୍ୟକ୍ତି ଜାଣି ପାରିଛନ୍ତି, ଆମେ କହୁଥିବା ଜ୍ଞାନକୁ ସବୁ ମତର ଲୋକମାନେ ଗ୍ରହଣ କରିଛନ୍ତି । ଆମେ କହିଥିବା **"ତ୍ରୈତ ସିଦ୍ଧାନ୍ତ"** ଚାରିଶହ ବର୍ଷ ପୂର୍ବେ କୁହାଯାଇଥିବା କାଳଜ୍ଞାନର ବାକ୍ୟକୁ ସତ୍ୟ ପ୍ରମାଣିତ କରୁଛି । ଏହି ଦୁଇଟି ବାକ୍ୟ କାହିଁକି, ଆହୁରି ଅନେକ ବାକ୍ୟ ରହଛି,ଆପଣ ସନ୍ଦର୍ଭାନୁସାରେ ଜାଣି ପାରିବେ । ଆମ ରଚନା ନୂତନ, ତା'ଛଡା ସେଥିରେ କେହି କହି ନଥିବା ଜ୍ଞାନ ରହିଥିବାରୁ ଆମେ ଯାହା କହୁଛୁ ତାହା **ସାନ୍ଦ୍ରସିନ୍ଧୁ ବେଦ** ବୋଲି ସ୍ୱୀକାର କରିବାକୁ ହେବ ।

ବୀରବ୍ରହ୍ମ ମହାଶୟ **"ସିଦ୍ଧାନ୍ତ ଶୀରୋମଣି ସେହି ଗୁରୁସ୍ୱାମୀଙ୍କ ସିଦ୍ଧାନ୍ତ ଅତି ମୁଖ୍ୟ ଅଟେ"** କୁହାଯିବା ଭଳି **"ସାନ୍ଦ୍ରସିନ୍ଧୁ ବେଦର ମାର୍ଗରେ ସମସ୍ତେ ଚାଲିବେ"** ବୋଲି ଆମେ ଏବେ ଏବେ ଜାଣୁଛୁ । ଏକଥା ଆମକୁ ଜଣାନଥିଲେ ମଧ୍ୟ ଆଗରୁ ଅନେକ ଥର କହିଛୁ ଯେ, ତ୍ରୈତ ସିଦ୍ଧାନ୍ତ ମାର୍ଗରେ ସବୁଧର୍ମର ଲୋକମାନେ ଚାଲିବେ । ସମସ୍ତେ

**ତ୍ରୈତ ସିଦ୍ଧାନ୍ତ ଜ୍ଞାନ**କୁ ଅତି ମହାନ କହିବେ । ଆମେ ଯାହା କହିଥିଲୁ ତାହା ସତ୍ୟ ବୋଲି ଏବେ ଜଣାପଡୁଛି, ତେଣୁ ବୀରବ୍ରହ୍ମଙ୍କ ଲିଖିତ କାଳଜ୍ଞାନକୁ ଆମେ ଖଣ୍ଡନ କରି ପାରୁନାହୁଁ । ଆମେ କହୁଥିବା ଜ୍ଞାନ ସାନ୍ଦ୍ରସିନ୍ଧୁ ବେଦର ବୋଲି ସ୍ୱୀକାର କରୁଛୁ । ଆଜିକୁ ପ୍ରାୟ ତିନିଶହ ପଚାଶବର୍ଷ ତଳେ ସଜୀବ ସମାଧି ନେଇଥିବା ବୀରବ୍ରହ୍ମ, ତାଙ୍କ ସମାଧିରୁ ବାହାରକୁ ଆସି ଏକ ଜନ୍ମ ନେଇ ତିରିଶି ବର୍ଷରେ ହେଲେଣି, ସେ ଆଉ କିଛିଦିନ ପରେ ଆମ ପାଖକୁ ଆସିବେ । ଆନନ୍ଦଗୁରୁ ହିଁ ମୋର ଗୁରୁ ବୋଲି ସେ କାଳଜ୍ଞାନରେ ମଧ୍ୟ ଲେଖିଛନ୍ତି, ସେ ଯେତେବେଳେ ଏଠାକୁ ଆସିବେ ସେତେବେଳେ ମୁଁ କିଏ ସେକଥା ବହିର୍ଗତ ହେବ, ମୁଁ କିଏ ଆଉ ମୋର ଆତ୍ମା କ'ଣ ସମସ୍ତଙ୍କୁ ଜଣାପଡିବ । ସେଥିଲାଗି ଆପଣ ପଚାରିଥିବା ପ୍ରଶ୍ନର ସମାଧାନରେ ଆମେ ଯାହା କହୁଛୁ ତାହା ସାନ୍ଦ୍ରସିନ୍ଧୁ ବେଦ ବୋଲି କହୁଛୁ । ଆମ ଦ୍ୱାରା କୁହାଯାଉଥିବା ଏହି ବେଦଜ୍ଞାନ ଆପଣମାନଙ୍କ ଦୈବମାର୍ଗକୁ ସୁଗମ କରି ମୋକ୍ଷ ଦିଗରେ ନେବ, ଏହାଠାରୁ ଆଉ ଅଧିକ କହୁନାହୁଁ ।

ଆମେ ଏଯାବତ୍ କହିଥିବା ଜ୍ଞାନ ସଂପୂର୍ଣ୍ଣ ଦୈବ ସମ୍ବନ୍ଧୀୟ । ପ୍ରତ୍ୟେକ ମତର ଆମୋଦ ଯୋଗ୍ୟ । ପ୍ରତ୍ୟେକ ଗ୍ରନ୍ଥରେ ଆମେ କହିଥିବା ଜ୍ଞାନ ରହିଛି । ସମସ୍ତେ ଏହାକୁ ସ୍ୱୀକାର କରୁଛନ୍ତି । କେତେକ ମତର ଲୋକମାନେ ଏହାକୁ ଘୃଣାଚକ୍ଷୁରେ ଦେଖୁଥିଲେ ମଧ୍ୟ ସେହି ମତର ଲୋକମାନେ ଏହି ଜ୍ଞାନକୁ ଅତି ମହାନ ଜ୍ଞାନଭାବରେ ସ୍ୱୀକାର କରୁଛନ୍ତି । ଏବେ ମଧ୍ୟ ଲେଖାଯାଉଥିବା ଏହି **"ମାତା ପିତା"** ଗ୍ରନ୍ଥକୁ କେହି ଖଣ୍ଡନ କରି ପାରିବେ ନାହିଁ, କାରଣ **"ସିଦ୍ଧାନ୍ତ ସମେତ ଲେଖାଯାଇଥିବା ଜ୍ଞାନ ଅଖଣ୍ଡନୀୟ"** । ମାତାର ଖବର କ'ଣ ମାତୁଳକୁ ଜଣା ନାହିଁ ! କହିବା ଭଳି ମାୟା ଖବର ଏକ ଯୋଗୀକୁ ଜଣାଥାଏ । ସେଥିଲାଗି ମାତାପିତାଙ୍କ ଖବର ଯୋଗୀ ଭାବରେ ଥିବା ମୋତେ ନିଶ୍ଚୟ କହିବାକୁ ହେବ । ସେଇକଥା କହିବାକୁ ଯାଇ ତୋ'ର ମାତା କିଏ, ତୋ'ର ପିତା କିଏ ତାହା

ତୁ ଜାଣ୍ ବୋଲି କହୁଛି । ମାତା ଦିଗରୁ ପିତା ନିକଟକୁ ଯିବାଭଳି, ବେଦ ହୋଇନଥିବା ବେଦ ସାନ୍ଦ୍ରସିନ୍ଧୁ ବେଦକୁ ଜାଣି ତୋ'ର ପ୍ରକୃତ ମାତାପିତାଙ୍କୁ ଠାବ କରିବାପାଇଁ ମୋ' ତରଫରୁ କହୁଛି । ଏବେ କେତେକ ଆପଣଙ୍କର ମହାନତା ବାବଦରେ ସ୍ୱୟଂ ଆପଣ କହୁଛନ୍ତି ବୋଲି କହି ପାରନ୍ତି । ତା'ର ସମାଧାନରେ ଆମେ କହିବୁ ଯେ, ମୁଁ କିଏ ମୋତେ ଜଣାନଥିବା ବେଳେ ମୋ' ମହାନତା ବାବଦରେ ମୁଁ କିପରି କହିବି ? ମୋ' ବାବଦରେ ମୁଁ କହୁନାହିଁ । ମୋ' ବାବଦରେ ଅନ୍ୟମାନେ କହୁଥିବା କଥାକୁ କହୁଛି । ମୋ' ବିଷୟରେ କହିଥିବା ବୀରବ୍ରହ୍ମ ମହାଶୟ କେତେଶହ ବର୍ଷର ଭବିଷ୍ୟତ କଥା କହିଛନ୍ତି । ତାଙ୍କ କଥା କହିବା ସନ୍ଦର୍ଭ ଆସିଥିବାରୁ ଏକଥା କହିବାକୁ ପଡିଛି । ଆମକଥା ଆପଣଙ୍କୁ ବୁଝା ନପଡି ଅନ୍ୟ ପ୍ରକାରରେ ବୁଝାପଡିଲେ ତାହା ମଧ୍ୟ ମାୟାର କର୍ତ୍ତୁତ୍ୱ ହେବ । ସେଥିଲାଗି ଦୈବ ବିପରୀତ ମାୟାକୁ ଛାଡି, ତାଙ୍କ ମାର୍ଗର ଅନୁକୁଳିତ ମାୟା କଥା ଶୁଣନ୍ତୁ । ଏବେ ଆମର ବାସ୍ତବ ମାତାପିତାଙ୍କ ବାବଦରେ ଅଧିକ ଜାଣିବା ।

ଜଣେ ମଣିଷ ତା'ର ବାହ୍ୟ ପିତା କିଏ ଯଦି ଜାଣିବାକୁ ଚାହେଁ ତେବେ ତା'ର ପ୍ରକୃତ ମାତା ହିଁ ତା'କୁ ସେକଥା ଜଣାଇବ ବୋଲି ସମସ୍ତେ ଜାଣନ୍ତି । ତା' ସନ୍ତାନର ପ୍ରକୃତ ପିତା କିଏ କେବଳ ମାତାକୁ ହିଁ ଜଣାଥାଏ । ସେହିଭଳି ପରମାତ୍ମା କିଏ ତାହା ପ୍ରକୃତି ଜଣାଇବ । ବାହ୍ୟ ଶରୀରର ମାତା ତା'ସନ୍ତାନକୁ ପ୍ରତ୍ୟକ୍ଷଭାବରେ କଥା କହି ପାରୁଛି ବା ସ୍ୱୟଂ ପିତାକୁ ଚିହ୍ନାଇ ପାରୁଛି । ଏହି ସୂତ୍ର ଅନୁସାରେ ଏଠାରେ ଜୀବର ପିତା ସ୍ଥାନରେ ଥିବା ପରମାତ୍ମାଙ୍କୁ, ମାତା ସ୍ଥାନରେ ଥିବା ପ୍ରକୃତି ଦେଖାଇବ (ଚିହ୍ନାଇବ) । ହେଲେ ଆମେ ଜାଣିଛେ ଯେ, ପ୍ରକୃତି ମଣିଷ ସହିତ କଥା ହୋଇ ପାରିବ ନାହିଁ, ତେଣୁ କହିପାରିବା ଯେ ପ୍ରକୃତି ପରମାତ୍ମା କିଏ ବୋଲି ଜୀବକୁ ଜଣାଇ ପାରିବ ନାହିଁ । ସମାଧାନ କଣନା ! ସେତେବେଳେ ପରମାତ୍ମା ହିଁ ଜୀବକୁ ତାଙ୍କ ବିଷୟରେ ଜଣାଇବାପାଇଁ ପ୍ରକୃତି ଦିଗରୁ କାର୍ଯ୍ୟ

କରିବାକୁ ହେବ । ତେଣୁ ପ୍ରକୃତି ତରଫରୁ କାର୍ଯ୍ୟକରି ଜୀବକୁ ପରମାତ୍ମାଙ୍କ ବାବଦରେ କହିବା ପାଇଁ ତା'ଙ୍କୁ ପରମାତ୍ମା ଅଂଶ ଭଗବାନ ହୋଇ ଆସିବାକୁ ପଡିଥାଏ । ପ୍ରକୃତି ମାୟା ଭାବରେ ବଦଳି ସବୁବେଳେ ମଣିଷଠାରେ ରହିବା ବେଳେ, ପରମାତ୍ମା କ୍ୱଚିତ୍ କେତେବେଳେ ଭଗବାନ ହୋଇ ଭୂପୃଷ୍ଠକୁ ଆସନ୍ତି । ପ୍ରକୃତି ମଣିଷଠାରେ ମାୟା ହୋଇ ରହିଥିବା ବେଳେ, ଭଗବାନ ମଣିଷ ଭିତରେ ଭଗବାନ ହୋଇ ଆସିଥାନ୍ତି । ଭଗବାନ ପ୍ରକୃତି ତିଆରି ଶରୀର ଧାରଣକରି ଦେଖାଯାଉଥିବା ମଣିଷ ରୂପରେ ଆସିଥା'ନ୍ତି । ଏଭଳି ଜନ୍ମ ହୋଇଥିବା ଭଗବାନ ପ୍ରକୃତି ଜଣାଇବାକୁ ଥିବା ପରମାତ୍ମାଙ୍କ ବୟାନକୁ,ପ୍ରକୃତି ତରଫରୁ ଜଣାଇଥାନ୍ତି । ପ୍ରକୃତି ମାୟା ହୋଇ ମଣିଷ ଭିତରେ ରହିଥାଏ, ତେଣୁ ପ୍ରକୃତି ଦିଗରୁ କାର୍ଯ୍ୟ କରିବାକୁ ଭଗବାନ ହୋଇ ଆସିଥିବା ପରମାତ୍ମା, ପ୍ରକୃତିର ଅନ୍ୟରୂପ ମାୟା ଭଳି ବ୍ୟବହାର (ଆଚରଣ) କରିଥା'ନ୍ତି । ମାୟା ପରମାତ୍ମାଙ୍କର ବ୍ୟତିରେକ ଆଚରଣ କରିବାକୁ ହେଉ କିମ୍ବା ପରମାତ୍ମା ମାର୍ଗକୁ ସୁଗମ କରିବାକୁ ହେଉ ଯେପରି ଯୋଗ୍ୟତା ହାସଲ୍ କରିଥାଏ, ସେହିଭଳି ଭଗବାନ ହୋଇ ଆସିଥିବା ପାତ୍ର ପ୍ରକୃତି ହୋଇଥିବା ମାୟା ଭଳି ଆଚରଣ କରୁଥାଇ, କେତେକଙ୍କୁ ମାର୍ଗଚ୍ୟୁତ କରିଥାନ୍ତି, କେତେକଙ୍କୁ ପରମାତ୍ମାଙ୍କ ଦିଗରେ ପଠାଇଥାନ୍ତି । ଭଗବାନଙ୍କୁ ଗୁରୁ ମଧ୍ୟ କୁହାଯାଏ । ଭଗବାନ ବା ଗୁରୁ ଭୂପୃଷ୍ଠକୁ ଆସିଲେ, ଜ୍ଞାନରେ ଆଶକ୍ତି ଥିବା ଲୋକମାନଙ୍କୁ ଗୁରୁ ଭଳି ଜଣାପଡନ୍ତି, ଆଉ ଆଶକ୍ତି ନଥିବା ଲୋକମାନଙ୍କୁ ମାୟାଭଳି ଦେଖାଯାଇ ପରମାତ୍ମାମାର୍ଗରୁ ସେମାନଙ୍କୁ ବିଚ୍ୟୁତ କରିଥାନ୍ତି । ପରମାତ୍ମା ତାଙ୍କ ପ୍ରକୃତି ଦ୍ୱାରା ତିଆରି ହେଉଥିବା ଦେହକୁ ଅଧିଷ୍ଠାନ କରି, ମାୟାର ଗୁଣଭାବ ଯୁକ୍ତହୋଇ ଭଗବାନ ଭାବରେ ଜନ୍ମ ହୋଇଥାନ୍ତି । ଭଗବାନ ଦୈବାଂଶ ହୋଇଥିବାରୁ ସେ ଦୈବଜ୍ଞାନକୁ ଜଣାଇଥା'ନ୍ତି । ସେହିଭଳି ଭଗବାନ ପ୍ରକୃତି ସ୍ଥାନକୁ ଅଧିଷ୍ଠାନ କରି ପ୍ରକୃତି ପାତ୍ର ପୋଷଣ କରୁଥିବାରୁ ମାୟା ଭାବରେ ଦୈବଜ୍ଞାନରୁ ବିଚ୍ୟୁତ ମଧ୍ୟ କରିଥା'ନ୍ତି ।

ଭଗବାନ (ଗୁରୁ) ଜଣାଉଥିବା ଜ୍ଞାନ ମଣିଷ ବୁଝି ପାରେ କିମ୍ବା ବୁଝି ନପାରେ । ବୁଝି ପାରିଲେ ତାହା ଦୈବଜ୍ଞାନ ବୋଲି ଜାଣି ପରମାତ୍ମାଙ୍କର ନିକଟ ହୋଇଥାଏ । ବୁଝି ନପାରିଲେ ତାହା ଅଜ୍ଞାନ ଭାବି ପଥଚ୍ୟୁତ ହୋଇଥାଏ, ଅର୍ଥାତ୍ ମାୟାମାର୍ଗରେ ଗତିକରେ । ଏହି ଅନୁସାରେ ଗୁରୁ (ଭଗବାନ) ମାୟା ସ୍ଥାନରେ ରହି ଦୈବମାର୍ଗ ପାଇଁ, ମାୟାମାର୍ଗ ପାଇଁ ଭୂପୃଷ୍ଠରେ ଅବତାର ଗ୍ରହଣ କରିଥା'ନ୍ତି । ସେଥିଲାଗି ଭଗବତ୍‌ଗୀତାର ଜ୍ଞାନଯୋଗରେ ଥିବା ଷଷ୍ଠତମ ଶ୍ଳୋକରେ "ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା" ଅର୍ଥାତ୍ ମୋ' ପ୍ରକୃତିକୁ ଅଧିଷ୍ଠାନ କରି ମାୟା ତରଫରୁ ମୋ' ଆତ୍ମା ଜନ୍ମହେଉଛି ବୋଲି କହିଛନ୍ତି । ପରମାତ୍ମା ଭଗବାନ ହୋଇ ଜନ୍ମହେଲେ ମଧ୍ୟ, ପରମାତ୍ମା ଜ୍ଞାନ କହିବା ତାଙ୍କର କର୍ତ୍ତବ୍ୟ ହେଲେ ମଧ୍ୟ, ସେ ପ୍ରକୃତି ତରଫରୁ ମାୟା ଭଳି ଆସିଥା'ନ୍ତି ବୋଲି ଜଣାଯାଉଛି । ସେଥିଲାଗି ସେ ଗୋଟିଏ ଜ୍ଞାନ କହୁଥିଲେ ମଧ୍ୟ ତାହା ପରମାତ୍ମା ମାର୍ଗରେ କିମ୍ବା ମାୟା ମାର୍ଗରେ ମଣିଷକୁ ନେଇପାରେ । ଏହି ବିଷୟ ଭଲଭାବରେ ବୁଝିବା ପାଇଁ ଏକ ଉଦାହରଣ ଦେଖିବା । ଦେଖାଯାଉଥିବା ଶରୀରର ମାତା (ମା') କେବଳ ଶରୀରର ପିତାଙ୍କ ବାବଦରେ କହିପାରିଥାଏ, ମାତା ଛଡା ଆଉକେହି ଶରୀରର ପିତାଙ୍କ ବାବଦରେ କହି ପାରିନଥା'ନ୍ତି ବୋଲି ଆଗରୁ ମଧ୍ୟ ଜାଣିଥିଲେ । ଏଭଳି ଗୋଟିଏ ମାଆର ତିନିଜଣ ସନ୍ତାନ ଥିଲେ । ସେମାନେ କିଛିବର୍ଷ ବ୍ୟବଧାନରେ ଜନ୍ମ ହୋଇଥିଲେ । ସେହି ପୁଅମାନେ ଜନ୍ମହେବା ପରେ ସେମାନଙ୍କ ପିତା କୌଣସି ବ୍ୟାପାର ପାଇଁ ବିଦେଶକୁ ଚାଲିଗଲେ, ତାଙ୍କୁ ସେଠାରୁ ଫେରିବାକୁ ୧୨ବର୍ଷ ଲାଗିଲା । ନିଜର ସ୍ୱାମୀ ଆସିବା ବେଳକୁ ସାନପୁଅକୁ ୧୩ ବର୍ଷ, ମଝିଆଁପୁଅକୁ ୧୬ ବର୍ଷ, ବଡପୁଅକୁ ୧୮ ବର୍ଷ ହୋଇଯାଇଥିଲା, ସେମାନେ ଛୋଟ ଥିବାବେଳେ ସେମାନଙ୍କ ବାପା (ପିତା) ବିଦେଶକୁ ଚାଲିଯାଇଥିବାରୁ ସେମାନଙ୍କୁ ସେମାନଙ୍କ ପିତା କିଏ ଜଣା ନଥିଲା, ଯେତେବେଳେ ସେମାନଙ୍କ ପିତା ବିଦେଶରୁ ଫେରିଲେ ସେମାନଙ୍କ

ମାତା ହିଁ ସେମାନଙ୍କ ପିତାଙ୍କ ବାବଦରେ କହିବାକୁ ପଡିଲା । ତା'ସନ୍ତାନର ପିତା କିଏ ତାହା କେବଳ ମାତାକୁ ଜଣାଥିବାରୁ, ଇଏ ହିଁ ତୁମମାନଙ୍କର ପିତା ବୋଲି ମାତାକୁ ଚିହ୍ନାଇବାକୁ ହେଲା, ସେହି ଚେଷ୍ଟାରେ ମାତା ଏକ ଭାବଯୁକ୍ତ, ଏକ ଅର୍ଥଯୁକ୍ତ ବିଷୟ ସମସ୍ତଙ୍କୁ ସମାନ ଭାବରେ କହିଥିଲା, କିନ୍ତୁ ସେମାନେ ସମସ୍ତେ ଗୋଟିଏ ସମୟରେ ଗୋଟିଏ ସ୍ଥାନରେ ନଥାଇ ନିଜ ନିଜ କାମଧନ୍ଦାରେ ଭିନ୍ନ ଭିନ୍ନ ସ୍ଥାନରେ ଥିବାରୁ ସମସ୍ତଙ୍କୁ ଏକକାଳୀନ କହିବା ସମ୍ଭବ ହୋଇନଥିଲା । ଭିନ୍ନ ଭିନ୍ନ ସମୟରେ ସେମାନଙ୍କ କାମଧନ୍ଦାରୁ ଘରକୁ ଫେରୁଥିବାରୁ, ସେମାନଙ୍କୁ ସେମାନଙ୍କ ପିତା କିଏ ବୋଲି ସେହି ମାତାକୁ ଅଲଗା ଅଲଗା ସମୟରେ କହିବାକୁ ପଡିଲା ।

ପ୍ରଥମେ ରାତିରେ ଘରକୁ ଆସିଥିବା ବଡପୁଅକୁ ତା'ର ପିତାଙ୍କ ସହିତ ପରିଚୟ କରାଇଲା । ସେତେବେଳେ ସେ ପୁଅ ନିଦ ନିଶାରେ ଘରକୁ ଆସିଥିବାରୁ ମାଆ (ମାତା)ର କଥା ଶୁଣିଥିବା ସେ ପୁଅ "ଇଏ ହିଁ ତୋ'ର ବାପା (ପିତା)" ନାମକ ମାଆର ବାକ୍ୟଟିକୁ "ଇଏ ହିଁ ମୋର ପିତା' ବୋଲି ଶୁଣିଲା ଏବଂ ବୁଝିଲା । ଅର୍ଥାତ୍ ସେ ତୋ'ର ବଦଳରେ ମୋ'ର ଶୁଣିଥିଲା । ସେତେବେଳେ ସେ ଇଏ ମୋ'ପିତା ବୋଲି ତା'ର ମାଆ କହିଛି ଭାବି, ଇଏ ମୋ' ମାଆର ପିତା ଅର୍ଥାତ୍ ମୋର ଅଜା ବୋଲି ବୁଝିଥିଲା । ଦ୍ୱିତୀୟ ଦିନ ମଝିଆଁ ପୁଅ ସକାଳୁ ସକାଳୁ ଘରକୁ ଫେରିଲା । ସେତେବେଳେ ତା'ର ମାଆ ତା'କୁ ମଧ୍ୟ ତା'ର ପିତାଙ୍କ ପରିଚୟ କରାଇବାକୁ ଯାଇ "ଇଏ ତୋ'ର ଜନ୍ମଦାତା" କହିଲା । ମାଆ କହୁଥିବା କଥାକୁ ଶ୍ରଦ୍ଧାହୀନ ଭାବରେ ଶୁଣିଥିବା ମଝିଆଁପୁଅ ମାଆର କଥାକୁ ସଠିକ୍ ଶୁଣିନପାରି "ଇଏ ତୋର ଜନଦାଦା'' ବୋଲି ଶୁଣିଥିଲା, ଅର୍ଥାତ୍ ମୋ ମାଆ ଯାହାକୁ ପରିଚୟ କରାଉଛି ସେ ମୋ' ଜନଦାଦା (ଜନ ନାମକ ମୋର ଦାଦା) ବୋଲି ଭାବିଥିଲା । ସେହିଦିନ ସଂଧ୍ୟା ସମୟରେ ସଭା ସାନପୁଅ ମଧ୍ୟ ଘରକୁ ଫେରିଲା । ତା'କୁ ମଧ୍ୟ ସେହି ଗୋଟିଏ କଥା କହିବାକୁ ଯାଇ ନିଜ ସ୍ୱାମୀକୁ

ଅଙ୍ଗୁଳି ନିର୍ଦ୍ଦେଶ କରି "ସେ ହିଁ ମୋର ସ୍ୱାମୀ" କହିବା ବେଳେ, ମାଆର ସ୍ୱାମୀ ତା'ର କ'ଣ ହେବ ବୋଲି ସେ ଜାଣି ନଥିବାରୁ ନିଜ ପିତାକୁ ଆମର କେହି ବନ୍ଧୁବାନ୍ଧବ ବୋଲି ଭାବିଥିଲା । ଏହିଭଳି ତିନିପୁଅ ମାଆ କହିଥିବା ସତ୍ୟକୁ ବୁଝି ପାରିଲେ ନାହିଁ । ନିଜ ପିତାକୁ ଜଣେ ଅଜା, ଜଣେ ଦାଦା ଆଉ ଜଣେ ତାଙ୍କର କେହି ବନ୍ଧୁ ବୋଲି ବୁଝିଲେ । ସେମାନଙ୍କ ବାପାଙ୍କ ପରିଚୟ ସେମାନଙ୍କ ମାଆ ସଠିକ ଭାବରେ କହିଥିଲେ ମଧ୍ୟ ପିଲାମାନେ ସଠିକ୍ ବୁଝି ପାରିଲେ ନାହିଁ । ସେଦିନ ସେମାନଙ୍କ ମାଆ କୌଣସି ଭୟଙ୍କର ରୋଗରେ ହଠାତ୍ ପଡି ଡାକ୍ତରଖାନକୁ ଗଲା, ସେହି ରୋଗପାଇଁ ତା'କୁ ଏକମାସ ପର୍ଯ୍ୟନ୍ତ ସେହି ଡାକ୍ତରଖାନା ବେଡ୍‌ରେ ରହି ଚିକିତ୍ସା ହେବାକୁ ପଡିବ ବୋଲି ଡାକ୍ତର କହିଲେ । ଡାକ୍ତରଙ୍କ କଥା ଅନୁସାରେ ତା'କୁ ଡାକ୍ତରଖାନାରେ ହିଁ ରହିବାକୁ ପଡିଲା । ବନ୍ଧୁବାନ୍ଧବମାନେ ମଧ୍ୟ ଏ ଖବର ପାଇଲେ । ଭଉଣୀର ଦେହ ଭଲ ନାହିଁ ଶୁଣି ତା'ସାନଭାଇ ଡାକ୍ତରଖାନାକୁ ଆସି, ନିଜ ଭିଣୋଇଙ୍କୁ ଦେଖାକରି ଭଉଣୀର ଦେହ ଖରାପରେ ଦୁଖିତ ହୋଇ କିଛି ସମୟ ଡାକ୍ତରଖାନାରେ ରହି,ତାପରେ ପିଲାମାନେ କେଉଁଠି ଅଛନ୍ତି ବୋଲି ଭିଣୋଇଙ୍କୁ ପଚାରିଲେ, ଶେଷରେ ଭଣଜାମାନେ ଘରେ ଅଛନ୍ତି ଜାଣି, ଏତେ ଦୂର ତ ଆସିଛି, ଟିକିଏ ଭଣଜାମାନଙ୍କୁ ଦେଖାକରି ଚାଲିଯିବି ଭାବି ଭିଣୋଇର ଗାଆଁକୁ ଗଲେ, ସେଠାରେ ସେ ନିଜର ଭଣଜାମାନଙ୍କୁ ଦେଖି ଖୁସିହେଲେ ସିନା, ନିଜ ଭିଣୋଇଙ୍କୁ ସେମାନେ ସେମାନଙ୍କର ବାପା ବୋଲି ଏବେଯାଏଁ ଚିହ୍ନିପାରି ନାହାଁନ୍ତି ଜାଣିପାରି ଆଶ୍ଚର୍ଯ୍ୟ ହୋଇଗଲେ, ସେ ସେମାନଙ୍କର ମାମୁଁ ହୋଇଥିବାରୁ, ସେମାନଙ୍କ ମାଆ ତାଙ୍କର ନିଜଭଉଣୀ ତଥା ସେମାନଙ୍କ ବାପା ତାଙ୍କ ଭିଣୋଇ ହୋଇଥିବାରୁ, ଭଣଜାମାନେ ସଂପୂର୍ଣ୍ଣ ଭୂଲ୍ ବୁଝିଛନ୍ତି ବୋଲି ସତ୍ୟକୁ ସେ ବୁଝିପାରିଲେ ଏବଂ ସେମାନଙ୍କ ମନୋଭାବ ଦୂର କରିବାକୁ ଯାଇ ସେମାନଙ୍କୁ କହିଲେ ଯେ, ତୁମେମାନେ ଭୂଲ୍ ବୁଝିଛ,

ତୁମେମାନେ ଜନ୍ମହେବା  ଆଗରୁ ତୁମ ବାପାଙ୍କୁ ମୁଁ ଜାଣେ, ସେ ତୁମ ତିନିଜଣଙ୍କର ବାପା । ଏଭଳି ଅନେକ ଦିଗରୁ ବୁଝାଇ କହିବା ପରେ ସେମାନଙ୍କ ଭିତରୁ କେବଳ ସାନପୁଅ  ମାମୁଁ ଯାହା  କହିଛନ୍ତି  ତାହା ସତ୍ୟ ବୋଲି ସ୍ୱୀକାର କଲା । ବଡ ଆଉ ମଝିଆଁ ଦୁହେଁ ମାମୁଁଙ୍କ କଥା ସ୍ୱୀକାର ନକରି ଯୁକ୍ତି କରିଥିଲେ । ଆମ ମାଆ ଆମକୁ ଏମିତି କହିଛି ବୋଲି ଜଣେ କହିବା ବେଳେ,  ନାଇଁ ମାଆ ମୋତେ ଏମିତି କହିଛି ବୋଲି ଆଉଜଣେ ଯୁକ୍ତି କରୁଥିଲା । ଜଣେ ବାପାକୁ ଅଜା କହିଲେ ଆଉ ଜଣେ ବାପାକୁ ଦାଦା କହୁଥିଲା, ହେଲେ ସେମାନଙ୍କ ସଂଦେହ ସହଜରେ ଦୂର କରିବାକୁ ସେମାନଙ୍କ ମାଆ ସେଠାରେ ନଥିଲା । ସେମାନଙ୍କ ମାଆ ଡାକ୍ତରଖାନାରୁ ଘରକୁ ଫେରିଲେ ସେମାନଙ୍କ ସଂଦେହ ଦୂରହେବ ବୋଲି ସେମାନଙ୍କ ମାମୁଁ ଭାବିଥିଲେ,ହେଲେ ସେମାନଙ୍କ ମାଆ ଡାକ୍ତରଖାନରେ ମରିଗଲା । ନିଜର ପ୍ରାଣପ୍ରିୟା ସ୍ତ୍ରୀ ଚାଲିଗଲା ବୋଲି ଅତିଦୁଃଖରେ ସେମାନଙ୍କ ବାପା ମଧ୍ୟ ହୃଦ୍ଘାତରେ ସେହି ଡାକ୍ତରଖାନାରେ ମରିଗଲେ । ତିନିପୁଅ ସେମାନଙ୍କ ମାଆ ମରିଗଲା ବୋଲି ଦୁଃଖକଲେ ସିନା, ସେମାନଙ୍କ ଭିତରୁ ଜଣେ ମାଆ ସହିତ ବାପା ମଧ୍ୟ ମରିଗଲେ ବୋଲି ଭାବିଲା, ଆଉଜଣେ ମାଆ ସହିତ ଦାଦା ମଧ୍ୟ ମରିଗଲେ ବୋଲି ଭାବିଲା, ଆଉଜଣେ ମାଆ ଆଉ ଅଜା ଦୁଇଜଣଯାକ ଡାକ୍ତରଖାନାରେ ମରିଗଲେ ବୋଲି ଭାବିଲା, ତେଣୁ ସତକଥା କହିବାକୁ ମାଆ ଆଉ ନଥିବାରୁ ନିଜ ବାପାଙ୍କ ବାବଦରେ ଦୁଇପୁଅ ଅଜଣା ରହିଗଲେ, ସେମାନଙ୍କୁ ସତ୍ୟକଥା ଅସତ୍ୟ ବୋଧ ହୋଇଥିବାରୁ ଉଭୟ ସେମାନଙ୍କୁ ଆଗରୁ ବୁଝାପଡିଥିବା ଅସତ୍ୟକୁ ସତ୍ୟ ଭାବି, ତା'ପରେ ମଧ୍ୟ ଜାଣିଥିବା ସତ୍ୟକୁ ଅସତ୍ୟ ହିସାବ କରିଥିଲେ ।

ସେମାନଙ୍କ ମାମୁଁ ସେମାନଙ୍କୁ କେତେ ବୁଝାଇ କହିଲେ ମଧ୍ୟ ଜଣେ ନିଜ ବାପାକୁ ଅଜା ଭାବିଲେ ଆଉଜଣେ ଦାଦା ଭାବିଲା, ହେଲେ ସାନପୁଅ ନିଜ ବାପାଙ୍କୁ ବାପା ଭାବରେ ସ୍ୱୀକାର କରିଥିଲା, ସେମାନଙ୍କ

ପିତା ଆଉ ନଥିବାରୁ ଭବିଷ୍ୟତରେ ଭଣଜାମାନେ ବାପାସମ୍ପତ୍ତି ନେଇ କଳି କରିପାରନ୍ତି ବୋଲି ସେମାନଙ୍କ ମାମୁଁ ଭିଣୋଇର ଧନସମ୍ପତ୍ତି ସମାନ ସମାନ ଭାଗକରି ବାଂଟି ଭଣଜାମାନଙ୍କୁ ଦେଇଦେବେ ବୋଲି ଭାବିଲେ । ତିନି ଭଣଜାଙ୍କୁ ଏକ ନିୟମ ଅନୁସାରେ ଧନ ସମ୍ପତ୍ତି ବାଂଟିବେ ବୋଲି କହିଲେ । ସେହି ନିୟମ ଅନୁସାରେ ତାଙ୍କ ଭିଣୋଇଙ୍କୁ ଯିଏ ତା'ର ପିତା ବୋଲି ସ୍ୱୀକାର କରିବ ସେ ହିଁ ସମ୍ପତ୍ତି ପାଇବ । ଯିଏ ପିତାବୋଲି ସ୍ୱୀକାର ନକରିବ ତା'ର ସମ୍ପତ୍ତରେ ଭାଗ ନାହିଁ ବୋଲି ନିୟମ ରଖିଲେ । ସେତେବେଳେ ମଧ୍ୟ ଆମ ବିଶ୍ୱାସକୁ ଛାଡି ଆମେ ଅଲଗା କିଛି ସ୍ୱୀକାର କରିବୁ ନାହିଁ ବୋଲି ବଡ ଆଉ ମଝିଆଁ ଭଣଜା କହିଥିବାରୁ ସେମାନଙ୍କୁ ନିୟମ ଅନୁସାରେ ସମ୍ପତ୍ତିରୁ ଭାଗ ମିଳିଲା ନାହିଁ । ମାଆ ସ୍ୱାମୀ ବୋଲି କହିବାବେଳେ କିମ୍ବା ସେମାନଙ୍କ ମାମୁଁ ମଧ୍ୟ ବୁଝାଇ କହିବାବେଳେ, ଅନ୍ୟ ଦୁଇଜଣ ବିଶ୍ୱାସ କରିନଥିବାରୁ ସମସ୍ତ ଧନସମ୍ପତ୍ତି ସବୁ ସାନପୁଅର ହୋଇଗଲା । ନିଜ ପିତାଙ୍କୁ ପିତା ବୋଲି ସ୍ୱୀକାର କରିନଥିବାରୁ ବଡ ଆଉ ମଝିଆଁପୁଅକୁ କିଛି ମିଳିଲା ନାହିଁ । ଏହି କାହାଣୀକୁ ଅନୁଧ୍ୟାନ କଲେ ମାଆ କହିଥିବା ସତ୍ୟକୁ  ଦୁଇଜଣ ପୁଅ ଗ୍ରହଣ କରିନଥିବାରୁ ସେମାନଙ୍କୁ ବାପସମ୍ପତ୍ତି ମିଳିଲା ନାହିଁ ବୋଲି ବୁଝି ହେଉଛି । ଏହି ଉଦାହରଣ କାହାଣୀରେ ମାତାକୁ ପ୍ରକୃତି ଭାବରେ, ପିତାଙ୍କୁ ପରମାତ୍ମା ଭାବରେ ଆଉ ସେମାନଙ୍କ ପିଲାମାନଙ୍କୁ ଜୀବାତ୍ମା ହୋଇଥିବା ଆମମାନଙ୍କ ସହିତ ତୁଳନା କରିବାକୁ ହେବ । ସେମାନଙ୍କ ମାତା ପୁଅମାନଙ୍କୁ ଜଣେ ପିତାଙ୍କ ବିଷୟ କହିବା ଭଳି, ତିନି ମତଗ୍ରନ୍ଥ (ତିନି ଧର୍ମଗ୍ରନ୍ଥ)ରେ ଏକ ପରମାତ୍ମାଙ୍କ ବିଷୟ ରହିଛି ହେଲେ ତିନି ମତଗ୍ରନ୍ଥର ଉଦ୍ଦେଶ୍ୟ, ଭାବାର୍ଥ ଏକ ପରମାତ୍ମାଙ୍କ ବିଷୟ ଜଣାଉଥିଲେ ମଧ୍ୟ ତାହା ପ୍ରତ୍ୟେକଙ୍କୁ ଭିନ୍ନ ଭିନ୍ନ ଭାବରେ ବୁଝାପଡିଛି । ମୂଳ ଗ୍ରନ୍ଥଗୁଡିକ କହିବା ଭଳି ଜଣେ ପିତା (ପରମାତ୍ମା)ଙ୍କୁ ମଣିଷମାନେ ତିନିପ୍ରକାରର ବୁଝିଛନ୍ତି । ଜଣେ ଅଜା, ଜଣେ ଦାଦା, ଆଉଜଣେ ବନ୍ଧୁ

ଭାବିବା ଭଳି ଆଜି ତିନି ମତାବଲମ୍ବୀମାନେ ଜଣେ ପରମାତ୍ମାଙ୍କୁ ଭିନ୍ନ ଭିନ୍ନ ଭାବରେବୁଝି ଜଣେ ରାମ, ଜଣେ ଯହୋବା, ଆଉଜଣେ ଅଲ୍ଲାଃ କହୁଛନ୍ତି । ତିନିପୁଅ ଜଣେ ଅଜା, ଜଣେ ଦାଦା ଆଉଜଣେ ବନ୍ଧୁ ବୋଲି ଯାହାକୁ ଭାବିଛନ୍ତି ସେ ଜଣେବ୍ୟେକ୍ତି ବୋଲି ନଭାବିବା ଭଳି, ଆଜି ତିନି ସମାଜର ଲୋକମାନେ ତିନି ନାଆଁରେ ଯାହାଙ୍କୁ କୁହାଯାଉଛି ସେ ହିଁ ଜଣେ ବୋଲି, ପ୍ରକୃତିପରମାତ୍ମାଙ୍କୁ ଜାଣିଥିବା ମାମୁଁ ଭଳି ଯୋଗୀ କହିଲେ ମଧ୍ୟ, ମତ ଅନ୍ଧତାରେ ସମସ୍ତେ ପରମାତ୍ମା ଜଣେ ବୋଲି ସ୍ୱୀକାର କରିପାରୁ ନାହାନ୍ତି । ଯୋଗୀ ମାମୁଁଙ୍କ ଭଳି ତିନି ମତର ସମାନ ସମ୍ବନ୍ଧଯୁକ୍ତ ହୋଇ ସମସ୍ତଙ୍କର ମଙ୍ଗଳ କାମନା କରି **"ତୁମେମାନେ ଭ୍ରମିତ ହୋଇ ଠକେଇଯାଉଛ, ଯାହା ଜାଣିଛ ତାହା ସତ୍ୟ ନୁହେଁ, ମାଆର କଥାକୁ ତୁମେମାନେ ସଠିକ୍ ବୁଝି ନାହଁ କହିବା ଭଳି, ମୂଳ ଗ୍ରନ୍ଥଗୁଡିକର ବାକ୍ୟଗୁଡିକୁ ତୁମେମାନେ ଭଲରେ ବୁଝିନାହଁ"** କହିଲେ ମଧ୍ୟ କେହି ଜଣେ ଯୋଗୀଙ୍କ କଥା ଶୁଣୁନାହାନ୍ତି । ଯୋଗୀ ତୁମମାନଙ୍କ ଆଗରୁ  ପ୍ରକୃତି ପରମାତ୍ମାଙ୍କ ବିଷୟ ଜାଣନ୍ତି, ପରମାତ୍ମାଙ୍କ ସହିତ ସେ ସମ୍ବନ୍ଧୀତ, ତାଙ୍କୁ ତୁମମାନଙ୍କ ପିତା କିଏ ଭଲରେ ଜଣାଅଛି ବୋଲି କେହି ନଭାବି ହୀତବୋଧ କରୁଥିବା ଯୋଗୀଙ୍କୁ କେହି ହିସାବରେ ଆଣନ୍ତି ନାହିଁ । ଶେଷରେ ଆମ ଭଳି ଯୋଗୀ କହୁଥିବା ଜ୍ଞାନ ମତାତୀତ ଜ୍ଞାନ, ଏଥିରେ ସଂଦେହ ନାହିଁ ବୋଲି ଜାଣିଥିବା ବ୍ୟକ୍ତି ମତାତୀତ ହୋଇ ପ୍ରତ୍ୟେକ ମତର ଉପାସ୍ୟ ଏକୈକ ଦୈବ (ପରମାତ୍ମା, ଆଲ୍ଲାଃ ବା ଯହୋବା) ବୋଲି ଅଙ୍ଗୀକାର କରିପାରିବେ । ସେହି ପରମ ପିତା ପରମେଶ୍ୱର ପରମାତ୍ମା ଅନ୍ୟମାନଙ୍କର ମଧ୍ୟ ଉପାସ୍ୟ ବୋଲି ଜାଣିବା ଦ୍ୱାରା, ଦୈବିସମ୍ପତ୍ତି ମୋକ୍ଷ ପାଇ ପାରିବେ । ମାତା ଭଳି କହିଥିବା ମୂଳ ଗ୍ରନ୍ଥଗୁଡିକର ପ୍ରବକ୍ତାମାନଙ୍କ କଥାକୁ ଭୂଲ୍ ବୁଝିଥିବା ଲୋକମାନେ ସେମାନେ ଜାଣିଥିବା ଉପାସ୍ୟ ଅଲଗା, ଅନ୍ୟମାନଙ୍କ ଉପାସ୍ୟ ଅଲଗା ଭାବିବା ଦ୍ୱାରା, ଇତର ମତଗୁଡିକର ଉପାସ୍ୟଙ୍କୁ ନିଜର ଆଉ ନିଜ

ଉପାସ୍ୟ ମଧ୍ୟ ଅନ୍ୟମାନଙ୍କର ଉପାସ୍ୟ ବୋଲି ସ୍ୱୀକାର ନ କରିବା ଦ୍ୱାରା, ସେମାନଙ୍କୁ ମୋକ୍ଷ ବା ପରମପଦ କଦାପି ମିଳିବ ନାହିଁ ।

ଆଜି ଭୂପୃଷ୍ଠର ମଣିଷ ଜଣେ ପରମାତ୍ମାଙ୍କ ଦ୍ୱାରା ସୃଷ୍ଟି ହୋଇଥିଲେ ମଧ୍ୟ, ନାନା ମତରେ ବିଭାଜିତ ହୋଇ, ତୁମ ଉପାସ୍ୟ ଆମର ନୁହଁନ୍ତି, ଆମ ପରମେଶ୍ୱର ତୁମର ନୁହଁନ୍ତି ବୋଲି କହୁଛି । ଗୋଟିଏ ମତର ଉପାସ୍ୟଙ୍କୁ ଆଉଗୋଟିଏ ମତର ଲୋକମାନେ ଘୃଣାଚକ୍ଷୁରେ ଦେଖୁଛନ୍ତି । ୟହୋବାଙ୍କୁ ସ୍ୱୀକାର କରୁନଥିବା ମଣିଷ ଆଲ୍ଲାଃଙ୍କୁ ମୋର ଉପାସ୍ୟ ବୋଲି କହୁଛି । କେତେକ ଅଲ୍ଲାଃ ନୁହନ୍ତି, ରାମ ହିଁ ଆମର ଉପାସ୍ୟ ବୋଲି କହୁଛନ୍ତି । ଆଉ କେହି ନାଇଁ ନାଇଁ ସେ ଦୁଇଜଣ କିଛି ନୁହନ୍ତି, ୟହୋବା ହିଁ ପ୍ରକୃତ ଉପାସ୍ୟ ବୋଲି କହୁଛନ୍ତି । ଜଣେ ପିତା ତିନି ପୁଅଙ୍କୁ ଜଣେ ଅଜା, ଜଣେ ଦାଦା ଆଉ ଜଣେ ପିତା ବୋଧହେବା ଭଳି, ଏକୈକ ଉପାସ୍ୟ ପରମାତ୍ମା ସମସ୍ତଙ୍କୁ ଅଲଗା ଅଲଗା ନାଆଁରେ ଜଣାପଡୁଛନ୍ତି । ବାସ୍ତବରେ ତିନିପୁଅ କହୁଥିବା ତିନି ନାଆଁ ଯେମିତି ସେମାନଙ୍କ ବାପା ପାଇଁ କାର୍ଯ୍ୟ କରେ ନାହିଁ, ସେହିଭଳି ତିନି ମତର ଲୋକମାନେ ଯେଉଁ ଅଲଗା ଅଲଗା ନିୟମ ରଖିଛନ୍ତି ତାହା ପରମ ଉପାସ୍ୟ ପରମେଶ୍ୱରଙ୍କ ପାଇଁ କାର୍ଯ୍ୟ କରିବ ନାହିଁ, କାରଣ ! ତାଙ୍କର ରୂପ, ନାମ, କ୍ରିୟା ହିଁ ନାହିଁ । ସେଥିଲାଗି ପରମେଶ୍ୱରଙ୍କର ରୂପ, ନାମ, କ୍ରିୟା ନାହିଁ ବୋଲି କହନ୍ତି । ଏହି ସତ୍ୟକୁ ଜାଣିନଥିବା ଲୋକମାନେ କେତେକ ସେ ଅମୂକ ରୂପରେ ବୋଲି, କେତେକ ଅମୂକ ନାଆଁରେ ଅଛନ୍ତି ବୋଲି, କେତେକ ଅମୂକ କାର୍ଯ୍ୟ କରୁଛନ୍ତି ବୋଲି କହୁଛନ୍ତି, ସେମାନେ ଯାହା କହୁଛନ୍ତି ତାହା ସତ୍ୟ ନୁହେଁ, ତଥାପି ମତାବଲମ୍ବୀମାନେ ବାସ୍ତବ ସତ୍ୟକୁ ଜାଣି ନଥିବାରୁ ଜାଣିପାରୁ ନାହାନ୍ତି । ପ୍ରକୃତି ନିୟମ, ପରମାତ୍ମା ନିୟମ ଜାଣିଥିବା ଯୋଗୀ ମତାତୀତ ଜ୍ଞାନ କହିଲେ ମଧ୍ୟ ତାହା କେତେକ

ଗ୍ରହଣ କରିପାରୁ ନାହାନ୍ତି, ଯିଏ ଜାଣିପାରିଲା ସେ ସହଜରେ ମୋକ୍ଷ ପାଇ ପାରିବ ।

ଯାହା ଭୂପୃଷ୍ଠରେ ରହିଛି ତାହା ସବୁ ସୃଷ୍ଟି ହୋଇଛି । ଭୂମି, ଆକାଶ, ମଝିରେ ଥିବା ପବନ, ଅଗ୍ନି ଆଉ ଜଳକୁ ଆଧାର କରି ବଂଚୁଥିବା ଜୀବରାଶି, ବସ୍ତୁ, ବାହାନ ଇତ୍ୟାଦି ସବୁକିଛି ସୃଷ୍ଟି ହୋଇଛି । ସବୁକିଛିକୁ ସୃଷ୍ଟି କରିଥିବା ସୃଷ୍ଟିକର୍ତ୍ତା ଜଣେ ଅଛନ୍ତି । ସେ ହିଁ ସମସ୍ତଙ୍କର ଆରାଧ୍ୟ (ଉପାସ୍ୟ) ଈଶ୍ୱର । ସମସ୍ତେ ତାଙ୍କ ଦ୍ୱାରା ସୃଷ୍ଟ; ତଥାପି ସୃଷ୍ଟିକର୍ତ୍ତା କିପରି କାହାକୁ ମଧ୍ୟ ଜଣା ନାହିଁ । ଯେତେବେଳେ ଆମେ ତାଙ୍କ ଦ୍ୱାରା ସୃଷ୍ଟିହେଲେ, ସେତେବେଳେ ସେ ଆମ ସମସ୍ତଙ୍କର ପିତା ହୋଇଗଲେ । ତେଣୁ ତାଙ୍କୁ ଜଗଦ୍‌ପିତା କହିପାରିବା । ପିତା କହିଲେ ଯିଏ କାରଣ ଆଉ ମାତା କହିଲେ କାର୍ଯ୍ୟ । ସମସ୍ତଙ୍କର, ସବୁକିଛିର କାରଣ ଯିଏ ସେ ପ୍ରଥମେ ପ୍ରକୃତିକୁ ସୃଷ୍ଟିକରି, ତା'କୁ କାର୍ଯ୍ୟ କରି ସବୁକିଛିକୁ ସୃଷ୍ଟିକଲେ । ଜନ୍ମ ହୋଇଥିବା ସମସ୍ତଙ୍କ ପାଇଁ ଛୋଟବେଳୁ ପ୍ରକୃତି ପଂଚଭୂତ ଭାବରେ କାର୍ଯ୍ୟ କରି ଆସୁଛି । ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି ହୋଇଥିବା ପାଂଚଭାଗର ପ୍ରକୃତି ହିଁ ଜଗଦ୍‌ମାତା (ଜଗତମାତା)ବୋଲି କାହାକୁ ମଧ୍ୟ ଜଣା ନାହିଁ । ପ୍ରକୃତି ଦେଖାଯାଉଥିଲେ ମଧ୍ୟ, ତାହା ଆମ ଶରୀରରେ ଗୁଣରୂପୀ ମାୟା ଭାବରେ ରହି, ମଣିଷକୁ ପର୍ଯ୍ୟବେକ୍ଷଣ କରୁଥାଇ, ତା'ର ପତି ହୋଇଥିବା ପରମାତ୍ମାଙ୍କର ପ୍ରିୟଲୋକମାନଙ୍କୁ ତାଙ୍କ ଦିଗରେ ଯିବାକୁ ଦେଇ, ଅପ୍ରିୟ ମାନଙ୍କୁ ଦୈବମାର୍ଗରେ ରହିବାଭଳି ଭ୍ରମିତ କରାଇ, ନିଜ ମାୟାକୁ ଅତିକ୍ରମ କରି ନ ପାରିବା ଭଳି କରାଉଛି । ପ୍ରକୃତି ଜନ୍ମିତ ତ୍ରିଗୁଣିମାୟାକୁ ଦୈବଜ୍ଞାନ ରହିତ ମାନବ ଅତିକ୍ରମ କରିପାରେ ନାହିଁ । ମାୟାକୁ ଅତିକ୍ରମ କରିବା ଦୁଃସାଧ୍ୟ । ତେଣୁ ଜ୍ଞାନୀ ହୋଇଥିବା ବୀରବ୍ରହ୍ମ ତାଙ୍କ ତତ୍ତ୍ୱରେ ତ୍ରିଗୁଣିମାୟା ଉଦ୍ଦେଶ୍ୟରେ

ମୁଢ ଜନମାନେ ତିନି ଗୋହିରୀକୁ ଡେଇଁ ପାରିବେ ନାହିଁ ବୋଲି ତତ୍ତ୍ୱରେ କହିଛନ୍ତି ।

ତାମସ, ରାଜସ, ସାତ୍ତ୍ୱିକ ନାମକ ତିନିଗୁଣର ସମ୍ମେଳନ ହୋଇଥିବା ମାୟାକୁ ଜିତିବାକୁ ହେଲେ ବା ଅତିକ୍ରମ କରିବାକୁ ହେଲେ, ମଣିଷ ଦୈବଜ୍ଞାନ ଜାଣି ଦୈବଧର୍ମକୁ ସଂପୂର୍ଣ୍ଣ ଗ୍ରହଣ କରିବାକୁ ପଡିବ । ଦୈବଧର୍ମକୁ ସଠିକ ନଜାଣିଲେ, ଅନ୍ୟ ଭାବରେ ବୁଝିଲେ ଧର୍ମ ଅଧର୍ମ ଭାବରେ ବୁଝାପଡି ମାୟାକୁ ସୁଯୋଗ ଦେବାଭଳି ହେବ । ଦୈବଧର୍ମରୁ କୌଣସି ଗୋଟିଏ ଯଦି ସଠିକ୍ ବୁଝା ନପଡେ ତେବେ ମାୟା ଦୈବଦିଗରେ ଯିବାକୁ ନଦେଇ, ତାକୁ ଯାହା ଜଣା ଅଛି  ତାହା ହିଁ ଧର୍ମ ବୋଲି ବିଶ୍ୱାସ  ଅଣାଇ, ପରମାତ୍ମା ମାର୍ଗରୁ ବିଚ୍ୟୁତ କରିଦେବ । କୌଣସି ମଣିଷ ହେଉ, କେତେବଡ ଜ୍ଞାନୀ ଭାବରେ ନାଆଁ କମାଇଥାଉ, ସେ ଯଦି ଦୈବଧର୍ମକୁ ସଠିକ୍ ଜାଣି ନାହିଁ ତେବେ ମାୟା ତା'କୁ ତା'ଦ୍ୱାରରୁ ଭିତରକୁ ଛାଡିବ ନାହିଁ । ସେଥିଲାଗି ତାଙ୍କ(ପରମାତ୍ମା) ଧର୍ମକୁ ସମସ୍ତେ ଜାଣି ପାରିବା ଭଳି ପରମାତ୍ମା ସୃଷ୍ଟି ଆଦିରୁ କହିଦେଇଛନ୍ତି । ପରମାତ୍ମା ସୃଷ୍ଟିଆଦିରେ କହିଥିବା ତାଙ୍କ ଧର୍ମଗୁଡିକୁ ଜାଣିବା ମଣିଷର ଇଚ୍ଛା, ଅନିଚ୍ଛା ଉପରେ ନିର୍ଭର କରି ରହିଛି । ଦୈବଜ୍ଞାନ ଉପରେ ମଣିଷର ଯେତେ ଇଚ୍ଛା ବା ଶ୍ରଦ୍ଧା ରହିବ ସେ ତାହା ସେତେ ଗ୍ରହଣ କରିପାରିବ । ଏକଥା ଗୀତାର ଜ୍ଞାନ ଯୋଗ, ୩୯ତମ ଶ୍ଳୋକରେ "ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ" ବୋଲି କୁହାଯାଇଛି । ମଣିଷକୁ ତା'ର ଶ୍ରଦ୍ଧା ଅନୁସାରେ ଜ୍ଞାନ ମିଳିଥାଏ । ସେହିଭଳି ମଣିଷର କର୍ମ ଅନୁସାରେ ଦୁଃଖ-କଷ୍ଟ, ସୁଖ-ସନ୍ତୋଷ ମିଳିଥାଏ । **କର୍ମ ଅନୁସାରେ ପ୍ରାପଞ୍ଚିକ ପ୍ରାପ୍ତ ଅପ୍ରାପ୍ତ ଏବଂ ଶ୍ରଦ୍ଧା ଅନୁସାରେ ଧର୍ମ ଅଧର୍ମ ମିଳିଥାଏ ବୋଲି ଜଣାଯାଉଛି ।**

ମଣିଷ ପରମାତ୍ମାଙ୍କ ପାଖରେ ପହଂଚିବା ପାଇଁ ଆବଶ୍ୟକୀୟ ଧର୍ମଗୁଡିକୁ ପରମାତ୍ମା ସୃଷ୍ଟି ଆଦିରେ ଜଣାଇଥିଲେ ମଧ୍ୟ ମଣିଷର ଅଶ୍ରଦ୍ଧା

ଦ୍ୱାରା ତାହା କାଳକ୍ରମେ ଅଧର୍ମରେ ପରିଣତ ହୋଇଯାଇଛି । ଭକ୍ତି ଏବଂ ଆଧ୍ୟାତ୍ମିକ ନିୟମ ଅନୁସାରେ ମଣିଷ ଧର୍ମକୁ ଛାଡିଦେଇ ଅଧର୍ମକୁ ଜାବୁଡି ଧରିଛି । ଏଇଠାରେ କେତେକ ଏକ ପ୍ରଶ୍ନ ପଚାରି ପାରନ୍ତି । ତାହାହେଲା ! ପରମାତ୍ମା ଧର୍ମକୁ ଜଣାଇଛନ୍ତି, ହେଲେ ଅଧର୍ମକୁ କିଏ ଜଣାଇଲା ? ଏହାର ସମାଧାନ ହେଉଛି ! ପରମାତ୍ମା ଜଣାଇଦେଇଥିବା ଧର୍ମଗୁଡିକୁ ବୁଝିପାରିଲେ ତାହା ଧର୍ମ ହୋଇଥାଏ । ମଣିଷ ତା'ର ଅଶ୍ରଦ୍ଧା ଦ୍ୱାରା ବୁଝି ନପାରି ଅନ୍ୟ ଅର୍ଥରେ ବୁଝିଲେ ତାହା ଅଧର୍ମ ହୋଇଥାଏ । ଅଧର୍ମକୁ କେହି ସୃଷ୍ଟି କରି ନାହାନ୍ତି । ଧର୍ମରୁ ହିଁ ଅଧର୍ମ ଆସିଥାଏ । **ପରମାତ୍ମା କହି ଚାଲିଯିବା ପରେ ଧର୍ମ ବାବଦରେ ପୁଣି କେହି କହି ନପାରିବା ବେଳେ, ମଣିଷ ତା'ର ଅଶ୍ରଦ୍ଧା ଦ୍ୱାରା ଧର୍ମର ସଂପୂର୍ଣ୍ଣ ବିବରଣ ନଜାଣିବା ଦ୍ୱାରା ତାହା ଅଧର୍ମ ହୋଇଯାଏ** । ତା' ପରେ ବୋଧ କରୁଥିବା ବୋଧକମାନେ ହିଁ ଅଧର୍ମ ପ୍ରଚାର କରିଥା'ନ୍ତି । ସେତେବେଳେ ଧର୍ମରେ ଗ୍ଲାନି ଆସି ଅଧର୍ମ ଅଭିବୃଦ୍ଧି ହୋଇଥାଏ । ସେହି ସମୟରେ ପରମାତ୍ମା ପୁଣି ଆସି ଧର୍ମ କହି ଅଧର୍ମକୁ ଖଣ୍ଡନ କରିଥା'ନ୍ତି । ଧର୍ମ ବା ଦୈବଧର୍ମ ଅନୁସାରେ ପରମାତ୍ମା କାର୍ଯ୍ୟ କରନ୍ତି ନାହିଁ ବା ସେ କ୍ରିୟାରହିତ, ତେଣୁ ସ୍ୱୟଂ ପରମାତ୍ମା ମଣିଷକୁ ଧର୍ମ ବାବଦରେ କହିବା ଅସମ୍ଭବ । ତେବେ କିପରି ଅଧର୍ମ ଦୂର ହୋଇ ଧର୍ମ ପ୍ରତିଷ୍ଠା ହୁଏ ବୋଲି ପ୍ରଶ୍ନ ଆସିଥାଏ । ତାର ସମାଧାନ ନିମ୍ନମତେ ରହିଛି ।

ଯାହା ଅଧର୍ମ ଭାବରେ ବଦଳିଯାଇଛି ତାହା ପୁଣି ଧର୍ମ ଭାବରେ ବଦଳାଇବା ପାଇଁ, ପରମାତ୍ମା ଆଗରୁ ତିନିଗୋଟି ପ୍ରଣାଳୀକୁ ନିଶ୍ଚୟ କରି ରଖିଛନ୍ତି । ସୃଷ୍ଟିକୁ ତିଆରି କଲାବେଳେ ହିଁ ଏହି ତିନି ପଦ୍ଧତି ତିଆରି ହୋଇଛି । ପରମାତ୍ମାଙ୍କ ଧର୍ମସବୁ କଅଣ ତାହା ତାଙ୍କ ଛଡା କାହାକୁ ଜଣା ନାହିଁ, ତେଣୁ ଦୈବି ବିଧାନକୁ କୌଣସି ମଣିଷ କହିପାରିବ ନାହିଁ । ସବୁ ଜାଣିଥିବା ପରମାତ୍ମା ମଧ୍ୟ ତାହା କାହାକୁ କହିବେ ନାହିଁ । ଯଦି ମଣିଷ କହି ପାରିବ ନାହିଁ କି ପରମାତ୍ମା କହିବେ ନାହିଁ ତେବେ ମଣିଷ ଧର୍ମକୁ

ଜାଣିବ କିପରି ? ବୋଲି ସଂଦେହ ନଆସି ରହି ପାରିବ ନାହିଁ । ତା'ର ସମାଧାନରେ ପରମାତ୍ମା ଧର୍ମଗୁଡିକୁ ଜଣାଇବା ପାଇଁ ତିନିଗୋଟି ପ୍ରଣାଳୀ ରଖିଛନ୍ତି ବୋଲି କହିଥିଲେ । ସେହି ଅନୁସାରେ ଗୋଟିଏ ହେଲା ସେ ଭଗବାନ ହୋଇ ଆସିବେ,ଦ୍ୱିତୀୟରେ ସେ ପ୍ରବକ୍ତା ହୋଇ ଆସିବେ, ତୃତୀୟରେ ସେ ସାହାଯ୍ୟକାରୀ (ସତ୍ୟ ସ୍ୱରୂପୀ) ଭାବରେ ଆସିବେ ଏବଂ ସବୁଥର ଧର୍ମ ଜଣାଇବେ । ଏହିଭଳି ଲୁଚିଯାଇଥିବା ଧର୍ମକୁ ପୁଣି ଯଥା ସ୍ଥାନରେ ଆଣି ରଖିବା ପାଇଁ ଦୈବଅଂଶ ଏହି ତିନି ପ୍ରଣାଳୀ ଦ୍ୱାରା କାର୍ଯ୍ୟ କରିଥା'ନ୍ତି । ପରମାତ୍ମାଙ୍କର ହିସାବ ହୋଇପାରୁ ନଥିବା କୋଟି କୋଟି ଅଂଶରୁ ମାତ୍ର ଗୋଟିଏ ଅଂଶ ଭୂପୃଷ୍ଠକୁ ଆସି ଦୈବଧର୍ମ ଜଣାଇଥା'ନ୍ତି । ଥରେ ଭୂପୃଷ୍ଠରେ ଧର୍ମ ଯଥାସ୍ଥିତିକୁ ଆସିବାକୁ ହେଲେ ଦୈବାଂଶ ତିନିଥର ଜନ୍ମହୋଇ ଆସିବାକୁ ହୋଇଥାଏ । ପ୍ରବକ୍ତା, ଭଗବାନ ଏବଂ ସତ୍ୟସ୍ୱରୂପୀ ବା ସାହାଯ୍ୟକାରୀ ସାମାନ୍ୟ ମଣିଷ ନୁହନ୍ତି, ସେମାନେ ଦୈବ ଅଂଶରୁ ଜନ୍ମ ହୋଇଥା'ନ୍ତି । ଏପର୍ଯ୍ୟନ୍ତ ଆମକୁ ଜଣାଥିବା ସମାଚାର ଅନୁସାରେ ସର୍ବପ୍ରଥମେ ଭଗବାନ ଆସିଥିଲେ, ତାପରେ ପ୍ରବକ୍ତା ଆସିଥିଲେ, ଏବେ ସାହାଯ୍ୟକାରୀଙ୍କ ପାଳି । ଭଗବାନଙ୍କ ପରେ ତିନିହଜାର ବର୍ଷ ପରେ ପ୍ରବକ୍ତା ଆସିଥିବା ବେଳେ, ସାହାଯ୍ୟକାରୀ କେବେ ଆସିବେ କି ଆସିଛନ୍ତି କହିହେବ ନାହିଁ । ସାହାଯ୍ୟକାରୀ ଆସିବା ପରେ ସଂପୂର୍ଣ୍ଣ ଦୈବଧର୍ମ ମୁଣ୍ଡଟେକିବ । ଦୈବ ଅଂଶ ତିନିଥର, ତିନିଗୋଟି ସମୟରେ, ତିନିଜଣ ଅସାଧାରଣ ବ୍ୟକ୍ତିଙ୍କ ଦ୍ୱାରା ଭୂପୃଷ୍ଠକୁ ଆସିଥା'ନ୍ତି ବୋଲି ଜଣାଯାଉଛି ।

ପରମାତ୍ମା ଅଜନ୍ମା ହେଲେହେଁ ସେ ନ ହୋଇ ତାଙ୍କରି ଶକ୍ତିକୁ କୋଟିକୋଟି ଭାଗରେ ବିଭାଜନ କଲେ ସେଥିରୁ ମାତ୍ର ଗୋଟିଏ ଭାଗ (ଅଂଶ) ତିନିଗୋଟି ଭିନ୍ନ ସମୟରେ, ତିନିଗୋଟି ଭିନ୍ନ ଭିନ୍ନ ସ୍ଥାନରେ, ଅଲଗା ଅଲଗା ନାମରେ ଜନ୍ମ ହୋଇଥା'ନ୍ତି । ଏଭଳି ଭଗବାନ ଭାବରେ, ପ୍ରବକ୍ତା ଭାବରେ, ସାହାଯ୍ୟକାରୀ ଭାବରେ ଜନ୍ମ ହୋଇଥିବା ଦୈବ

ଅଂଶ ସଂପୂର୍ଣ୍ଣ ଧର୍ମର ପୁନଃ ସ୍ଥାପନା କରିଥା'ନ୍ତି । ଭଗବାନ, ପ୍ରବକ୍ତା, ସାହାଯ୍ୟକାରୀ ଆସିଲେ, ସେମାନେ ସାଧାରଣ ମଣିଷ ନହେଲେ ମଧ୍ୟ, ସମସ୍ତଙ୍କ ଭଳି ଜନ୍ମ ହୋଇ, ଶିଶୁ ଦଶାରୁ ବଢି ସାଧାରଣ ମଣିଷ ଭଳି ବଞ୍ଚିଥା'ନ୍ତି । ପ୍ରତି ଜନ୍ମରେ ମଧ୍ୟ ସେମାନଙ୍କର ମାତା ପିତା ଥାଆନ୍ତି । ଏହି ସନ୍ଦର୍ଭରେ ଆପଣମାନଙ୍କଠାରେ ନଆସିଲେ ମଧ୍ୟ ମୋ' ଭିତରେ ପ୍ରଶ୍ନଟିଏ ଆସୁଛି । ତାହା ହେଲା ! ସେମାନେ ତ ସାଧାରଣ ମଣିଷ ନୁହନ୍ତି ! ଦୈବାଂଶ ! ! ପରମାତ୍ମା ବା ଦୈବ ସମସ୍ତଙ୍କର ପିତା ହେବାବେଳେ ତାଙ୍କର ମଧ୍ୟ ପିତା ଥାଆନ୍ତି ! ! ! ସେହି ଦୈବାଂଶମାନଙ୍କ ପାଇଁ ସେହି ଦୈବଧର୍ମ କାର୍ଯ୍ୟ କରିବା ଉଚିତ୍ । ତେବେ ଜନ୍ମିତ ଭଗବାନ, ଜନ୍ମିତ ସାହାଯ୍ୟକାରୀ ଏବଂ ପ୍ରବକ୍ତାଙ୍କର କ'ଣ ଶରୀର ଥିବା ମାତାପିତା ଥାଆନ୍ତି ? ସେମାନେ ଶରୀର ଧାରଣ କରି ଏକ ଦମ୍ପତିଙ୍କଠାରୁ ଜନ୍ମ ହୁଅନ୍ତି , ତେଣୁ ସେମାନେ ତ ଏମାନଙ୍କର ମାତାପିତା ହେବେ ! ତେବେ କ'ଣ ଯିଏ ସମସ୍ତଙ୍କର ପିତା ତାଙ୍କର ମଧ୍ୟ ଆଉ କେହି ପିତା ଥାଆନ୍ତି ? ଏ ପ୍ରଶ୍ନ ମୋର ହୋଇଥିବା ବେଳେ, ସମାଧାନ କହିବା ପାତ୍ର ହେଉଛି ମୋର ଅତି ନିକଟରେ ଥିବା ଆତ୍ମା ଏବେ ସେ କ'ଣ କହୁଛି ଦେଖିବା ।

ପରମାତ୍ମା ହୁଅନ୍ତୁ, ତାଙ୍କ ଅଂଶ ହୁଅନ୍ତୁ  ଉଭୟ ଏକ ଧର୍ମଯୁକ୍ତ । ପରମାତ୍ମା ପରମାତ୍ମା ଭାବରେ ଥାଆନ୍ତୁ ବା ଏକ ଅଂଶ ହୋଇ ଥାଆନ୍ତୁ ସେ ତାଙ୍କର ଧର୍ମକୁ ହରାଇ ନଥା'ନ୍ତି । ପିତା କଦାପି ତା'ର ଧର୍ମ ହରାଇ ଅନ୍ୟ କାହାର ସନ୍ତାନ ହୋଇ ନଥାଏ । ସେଥିଲାଗି ଭଗବାନଙ୍କର, ପ୍ରବକ୍ତାଙ୍କର, ସାହାଯ୍ୟକାରୀଙ୍କର ଶରୀରପିତା ନଥା'ନ୍ତି । ସେମାନେ ଅନ୍ୟମାନଙ୍କ ଭଳି ପିତାବୀର୍ଯ୍ୟରୁ ଜନ୍ମ ହୋଇନଥା'ନ୍ତି । ତା'ଛଡା ମାତାଗର୍ଭରୁ ସମସ୍ତେ ନିର୍ଜୀବ ଭାବରେ ଜନ୍ମ ହେବା ଭଳି ସେମାନେ ଜନ୍ମ ହୋଇ ନଥା'ନ୍ତି । ସେମାନେ ଗର୍ଭରୁ ହିଁ ସଜୀବ ଭାବରେ ଜନ୍ମ ହୁଅନ୍ତି । ଭୂପୃଷ୍ଠର ଅନ୍ୟମାନେ ପିତାବୀର୍ଯ୍ୟରୁ, ମାତାର ଡିମ୍ବାଣୁରୁ ଜନ୍ମ ହୋଇଥା'ନ୍ତି । ହେଲେ ଦୈବଅଂଶ

ଜନ୍ମହେବା ବେଳେ ଶରୀରପିତାଙ୍କ ବୀର୍ଯ୍ୟ କିମ୍ବା ମାତାଙ୍କ ଡିମ୍ବାଣୁ ସହିତ ସମ୍ବନ୍ଧ ନରଖି ଜନ୍ମ ହୋଇଥା'ନ୍ତି । ଯିଏ ପିତାବୀର୍ଯ୍ୟରୁ ଜନ୍ମ ହୁଏନାହିଁ ତା'ର ପିତା ନାହିଁ । ଏଭଳି ଜନ୍ମ ହୋଇଥିବା ଦୈବାଂଶକୁ ଯଦି ତୁମ ପିତା କିଏ ? ବୋଲି ପଚରାଯାଏ ତେବେ ସେ ମଣିଷକୁ ତା'ର ପିତା ନକହି ମୋ' ପିତା ପରମାତ୍ମା ବା ପରମେଶ୍ୱର ବୋଲି କହିଥାଏ । ସେହି ଅନୁସାରେ ଜଣାଯାଏ ଯେ, ଭଗବାନ, ପ୍ରବକ୍ତା କିମ୍ବା ସତ୍ୟସ୍ୱରୂପୀ ବା ସାହାଯ୍ୟକାରୀଙ୍କର ସଶରୀର ମାତାପିତା ନାହାନ୍ତି, ସେମାନଙ୍କୁ ସ୍ୱୟମ୍ଭୁ କୁହାଯାଏ । ସ୍ୱୟଂଭୂ କହିଲେ ଯିଏ ସ୍ୱୟଂ ଜନ୍ମହୁଏ । ମାତାପିତା କେବଳ ସାଧାରଣ ମଣିଷର ଥାଆନ୍ତି ସିନା, ସେମାନଙ୍କର ନଥା'ନ୍ତି । ଅସାଧାରଣ ମଣିଷ ହୋଇଥିବା ଭଗବାନ, ସାହାଯ୍ୟକାରୀ, ପ୍ରବକ୍ତାମାନଙ୍କର ମାତାପିତା ନଥା'ନ୍ତି ବୋଲି ଜଣାଯାଉଛି । ସାଧାରଣ ମଣିଷର ଶରୀର ପାଇଁ ତାତ୍କାଳିକ ମାତାପିତା ରହିଥା'ନ୍ତି । ତେଣୁ ସମସ୍ତଙ୍କର ଶାଶ୍ୱତ ମାତାପିତା ପ୍ରକୃତି ପରମାତ୍ମା ବୋଲି ଜାଣିବା ଉଚିତ ।

ଏପର୍ଯ୍ୟନ୍ତ ଆମକୁ ଜଣାଥିବା ସମାଚାର ଅନୁସାରେ ଦ୍ୱାପରଯୁଗର ଶେଷଭାଗରେ ଭଗବାନ ଆଉ କଳିଯୁଗରେ ପ୍ରବକ୍ତା ଆସି ଚାଲିଯାଇଛନ୍ତି । ପ୍ରବକ୍ତାଙ୍କ ଜନ୍ମ ସ୍ୱାମୀନଥିବା କନ୍ୟାଗର୍ଭରୁ ହୋଇଥିଲା । ତେଣୁ ପ୍ରବକ୍ତା ପିତାବୀର୍ଯ୍ୟରୁ ଜନ୍ମ ହୋଇନଥିଲେ ବୋଲି ଜଣାଯାଉଛି । ଭଗବାନ ଶ୍ରୀକୃଷ୍ଣ ଜନ୍ମହେବା ବେଳେ ଦେବକୀ, ବସୁଦେବ ତାଙ୍କର ମାତାପିତା ଥିଲେ ବୋଲି କେହି ସନ୍ଦେହ କରି ପାରନ୍ତି । ତା'ଛଡା ଶ୍ରୀକୃଷ୍ଣ ପରା ସେମାନଙ୍କର ଅଷ୍ଟମ ସନ୍ତାନ ! ବୋଲି ମଧ୍ୟ ପଚାରି ପାରନ୍ତି । ଶ୍ରୀକୃଷ୍ଣ ଅଷ୍ଟମ ସନ୍ତାନ ହେଲେ ମଧ୍ୟ,ସେ ପିତାବୀର୍ଯ୍ୟରେ ନହୋଇ ସ୍ୱୟଂ ଜନ୍ମ ହୋଇଥିବା ଭଗବାନ । ସେହିଭଳି ରଜୋକଣା ତିଆରି ହେବାର ସାତଦିନ ପୂର୍ବରୁ ଦେବକୀ ଗର୍ଭଧାରଣ କରିଥିବା କଥା କାହାକୁ ଜଣା ନାହିଁ । ଶ୍ରୀକୃଷ୍ଣଙ୍କର ବୃଷଭ ଲଗ୍ନ ଜାତକ ଅନୁସାରେ ଦେବକୀଙ୍କର ମାସିକ ଋତୁଶ୍ରାବ ପରେ ସାତଦିନ, ସାତ

ଘଣ୍ଟାରୁ ଶ୍ରୀକୃଷ୍ଣଙ୍କ ଶରୀର ତିଆରି ହେବା ଆରମ୍ଭ ହେଲା । ମାତାର ଡିମ୍ବାଣୁ ୧୪ଦିନ ପରେ ତିଆରିହୁଏ କିନ୍ତୁ ତାହା ତିଆରିହେବା ଆଗରୁ ଶ୍ରୀକୃଷ୍ଣଙ୍କ ଜନ୍ମ ଆରମ୍ଭ ହେଲା । ସେଥିଲାଗି ଶ୍ରୀକୃଷ୍ଣଙ୍କର ମାତାପିତା ନାହାନ୍ତି ବୋଲି କହିପାରିବା । କୃଷ୍ଣ ଦେବକୀ ଦେବୀଙ୍କ ଗର୍ଭରୁ ଜନ୍ମ ହୋଇଥିଲେ ମଧ୍ୟ, ଜଗତ ଦୃଷ୍ଟିରେ ସେ ତାଙ୍କର ମାତା ହୋଇଥିଲେ ମଧ୍ୟ, କୃଷ୍ଣ ଦୈବଅଂଶରୁ ଜନ୍ମ ହୋଇଥିବାରୁ ତାଙ୍କର କେହି ମାତାପିତା ନାହାନ୍ତି । ସେହିଭଳି ଦୈବଧର୍ମ ଅନୁସାରେ ଶ୍ରୀକୃଷ୍ଣଙ୍କର ଆତ୍ମସମ୍ବନ୍ଧୀୟ ମାତାପିତା କେହି ନାହାନ୍ତି । ଧର୍ମକୁ ଅନୁସରଣ କରି ଦେଖିଲେ ସେ ହିଁ ସମସ୍ତଙ୍କର ମାତାପିତା ହୋଇଥାନ୍ତି । ପ୍ରବକ୍ତା, ସାହାଯ୍ୟକାରୀ ଏବଂ ଭଗବାନଙ୍କର ଦେଖିବାକୁ ଉପରେ ମାତା ପିତା ଥିଲେ ମଧ୍ୟ ବାସ୍ତବରେ ସେମାନଙ୍କର କେହି ମାତାପିତା ନାହାନ୍ତି । ସେହିଭଳି ଦୈବଜ୍ଞାନ ଅନୁସାରେ ଦେଖିଲେ ଆମ ସମସ୍ତଙ୍କର ପିତା ପରଲୋକରେ ଅଛନ୍ତି ବୋଲି ପ୍ରବକ୍ତା, ଭଗବାନ, ସାହାଯ୍ୟକାରୀମାନେ ଉପରଦେଖାଣିଆ କହିଥିଲେ ମଧ୍ୟ, ସେକଥା ଆମମାନଙ୍କ ପାଇଁ ଲାଗୁହେବ ସିନା ସେମାନଙ୍କ ପାଇଁ ନୁହେଁ । ବାସ୍ତବରେ ସୂତ୍ର ଅନୁସାରେ ସେମାନେ ଜଗତର ପିତା, ସେମାନଙ୍କର ଯେ କେହି ପିତା ଅଛନ୍ତି କହିବା ଅସତ୍ୟ ହେବ । ପ୍ରବକ୍ତା ଯଦିଓ କହିଛନ୍ତି ମୋର ପିତା ପରଲୋକରେ ଅଛନ୍ତି ତାହା କେବଳ ଆମମାନଙ୍କର ମାର୍ଗଦର୍ଶକତ୍ୱ ପାଇଁ ସିନା ଆଉକିଛି ନୁହେଁ । ସେଥିଲାଗି ଏକ ସନ୍ଦର୍ଭରେ ସେ ତୁମମାନଙ୍କର ପିତା ପରଲୋକରେ ଅଛନ୍ତି ବୋଲି ମଧ୍ୟ କହିଛନ୍ତି । ମୋଟାମୋଟି ଭାବରେ କହିବାକୁ ଗଲେ **ପରମାତ୍ମାଙ୍କର କିମ୍ବା ପରମାତ୍ମା ଅଂଶର ଶରୀର ଥିବା ମାତାପିତା କିମ୍ବା ଆତ୍ମସମ୍ବନ୍ଧୀୟ ମାତାପିତା ନଥା'ନ୍ତି ।**

ଭୂପୃଷ୍ଠରେ ମଣିଷକୁ ତା'ର ଦୁଇ ପ୍ରକାରର ମାତାପିତା ଥାଆନ୍ତି ବୋଲି ଜଣା ନାହିଁ । ଦୁଇ ପ୍ରକାରର ମାତାପିତା ଅଛନ୍ତି ବୋଲି ପାଞ୍ଚହଜାର ବର୍ଷ ତଳେ ଭଗବାନ ଶ୍ରୀକୃଷ୍ଣ ଭଗବଦ୍ଗୀତାରେ କହିଥିଲେ । ତା'ପରେ

ଦୁଇହଜାର ବର୍ଷ ପୂର୍ବେ ପ୍ରବକ୍ତାଭାବରେ ଆସିଥିବା ବ୍ୟକ୍ତି ବାଇବେଲ୍‌ରେ ମଧ୍ଯ କହିଥିଲେ । ଆଜିର କାଳରେ ଆମେ ମଧ୍ଯ ଅନେକ ଥର ଦୁଇ ପ୍ରକାରର ଥିବା ମାତାପିତାଙ୍କ ବାବଦରେ କହି ଆପଣ ପଢୁଥିବା "ମାତା ପିତା" ନାମକ ଗ୍ରନ୍ଥରେ ଲେଖୁଛୁ । ଆମେ ଏକଥା ଲେଖିବା ଛଡା ଆସୁଥିବା ସାହାଯ୍ୟକାରୀ ମଧ୍ଯ ଏଇକଥା କହିବେ ବୋଲି ଭାବୁଛୁ । ମାତାପିତା କିଏ ତାହା ପ୍ରତ୍ୟେକ ମଣିଷ ସମ୍ବନ୍ଧୀୟ ବିଷୟ । ସମସ୍ତେ ଏକଥା ଜାଣିବା ଉଚିତ୍ । ପ୍ରତ୍ୟେକ ମଣିଷ ତାର ଶରୀରର ମାତାପିତାଙ୍କୁ ତାର ମାତାପିତା କହିଥାଏ । ଏବେ ସତକଥା କହିଲେ,ମଣିଷ ତାର ଆରମ୍ଭରୁ ଥିବା ମାତାପିତାଙ୍କ କଥା ଭୂଲିଯାଇଛି । ପ୍ରକୃତ ମାତାପିତାଙ୍କ ବାବଦରେ ଜାଣିବା ହିଁ ବାସ୍ତବ ଆଧ୍ଯାତ୍ମିକ । ଆଧ୍ଯାତ୍ମିକ କୁହ କି ଜ୍ଞାନ କୁହ ତାହା କେବଳ ଶାଶ୍ୱତ ମାତାପିତାଙ୍କ ବାବଦରେ ଜଣାଇଥାଏ । ଦେଖାଯାଉଥିବା ମାତାପିତାଙ୍କ ବାବଦରେ ସମସ୍ତଙ୍କୁ ଜଣାଥାଏ, ହେଲେ ଦେଖାଯାଉ ନଥିବା ମାତାପିତାଙ୍କ ବାବଦରେ ବହୁଶା କାହାକୁ ଜଣା ନାହିଁ । **ଜଣା ନଥିବା ମାତାପିତାଙ୍କୁ ଜାଣିବାରେ ଜୀବନ ସାଫଲ୍ୟ ହୋଇଥାଏ ।**

ମାତା କହିଲେ କାର୍ଯ୍ୟ, ପିତା କହିଲେ କାରଣ ବୋଲି ଏପର୍ଯ୍ୟନ୍ତ ଜାଣିଲେ । ସେହିଭଳି ଜନନୀ କହିଲେ ଯିଏ ଜନ୍ମଦିଏ, ଜନକ କହିଲେ ଯିଏ ଜନ୍ମ କରାଏ । **ମାତା** କହିଲେ ଯିଏ ପୋଷେ, **ପିତା** କହିଲେ ଯିଏ ପୋଷିବା ଭଳି କରାଏ । ଏହିଭଳି ମାତାପିତା କୁହ, ଜନକଜନନୀ କୁହ ତାହା ଆତ୍ମା ସମ୍ବନ୍ଧୀୟ ଅର୍ଥ ଦେଇଥାଏ । ଶରୀର ସମ୍ବନ୍ଧୀୟ ଅର୍ଥ ଏଥିରେ ନଥାଏ ହେଲେ ଆଜିଯାଏଁ ଆମ ପୁରାଣରେ କହିବା ଭଳି ହେଉ କି କେତେକ ସ୍ୱାମିଜୀମାନେ କହିବା ଭଳି ହେଉ କିମ୍ବା ଦେବତାମାନଙ୍କ କାହାଣୀରେ ହେଉ ଅଧିକାଂଶ ଶରୀର ସମ୍ବନ୍ଧୀୟ ପ୍ରସ୍ତାବ ଆଗତ ହୋଇଯାଇଛି । ଏକ ମଣିଷ ଜନ୍ମ ହେବା ପାଇଁ କାର୍ଯ୍ୟ, କାରଣ ହୋଇଥିବା ମାତାପିତା ପ୍ରକୃତି ପରମାତ୍ମାଙ୍କ ବାବଦରେ କେଉଁଠାରେ ମଧ୍ଯ ନାହିଁ । ସେଥିଲାଗି ସମସ୍ତଙ୍କୁ

ଶରୀର ସମ୍ବନ୍ଧୀୟ ମାତାପିତାଙ୍କ ବାବଦରେ ଜଣାଅଛି ସିନା, ଆତ୍ମ ସମ୍ବନ୍ଧୀୟ ମାତାପିତାଙ୍କ ବାବଦରେ କାହାକୁ ଜଣା ନାହିଁ । **ଆମ ପୁରାଣଗୁଡିକ ଶରୀର ସମ୍ବନ୍ଧୀୟ ମାତାପିତାଙ୍କ ଉପରେ ଭକ୍ତି ଜାତ କରାଇବା ଛଡା, ଆମକୁ ଜଣା ନଥିବା ପ୍ରକୃତି ପରମାତ୍ମାଙ୍କ ଉପରେ ଭକ୍ତିଜାତ କରାଇ ନାହିଁ । ଏବେ ପୁରାଣର, ବେଦର ଅତୀତ ହୋଇ ରହିଥିବା ଜ୍ଞାନରେ ଶାଶ୍ୱତ ମାତାପିତାଙ୍କ ବାବଦରେ ଜାଣିବାକୁ ଆମେ ଚେଷ୍ଟା କରିବା ।** ସର୍ବଜଗତକୁ ରୂପ(ଆକାର) ଦେଇଥିବା ପ୍ରକୃତିମାତାକୁ, ସର୍ବ ଜଗତ ସୃଷ୍ଟିର କାରଣ ହୋଇଥିବା ଜଗଦ୍‌ପିତାଙ୍କୁ ଜାଣିବା ଦ୍ୱାରା ଆମର ଲାଭ କଅଣ ? ବୋଲି ଦେଖିଲେ; ତା'ଦ୍ୱାରା ଆମର ଅପାର ଲାଭ ହୋଇଥାଏ ବୋଲି କହି ପାରିବା । ସେହିଭଳି ଶରୀର ଥିବା ମାତାପିତାଙ୍କ ଦ୍ୱାରା ଆମକୁ କ'ଣ ମିଳୁଛି ତାହା ଆଉଟିକିଏ ବିବରଣାତ୍ମକ ଜାଣିବା ।

ଶରୀର ଧାରଣ କରି ଜନ୍ମ ହେବାବେଳେ ପ୍ରଥମେ କ୍ଷୀର (ଦୁଗ୍ଧ) ରୂପରେ ଆହାର ଦେଇଥାଏ ମା', ତେଣୁ ସମସ୍ତଙ୍କୁ ପ୍ରଥମେ ଜଣାପଡେ ମା' ବା ମାତା । ଶିଶୁଦଶାରେ ପିତା କିଏ କାହାକୁ ଜଣା ନଥାଏ, ସେହି ଦଶାରେ ଶିଶୁର ଅତି ସନ୍ନିହିତ ଭାବରେ ରହିଥାଏ ମାତା ବା ମାଆ । ମା' ବ୍ୟତୀତ ଆଉ କାହାକୁ ଜାଣି ନଥିବା ସ୍ଥିତିରୁ ଟିକିଏ ବଡ ହେବା ପରେ ଅନ୍ୟ କେତେକ ପରିଚିତ ହେଲେହେଁ ସେତେବେଳେ ମଧ୍ୟ ମୋର ପିତା କିଏ ଜଣାନଥାଏ । ଶିଶୁଦଶାରୁ ବାଲ୍ୟଦଶାକୁ ଆସିବା ବେଳେ ଅମୂକ ମୋର ପିତା ବୋଲି ଜଣାଯାଏ । ଏହିଭଳି ଛୋଟ ବୟସରେ ପ୍ରଥମେ ମାତା ତା'ପରେ ପିତା ଜଣା ପଡିଥା'ନ୍ତି । ଛୋଟ ବୟସରେ ମାତାର ସନ୍ନିହିତ (ଅତି ଆପଣାର) ହୋଇ ରହିଥିବା ମଣିଷ ତା'ର ଯୁକ୍ତ ବୟସରେ ପିତାକୁ ଅଧିକ ପ୍ରାଧାନ୍ୟ ଦେଇଥାଏ । ତିରିଶି କିମ୍ବା ଚାଳିଶି ବର୍ଷ ହୋଇଯିବା ବେଳେ ସଂପୂର୍ଣ୍ଣ ମାତାକୁ ଛାଡି ପିତାର ନିକଟ ହୋଇଥାଏ । ଛୋଟ ବେଳର ସମସ୍ତ ଭାର ମାତା ବହନ କରିଥିବା ବେଳେ ସେ ପିତାଠାରୁ

ଦୂରରେ ଥାଏ, ବଡହେଲେ ମାତାଠାରୁ ଦୂରରେ ରହି ପିତାର ନିକଟ ହୋଇଥାଏ । ଏହା ସାଧାରଣ କଥା । ମଣିଷ ଜୀବନରେ ପ୍ରଥମେ ମାତା, ପରେ ପିତାର ପ୍ରାଧାନ୍ୟତା ଥିଲେ ମଧ୍ୟ, କେତେକ ସେମାନଙ୍କ ଜୀବନରେ ପିତା ଅପେକ୍ଷା ମାତାକୁ ଅଧିକ ପ୍ରାଧାନ୍ୟ ଦେଉଥିବା ଦେଖାଯାଏ । ଯିଏ ଯେଉଁଭଳି  ଦେଖିଲେ ମଧ୍ୟ ସେମାନେ ସେମାନଙ୍କ ଶରୀରର ମାତା ପିତାଙ୍କୁ ଜାଣିଥା'ନ୍ତି ବୋଲି କହି ପାରିବା । ଶରୀରର ମାତାପିତାଙ୍କୁ ଆଦର କରି ସେମାନଙ୍କୁ ପୋଷିଲେ ନିଶ୍ଚୟ ପୁଣ୍ୟ ଫଳ ମିଳିଥାଏ । ସେହିଭଳି ସେମାନଙ୍କୁ ଅନାଦରକଲେ ପାପ ଫଳ ମିଳିଥାଏ । ଏହିଭଳି ଭୌତିକ ମାତାପିତାଙ୍କ ଉପରେ ମଣିଷର ଆଚରଣ ନେଇ ପାପପୁଣ୍ୟ ମିଳିଥାଏ । ଏହି ପାପପୁଣ୍ୟକୁ ମିଶାଇ କର୍ମ କହୁଛୁ । ମଣିଷ ସମ୍ବନ୍ଧିୟ କୌଣସି କର୍ମକୁ ମଣିଷ ଅନୁଭବ କରିଥାଏ । ଏଭଳି ଗୋଟିଏ ଜନ୍ମରେ କରିଥିବା କର୍ମକୁ ଆଉ ଗୋଟିଏ ଜନ୍ମରେ ଅନୁଭବ କରିବାକୁ ହୋଇଥାଏ । କର୍ମକୁ ଅନୁଭବ କରିବା ପାଇଁ ଜନ୍ମ ମିଳିଥାଏ । ମୋଟାମୋଟି ଭାବରେ ଭୌତିକ ମାତାପିତା ଙ୍କ ଦ୍ୱାରା ପାପପୁଣ୍ୟ ଆସିବା, ତାହା ଅନୁଭବ କରିବା ପାଇଁ ଜନ୍ମହେବା ଘଟିଥାଏ । ଶରୀର ସମ୍ବନ୍ଧୀୟ ମାତାପିତାଙ୍କ ଦ୍ୱାରା ଜନ୍ମ ମରଣ ଚକ୍ରରୁ ମଣିଷ ବାହାରି ପାରିନଥାଏ । **ଭୌତିକ ମାତାପିତାଙ୍କ ଦ୍ୱାରା ସଜନ୍ମ ନଷ୍ଟ ମିଳିଥାଏ ସିନା ଜନ୍ମରହିତ ଲାଭ ମିଳି ନଥାଏ ।**

ଆତ୍ମା ସମ୍ବନ୍ଧୀୟ ମାତାପିତା ପ୍ରକୃତିପରମାତ୍ମାଙ୍କୁ ମଣିଷ ତା' ଜୀବନରେ କେତେଦୂର ଜାଣିଛି ବୋଲି ବିଚାର କଲେ, ମଣିଷ ଜନ୍ମହେବାଠାରୁ ମୃତ୍ୟୁବରଣ କରିବା ପର୍ଯ୍ୟନ୍ତ ଏହି ପ୍ରକୃତି ତାକୁ  ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି ଭାବରେ ଜଣାପଡୁଛି, ସେହି  ଆକାଶ, ବାୟୁ, ଅଗ୍ନି,  ଜଳ, ଭୂମି ମଧ୍ୟ ଆମ ଶରୀରରେ ରହିଛି । ସେଗୁଡିକ ଦ୍ୱାରା ଆମ ଶରୀର ତିଆରି ହୋଇଛି ବୋଲି ଅନେକଙ୍କୁ ଜଣା ନାହିଁ । ପଞ୍ଚଭୂତର ପ୍ରକୃତି ଦ୍ୱାରା ଶରୀର ତିଆରି ହୋଇ ଏକ ଆକାର ଧାରଣ କରିଛି । ସେହି ଆକାର

ଯିଏ ତିଆରି କରିଥାଏ ସେ ହିଁ ମାତା । ଏହିଭଳି ପ୍ରକୃତି ସମସ୍ତଙ୍କର ମାତା ବୋଲି ଅବୁଝା ନରହି ଜଣାପଡ଼ିଯାଉଛି । ଛୋଟବେଳେ ମଣିଷ ଭୌତିକ ମାତାର ନିକଟ ହେବା ଭଳି, ପ୍ରତି ମଣିଷ ତା'ର ଅଜାଣତରେ ପ୍ରକୃତିର ଅତି ନିକଟହୋଇ ରହିଛି । ଦେଖାଯିବା, ଶୁଣାଯିବା ଇତ୍ୟାଦି ବିଷୟଗୁଡ଼ିକ ଇନ୍ଦ୍ରିୟଗୁଡ଼ିକୁ ଜଣାଯାଇଥାଏ ତାହା ପ୍ରକୃତିର ହେବାବେଳେ, ପ୍ରତି ମଣିଷ ପ୍ରକୃତିର ଅତି ନିକଟ ବୋଲି ଜାଣିବାରେ ଅବିଶ୍ୱାସ ରହୁନାହିଁ, ତାହା ଅତି ସହଜରେ ଜଣାପଡୁଛି; ତଥାପି ମଣିଷକୁ ଯିଏ ଶରୀର ଦେଇଛି ସେ କିଏ ତାହା କାହାକୁ ଜଣାନାହିଁ । ଜଣେ ମଣିଷ ବଢ଼ି ବଡହେବା ପରେ ଭୌତିକ ମାତା ଅପେକ୍ଷା ଭୌତିକ ପିତାକୁ ଅଧିକ ପ୍ରାଧାନ୍ୟ ଦେବା ଭଳି, ମଣିଷ ତା' ଜୀବନରେ ବୟସ ବଢ଼ିବା ପରେ ମଧ୍ୟ ତା'ର ପିତା ପରମାତ୍ମାଙ୍କୁ ନ ଜାଣିବା ଦ୍ୱାରା ପରମାତ୍ମାଙ୍କୁ ପ୍ରାଧାନ୍ୟ ଦେଉ ନାହିଁ । ସେ ବାର୍ଦ୍ଧକ୍ୟ ଦଶାରେ ମଧ୍ୟ ପ୍ରକୃତି ପରମାତ୍ମାଙ୍କୁ ଜାଣି ପାରୁନାହିଁ । ଏଭଳି ଭୂପୃଷ୍ଠରେ ମଣିଷ ବୋଲାଉଥିବା ଶତକଡା୯୦ ଭାଗ ଜୀବାତ୍ମା, ତା'ର ମାତା କିଏ ପିତା କିଏ ଜାଣି ନପାରିବା ସ୍ଥିତିରେ ଅଛନ୍ତି । ସେହି ଶାଶ୍ୱତ, ସତ୍ୟ ମାତା ପିତାଙ୍କୁ ଜାଣିବାକୁ ହେଲେ,ସେମାନଙ୍କ ସମ୍ବନ୍ଧୀୟ ତଥ୍ୟ ମଣିଷ ଜାଣିବା ଦରକାର,ସେହି ସମାଚରକୁ ଦୈବଜ୍ଞାନ କହୁଛୁ,ଐଶ୍ୱରୀୟଜ୍ଞାନ କହୁଛୁ । **ଭୂପୃଷ୍ଠରେ ଦୈବଜ୍ଞାନ ଜାଣିନଥିବା କୌଣସି ମଣିଷ, ତା'ର ଶାଶ୍ୱତ ମାତାପିତାଙ୍କୁ ଜାଣିପାରେ ନାହିଁ ।** ଆଜିର ସମାଜରେ ଦୈବଜ୍ଞାନ କହିଲେ ତାକୁ ହୀନ ଦୃଷ୍ଟିରେ ଦେଖୁଥିବା ମଣିଷ ଅନେକ ଅଛନ୍ତି । ଦୈବଜ୍ଞାନ ଜଣାଥିବା ଲୋକମାନେ ସେମାନଙ୍କୁ ଘୃଣା ଲାଗନ୍ତି । ଏଭଳି ସମାଜରେ କାହାର ଦୈବଜ୍ଞାନ ଉପରେ ଶ୍ରଦ୍ଧା ନାହିଁ । ସେଥିଲାଗି ଦୈବଜ୍ଞାନ କହିଲେ କଣ, ମାୟାର ପ୍ରଭାବ କଅଣ କାହାକୁ ଜଣା ନାହିଁ । ଭୂପୃଷ୍ଠରେ ଅନେକ ମତ (ଧର୍ମ) ଥିଲେ ମଧ୍ୟ, ଆଧ୍ୟାତ୍ମିକବେତ୍ତା, ବୁଦ୍ଧିଜୀବି ଅନେକ ସ୍ୱାମିଜୀ, ବୋଧକ, ଗୁରୁ ଇତ୍ୟାଦି ଥିଲେ ମଧ୍ୟ ସେମାନେ ମତ (ଧର୍ମ) ଉପରେ

ପ୍ରାଧାନ୍ୟ ଦେଉଛନ୍ତି । ସେମାନଙ୍କ ବାଣୀରେ ନାମମାତ୍ର ଦୈବଜ୍ଞାନ (ଐଶ୍ୱରୀୟ ଜ୍ଞାନ) ରହିଛି । କେତେକ ସ୍ୱଳ୍ପ ସାଧାରଣ ଜ୍ଞାନକୁ ମଧ୍ୟ ଗ୍ରହଣ କରିନ ପାରି, ମତ ଉପରେ ଅଧିକ ପ୍ରାଧାନ୍ୟ ଦେଉଥିବାରୁ ସେମାନଙ୍କୁ, ସେମାନଙ୍କ ଜ୍ଞାନବାଣୀ ଶୁଣୁଥିବା ଅନ୍ୟମାନଙ୍କୁ ମଧ୍ୟ ବାସ୍ତବ ଦୈବିବିଧାନ ଅଜଣା ରହିଯାଉଛି । କିଛି ଦୈବଜ୍ଞାନ ଜାଣିଥିବା ଲୋକ କ୍ୱଚିତ୍ ଦେଖିବାକୁ ମିଳିଥା'ନ୍ତି ଆଉ ସେମାନେ ପରମାତ୍ମାଙ୍କୁ ପିତା ବୋଲି ସ୍ୱୀକାର ମଧ୍ୟ କରିଥା'ନ୍ତି ଏହା ସତ୍ୟ, ହେଲେ ପ୍ରକୃତି କଅଣ ? ତାଠାରୁ ଜନ୍ମ ହୋଇଥିବା ମାୟା କଅଣ ? ସେହି ମାୟା ମଣିଷ ଶରୀରରେ କିପରି ରହିଛି, କେଉଁଠି ରହିଛି, ମଣିଷ ଭିତରେ ମାୟା ମଣିଷକୁ କିପରି ଭ୍ରମିତ କରୁଛି କିଛି ମଧ୍ୟ ଜଣା ନାହିଁ । ଆମେ ପରମେଶ୍ୱରଙ୍କୁ ବିଶ୍ୱାସ କରୁଛୁ କହୁଥିବା ଲୋକମାନେ, ତାହାଙ୍କୁ ପିତା କହୁଥିବା ଲୋକମାନେ, ଆମ ମତ ଛଡା ଅନ୍ୟ କୌଣସି ମତରେ ଦୈବବିଶ୍ୱାସୀ ନାହାନ୍ତି ବୋଲି କହୁଥିଲେ ମଧ୍ୟ ସେମାନେ କେବଳ ପିତାଙ୍କୁ ସ୍ୱୀକାର କରିଥା'ନ୍ତି ସିନା, ପ୍ରକୃତି (ମାତା) ବାବଦରେ ଜାଣି ନାହାନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ମାତା ବାବଦରେ ନଜାଣିଲେ କେହି ପିତାଙ୍କୁ ଜାଣି ପାରନ୍ତି ନାହିଁ, କାରଣ ! ପିତା କିଏ ସେକଥା କେବଳ ମାତା କହିଥାଏ । ପରମାତ୍ମା କିଏ ସେକଥା କେବଳ ମାୟା ଭାବରେ ଥିବା ପ୍ରକୃତିକୁ ଜଣାଥାଏ । ସେଥିଲାଗି ପ୍ରକୃତି ତିଆରି କରିଥିବା ଶରୀରରେ ଗୁଣ ରୂପରେ ଥିବା ମାୟାକୁ ଜାଣି, ଶରୀରରେ ସେ (ଜୀବ) କିଏ ? କେଉଁଠାରେ ଅଛି ? କ'ଣ କରୁଛି ? ଜାଣିବା ଉଚିତ୍ ତା'ଛଡା ଶରୀରରେ ହେଉଥିବା କାର୍ଯ୍ୟସମୂହ କିଏ କରୁଛି ? ଶରୀର ବାହାରେ ଶରୀର ଦ୍ୱାରା ହେଉଥିବା କାର୍ଯ୍ୟସମୂହ କିଏ କରୁଛି ? ସବୁକିଛିର ଜ୍ଞାନକୁ ଜାଣିବା ଉଚିତ୍ । ଶରୀର ଯନ୍ତ୍ରାଙ୍ଗକୁ ଜାଣିବା ପରେ, ମାତା ହୋଇଥିବା ପ୍ରକୃତି କିପରି ରହିଛି ଜଣାପଡିଥାଏ । ତା'ଛଡା ପିତା ପରମାତ୍ମା କିପରି ରହିଛନ୍ତି ଜାଣିବାକୁ ସୁଯୋଗ ମିଳିଥାଏ । ପ୍ରପଞ୍ଚରେ ଭୌତିକ ପିତାକୁ ଯେମିତି ମାତା ନଥାଇ ଜାଣିହୁଏ

ନାହିଁ, ସେହିଭଳି ଅଭୌତିକ ପରମାତ୍ମାଙ୍କ ବାବଦରେ, ମାୟାକୁ (ବାବଦ ରେ) ନଜାଣିଲେ କିଛି ଜାଣି ପାରିବା ନାହିଁ । ଅଭୌତିକ ମାତା ପିତାଙ୍କୁ ଜାଣି ପାରିବା ବେଳେ ଭୌତିକ ମାତାପିତାଙ୍କଠାରୁ ଆଉ ଜନ୍ମ ମିଳେ ନାହିଁ । ସେତେବଳେ ଶରୀର ଆବଶ୍ୟକ ମଧ୍ୟ ନଥାଏ । ଯିଏ ମାତାକୁ ଜାଣିପାରେ ସେ ମାତା ଦ୍ୱାରା ପିତାକୁ ଜାଣି ପିତା ପାଖରେ ପହଞ୍ଚିଥାଏ । ପରଲୋକରେ ଥିବା ପିତାଙ୍କ ପାଖରେ ପହଂଚିବା ପାଇଁ କେବଳ ମାତା ଦ୍ୱାରା ସମ୍ଭବ ହୋଇଥାଏ । ମାତାକୁ ଭୂଲିଯାଇଥିବା ଲୋକ ପିତାକୁ ଜାଣିପାରେ ନାହିଁ । ମାତାପିତାଙ୍କୁ ଯିଏ ଜାଣିଯାଏ ସେ ଆଉ କେଉଁଠାରେ ଜନ୍ମ ହୁଏ ନାହିଁ । କାରଣ ! ସେତିକିରେ ସେ ଜନ୍ମ ରହିତ ହୋଇଯାଏ । ତାହାକୁ ହିଁ ମୁକ୍ତି ବା ମୋକ୍ଷ କୁହାଯାଏ । ପ୍ରତ୍ୟେକ ମତର ଲୋକମାନେ ଏହି ନିୟମ ଅନୁସାରେ ପିତା ପରମେଶ୍ୱରଙ୍କ ପାଖରେ ପହଞ୍ଚନ୍ତୁ ବୋଲି ଜଣାଉଛୁ । **ଓଁ ମାତାପିତାୟ ନମଃ ।**

*****

**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

*****

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

*****

**ତୋ 'ର ମାତା କିଏ ତୋତେ ଜଣାପଡିଗଲେ ତୋ'ର ପିତାଙ୍କୁ ଜାଣି ପାରିବୁ, ତୋ'ର ପିତା କିଏ ତୋତେ ଜଣାପଡିଗଲେ ତୋ'ର ଲକ୍ଷ୍ୟ କ'ଣ ଜାଣି ପାରିବୁ ।**

ଅବଶ୍ୟ ପାଠକରନ୍ତୁ ପାଠକରାନ୍ତୁ

# ଦେବାଳୟ ରହସ୍ୟ

ପ୍ରପଞ୍ଚପଟ୍ଟରେ ଭାରତଦେଶ ଆଧ୍ୟାତ୍ମିକର ଏକୁଟିଆ ଭାବରେ କୁହାଯାଉଥିବା ଦକ୍ଷିଣ ଭାରତଦେଶ ସ୍ୱଚ୍ଛ ଐଶ୍ୱରୀୟ ଜ୍ଞାନର ନିଳୟ । ଦକ୍ଷିଣ ଭାରତଦେଶରେ ନିର୍ମିତ ହୋଇଥିବା ଦେବାଳୟଗୁଡିକ (ମନ୍ଦିରଗୁଡିକ), ସୃଷ୍ଟ୍ୟାରମ୍ଭରେ କୁହାଯାଇଥିବା ଐଶ୍ୱରୀୟ ଜ୍ଞାନର ସଙ୍କେତ ତଥା ସନ୍ଦେଶ ଭାବରେ ବିରାଜିତ । ଦେବାଳୟଗୁଡିକର ବିଧିବିଧାନ ଜଣାନଥିବା ଦୂର୍ଭାଗ୍ୟ ପରିସ୍ଥିତିରେ ଆମେ ଆଜି ରହିଛେ । ଆମ ଉତ୍ତରପିଢୀ ପଚାରୁଥିବା ପ୍ରଶ୍ନର ଉତ୍ତର ଦେଇପାରୁ ନଥିବା ସ୍ଥିତିରେ ଦେବାଳୟଗୁଡିକୁ ରଖି ଆମେ ହିଁ ତାହାକୁ ପ୍ରଶ୍ନାର୍ଥକ କରିଦେଉଛେ । ଆଧ୍ୟାତ୍ମିକ ରହସ୍ୟଗୁଡିକୁ ଦେବାଳୟଗୁଡିକର ପାଦେପାଦେ ସେଦିନର ଜ୍ଞାନୀମାନେ ଖଞ୍ଜିଥିବାବେଳେ, ସେଗୁଡିକୁ ଯେଉଁମାନେ ଖୋଜନ୍ତି ସେମାନଙ୍କୁ ସେହି ରହସ୍ୟଗୁଡିକ ଅଜଣା ରହିଯିବା ସମୟରେ ମରୁଭୂମିରେ ସବୁଜିମା ମିଳିଯିବା ଭଳି ଅପରୂପ ଆଧ୍ୟାତ୍ମିକକ ଗ୍ରନ୍ଥ ହୋଇ ଆମକୁ ମିଳିଯାଇଛି ଏହି "ଦେବାଳୟ ରହସ୍ୟ" ।

ଏହି ଗ୍ରନ୍ଥରେ ଦେବାଳୟର ମୁଖଶାଳାଠାରୁ ଆରମ୍ଭ କରି ଗର୍ଭଗୃହ ର ସାକାର ପ୍ରତିମା ପର୍ଯ୍ୟନ୍ତ ଏବଂ ପ୍ରତିମାର ପୂଜା ବିଧିରେ ଥିବା ପ୍ରତି କାର୍ଯ୍ୟକଳାପକୁ ସୁନ୍ଦରଶୈଳୀରେ ଶାସ୍ତ୍ରବଦ୍ଧ ବିବରଣୀ ଦିଆଯାଇଛି । ଏପର୍ଯ୍ୟନ୍ତ କେହି ଖୋଲି କହିପାରି ନଥିବା ଆଧ୍ୟାତ୍ମିକ ରହସ୍ୟର ଉନ୍ମୋଚନ କରି ସର୍ବପ୍ରଥମେ ପ୍ରବୋଧାନନ୍ଦ ଯୋଗୀଶ୍ୱର ସାରା ପ୍ରପଞ୍ଚକୁ (ଦୁନିଆକୁ) ଜଣାଇଛନ୍ତି ।

ରଚୟିତା : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ  ପାଠକରାନ୍ତୁ

# ପ୍ରେତ - ଭୂତଙ୍କ ଯଥାର୍ଥ ସଙ୍ଘଟନା ।

ବିଜ୍ଞାନ ରଙ୍ଗମଞ୍ଚରେ ନାସ୍ତିକମାନଙ୍କ ଦୃଷ୍ଟି ନିକ୍ଷେପ, ଆଧ୍ୟାତ୍ମିକରେ ଆସ୍ତିକମାନଙ୍କ ଜ୍ଞାନୋଦୟ କରୁଥିବା ଏହି ଗ୍ରନ୍ଥଟି ମହା ଶକ୍ତିବନ୍ତ ଗ୍ରନ୍ଥ । ଏହି ଗ୍ରନ୍ଥକୁ ପାଠ ପଢିନଥିବା ଲୋକମାନେ ବିଶ୍ୱାସରେ ପାଖରେ ରଖିଲେ, ପାଠ ପଢିଥିବା ଲୋକମାନେ ଭକ୍ତିଭାବରେ ପଢିଲେ ଏଥିରୁ ଜ୍ଞାନ ଜାଣି ପାରିବା ସହିତ, ତା ପୂର୍ବରୁ କେଇଶହ ଟଙ୍କା ଖର୍ଚ୍ଚକରି ମଧ ଭଲ ହୋଇନଥିବା ରୋଗସବୁ ଚିକିତ୍ସା ନକରି ଭଲହୋଇଯାଏ । ଏହି ଗ୍ରନ୍ଥ ପାଠକଲେ ପ୍ରେତ କହିଲେ କଅଣ ଭୂତ କହିଲେ କଅଣ ଜଣାପଡିଯାଏ ।

ରଚୟିତା : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**